

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 2 FEBRUARY 2024

Vol.No. 35 ■ No.32 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଅନ୍ତରୀଣ ବଜେଟ ଉପସ୍ଥାପନ କଲେ କେନ୍ଦ୍ର ଅର୍ଥମନ୍ତ୍ରୀ

- ■ କାମଚଳା ବଜେଟରେ ୪୭ ଲକ୍ଷ ୬୬ ହଜାର କୋଟି ଟଙ୍କାର ବ୍ୟୟବରାଦ
- ■ ବଜେଟରେ ଲାକ୍ଷାଦ୍ୱୀପ ପାଇଁ ସ୍ୱତନ୍ତ୍ର ଘୋଷଣା



ନୂଆଦିଲ୍ଲୀ, ୧/୨ : ୫୭ ମିନିଟର ବଜେଟ୍ ଅଭିଭାଷଣରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମୋଦୀ ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଦେଇଛନ୍ତି । କହିଛନ୍ତି ଆମ ସରକାରଙ୍କ ୪ଟି ଜାତି । ଗରିବ, ମହିଳା, ଚାଷୀ ଓ ଯୁବବର୍ଗ । ତେଣୁ ସାଧାରଣ ନିର୍ବାଚନ ପୂର୍ବରୁ ମୋଦୀ ସରକାରଙ୍କ ଶେଷ ବଜେଟ୍ରେ ମୋଟାମୋଟି ଏହି ୪ ବର୍ଗକୁ ଫୋକସ କରାଯାଇଛି । ୩କୋଟି ଗରିବଙ୍କ ମୁଣ୍ଡ ଉପରେ ଛାତ ନିର୍ମାଣ ସରିଛି, ଆଗାମୀ ୫ ବର୍ଷରେ ଆଉ ୨ କୋଟି ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ଲକ୍ଷ୍ୟ। ୧ କୋଟି ଘର ଛାତ ଉପରେ ସୌର ପ୍ୟାନେଲ ଲଗାଇ ମାସିକ ୩୦୦ ୟୁନିଟ ଯାଏଁ ମାଗଣା ବିଜୁଳି ଯୋଗାଇ ଦିଆଯିବ। ଏସ୍ଏଚ୍ଜି ଜରିଆରେ ୧ କୋଟି ମହିଳା ଲକ୍ଷପତି ଦିଦି ହୋଇପାରିଛନ୍ତି, ଏହାକୁ ୩ କୋଟି କରିବାକୁ ଲକ୍ଷ୍ୟ। ସର୍ଭିକାଲ କ୍ୟାନ୍ସରରୁ ସୁରକ୍ଷା ପାଇଁ ୯ରୁ ୧୪ ବର୍ଷର ଝିଅଙ୍କ ମାଗଣାରେ ହେବ ଟିକାକରଣ। 'ଆୟୁଷ୍ମାନ' ଯୋଜନାରେ ସାମିଲ ହେବେ ସମସ୍ତ ଆଶାକର୍ମୀ, ଆଙ୍ଗନବାଡି ଦିଦି ଓ ସହାୟିକା। ଭାରତ ବିଶ୍ୱର ସବୁଠୁ ବଡ଼ ଦୁଗ୍ଧ ଉତ୍ପାଦକ, ଆଗକୁ ଉତ୍ପାଦକତା ବୃଦ୍ଧି ନେଇ ପଦକ୍ଷେପ ନିଆଯିବ। ମତ୍ସ୍ୟ ପାଳନକୁ ପ୍ରୋତ୍ସାହିତ କରିବା ପାଇଁ ଅଲଗା ବିଭାଗ, ମତ୍ସ୍ୟ ସଂପଦ ଯୋଜନାରେ ୫୫ ଲକ୍ଷ ନୂଆ ରୋଜଗାର ସୃଷ୍ଟି। ନାନୋ ୟୁରିଆକୁ ଚାଷୀ ଆପଣାଇଛନ୍ତି, ନାନୋ ଡିଏପିର ପ୍ରୟୋଗ ପାଇଁ ପ୍ରୋତ୍ସାହିତ କରାଯିବ। ଦେଶରେ ୩ ହଜାର ନୂଆ ଆଇଟିଆଇ ଅନୁଷ୍ଠାନ ଖୋଲି, ୫୪ ଲକ୍ଷ ଯୁବକ, ଯୁବତୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ୫୦ ବର୍ଷ ପାଇଁ ୧ ଲକ୍ଷ କୋଟିର କର୍ପସ ପାଣ୍ଠି ହେବ, ଟେକ୍ନୋସାଭି ଯୁବବର୍ଗଙ୍କୁ ବିନା ସୁଧରେ ଋଣ ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀ କହିଛନ୍ତି ବଜେଟ୍ରେ ବିକଶିତ ଭାରତର ୪ଟି ସ୍ତମ୍ଭକୁ ଗୁରୁତ୍ୱ ଦିଆଯାଇଛି । ୨୦୪୭ ସୁଦ୍ଧା ବିକଶିତ ଭାରତକୁ ନଜରରେ ରଖି ବଜେଟ୍ ପ୍ରସ୍ତୁତ ହୋଇଛି । ଭିତ୍ତିଭୂମି ବିକାଶକୁ ଦୃଷ୍ଟିରେ ରଖି ମୋଦୀ ସରକାର ପୁଞ୍ଜି ଖର୍ଚ୍ଚ ୧୧.୧ ଲକ୍ଷ କୋଟି କରିଛନ୍ତି।

▶▶ପୃଷ୍ଠା ୭

## କାମଚଳା ବଜେଟ ଦେଶର ୪ ସ୍ତମ୍ଭକୁ ମଜବୁତ କରିବ: ମୋଦି



ନୂଆଦିଲ୍ଲୀ, ୧/୨ :୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଆଜି ସଂସଦରେ କାମଚଳା ବଜେଟ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ସେ ୪୭.୬୬ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। କାମଚଳା ବଜେଟ ଉପସ୍ଥାପନ ହେବା ପରେ ଏହାକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ବଜେଟ ଦେଶର ୪ ସ୍ତମ୍ଭକୁ ଅଧିକ ମଜୁବତ କରିବ। ଏହି ବଜେଟ ଦେଶର ଭବିଷ୍ୟତ ନିର୍ମାଣ କରିବ ବୋଲି ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଆଜି ଅନ୍ତରୀଣ ବଜେଟ ଉପସ୍ଥାପନ ହୋଇଛି ସତ। କିନ୍ତୁ ଏହା ସମାବେଶୀ ଓ ନୂଆ ପ୍ରକାରର ବଜେଟ। ଏହି ବଜେଟ ବିକଶିତ ଭାରତର ୪ ସ୍ତମ୍ଭ ଯୁବ ଗୋଷ୍ଠୀ, ମହିଳା, ଗରିବ ଓ କୃଷକଙ୍କୁ ସଶକ୍ତୀକରଣ କରିବ। ଏହି ବଜେଟ ଦେଶର ଭବିଷ୍ୟତ ନିର୍ମାଣରେ ସହାୟତା କରିବ। ବଜେଟରେ ୨୦୪୭ ବିକଶିତ ଭାରତ ଗଠନ ପାଇଁ ବ୍ୟବସ୍ଥା ହୋଇଛି। ଯୁବ ଭାରତର ଯୁବ ଆକାଂକ୍ଷାର ଛାପ ରହିଛି। ବଜେଟରେ ୨ଟି ବଡ଼ ବ୍ୟବସ୍ଥା କରାଯାଇଛି। ଗୋଟିଏ ହେଲା ରିସର୍ଚ୍ଚ ଓ ଇନୋଭେସନ ପାଇଁ ୧ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଷ୍ଟାର୍ଟଅପକୁ ମିଳିବାକୁ ଥିବା ଟିକସ ବ୍ୟବସ୍ଥାକୁ ମଧ୍ୟ ସରଳୀକରଣ କରାଯାଇଛି। ବଜେଟରେ ବୀତ୍ତିୟ ନିଟଣ୍ଟକୁ ନିୟନ୍ତ୍ରଣରେ ରଖି ପୁଞ୍ଜି ବ୍ୟୟକୁ ୧୧ ଲକ୍ଷ ୧୧ ହଜାର ୧୧୧ କୋଟି ଛୁଇଁବାର ଐତିହାସିକ ବ୍ୟବସ୍ଥା ହୋଇଛି। ଏହାକୁ ଅର୍ଥନୀତିଜ୍ଞଙ୍କ ଭାଷାରେ ସୁଇଟସ୍ପଟ କୁହାଯାଏ। ଏହାଦ୍ୱାରା ଆଧୁନିକ ଭାରତର ଭିତ୍ତିଭୂମି ବିକାଶ ହେବା ସହ ଯୁବଗୋଷ୍ଠୀଙ୍କ ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବଜେଟରେ ବନ୍ଦେ ଭାରତ ସ୍ତରର ୪୦ ହଜାର ବଗି ତିଆରି କରାଯିବ। ଆମେ ସବୁ ବେଳେ ଲକ୍ଷ୍ୟ ବଡ଼ ରଖିଥାଉ ଓ ଏହାକୁ ପୂରଣ କରିଥାଉ ବୋଲି ମୋଦି କହିଛନ୍ତି।

## ରେଳ ବଜେଟରେ ଓଡ଼ିଶାକୁ ୧୦୫୩୬ କୋଟି ଟଙ୍କା ଆବଣ୍ଟନ: ମିଳିଲା ୫୨୪କୋଟି ଟଙ୍କା ଅଧିକ



ଭୁବନେଶ୍ୱର, ୧/୨ (ନି.ପ୍ର): ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ୧୦୫୩୬କୋଟି ଟଙ୍କାର ରେଳବାଇ ଆବଣ୍ଟନ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ଏହା ୫୨୪କୋଟି ଟଙ୍କା ଅଧିକ । ଆଜି କେନ୍ଦ୍ର ସରକାରଙ୍କ ଅନ୍ତରୀଣ ବଜେଟ ଉପସ୍ଥାପିତ ହେବାପରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଆଜି ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ,ରେଳବାଇ କ୍ଷେତ୍ରରେ ଓଡ଼ିଶାକୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୦୫୩୬କୋଟି ଟଙ୍କା ବରାଦ ହୋଇଛି । ବିଗତ ୩ବର୍ଷ ଧରି ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ହାରାହାରି ୧୦ହଜାର କୋଟି ଟଙ୍କାର ପାଣ୍ଠି ଆବଣ୍ଟିତ ହୋଇଛି । ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨୦୨୪-୨୫ ବର୍ଷରେ ଅଧକ ୫୨୪କୋଟି ଟଙ୍କା ରେଳବାଇ କ୍ଷେତ୍ରରେ ଓଡ଼ିଶାକୁ ଆବଂଟିତ ହୋଇଛି । ଯାହାକି ପୂର୍ବତଟ ରେଳବାଇର ସଂଗ୍ରହ କରିଥିବା ମାଲଭଡ଼ାର ପ୍ରାୟ ୫୦% ବୋଲି ସେ କହିଛନ୍ତି। ୨୦୨୩-୨୪ରେ ଓଡ଼ିଶାକୁ ରେଳ ବଜେଟରେ ୧୦୦୧୨କୋଟି ଟଙ୍କା, ୨୦୨୨-୨୩ରେ ୯୭୩୪କୋଟି ଟଙ୍କା ଆବଣ୍ଟିତ ହୋଇଥିଲା ।

▶▶ପୃଷ୍ଠା ୭

## ବିଚାର ବିଭାଗୀୟ ହାଜତକୁ ଗଲେ ହେମନ୍ତ ସୋରେନ: ୧୦ ଦିନ ପାଇଁ ରିମାଣ୍ଡ ଆବେଦନ କରିଛି ଇଡି



ନୂଆଦିଲ୍ଲୀ, ୧/୨ : ଜେଲ ଗଲେ ଝାଡଖଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ । ହେମନ୍ତ ସୋରେନ୍ଙ୍କୁ ଦିନିକିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି କୋର୍ଟ । ମନି ଲଣ୍ଡରିଂ ମାମଲାରେ ତାଙ୍କୁ ଗିରଫ କରାଯାଇଛି । ହେମନ୍ତଙ୍କୁ ୧୦ ଦିନିଆ ରିମାଣ୍ଡରେ ନେବା ପାଇଁ ଆବେଦନ କରିଛି ପ୍ରବର୍ତନ ନିର୍ଦ୍ଦେଶାଳୟ । ହେମନ୍ତ ସୋରେନ୍ଙ୍କୁ କୋର୍ଟରେ ହାଜର କରିଥିଲା ଇଡି । ଗତକାଲି ଦୀର୍ଘ ଘଂଟାର ପଚରା ଉଚୁରା ପରେ ତାଙ୍କୁ ଗିରଫ କରାଯାଇଥିଲା । ଗିରଫ ହେବା ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ହେମନ୍ତ । ସେପଟେ ଜମି ଦୁର୍ନୀତି ମାମଲାରେ ଗିରଫଦାରି ବିରୋଧରେ ହାଇକୋର୍ଟ ଯାଇଥିବା ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ଙ୍କୁ ବଡ ଝଟ୍କା ଲାଗିଛି । ଜରୁରୀ ଶୁଣାଣିର ଆବଶ୍ୟକତା ନାହିଁ ବୋଲି କହିଛନ୍ତି ଝାଡଖଣ୍ଡ ଉଚ୍ଚ ନ୍ୟାୟାଳୟ । ଏଥିପାଇଁ ଆସନ୍ତାକାଲି ଶୁଣାଣି ହେବ । ଗିରଫଦାରି ବିରୋଧରେ ସୁପ୍ରିମକୋର୍ଟରେ ମଧ ଆବଦନ ହୋଇଛି । ଆସନ୍ତାକାଲି ସୁପ୍ରିମକୋର୍ଟରେ ବି ଶୁଣାଇ ହୋଇପାରେ ।

## ଭୂସ୍ଖଳନ ଯୋଗୁ ଜାମ୍ମୁ-ଶ୍ରୀନଗର ରାଷ୍ଟ୍ରୀୟ ରାଜମାର୍ଗ ବନ୍ଦ

ଜାମ୍ମୁ, ୧/୨ :ଜାମ୍ମୁ କାଶ୍ମୀରରେ ପ୍ରବଳ ବର୍ଷା ଏବଂ ବରଫପାତ ସହିତ ଭୂସ୍ଖଳନ କାରଣରୁ ଜାମ୍ମୁ-ଶ୍ରୀନଗର ରାଷ୍ଟ୍ରୀୟ ରାଜମାର୍ଗରେ ଗୁରୁବାର ଦିନ ଯାତାୟାତ ବନ୍ଦ ହୋଇଯାଇଛି। ରାଜମାର୍ଗରେ ରାମବନ ଏବଂ ବନିହାଲ ମଧ୍ୟରେ ଭୂସ୍ଖଳନ ହୋଇଛି। ବନ୍ଦ ରାସ୍ତାକୁ ସଫା କରିବା ପାଇଁ କର୍ମଚାରୀମାନେ ତଥା ମଶିନାରୀକୁ ଲଗାଯାଇଛି। ରାସ୍ତା ସଫା ହେବାପରେ ଯାନଗୁଡ଼ିକୁ ଯାତାୟାତର ଅନୁମତି ଦିଆଯିବ। ଏସ୍ଏସ୍ପି ରାଷ୍ଟ୍ରୀୟ ରାଜମାର୍ଗ କହିଛନ୍ତି ଯେ ରାମବନ ଏବଂ ବନିହାଲ ମଧ୍ୟରେ ପ୍ରବଳ ବର୍ଷାରେ ପାହାଡ଼ରୁ ବଡ଼ ବଡ଼ ପଥର ତଥା କାଦୁଅ ରାଜମାର୍ଗରେ ଆସିଯାଇଛି, ଯେଉଁଥିରେ ରାଜମାର୍ଗ କ୍ଷତିଗ୍ରସ୍ତ ହୋଇଛି। ସେ କହିଛନ୍ତି ଯେ ରାସ୍ତାକୁ ସଫା ଏବଂ ଠିକ୍ କରିବା କାର୍ଯ୍ୟ ଜାରି ରହିଛି। ସେ କହିଛନ୍ତି ଯେ ରାସ୍ତା ସଫାହେବା ତଥା ଯାତାୟାତ ଉପଯୋଗୀ ହେବାପରେ ଯାନଗୁଡ଼ିକ ଯିବାଆସିବା ଆରମ୍ଭ କରିଦିଆଯିବ।

## ୪ କୋଟି ଟଙ୍କା ଠକେଇ ଅଭିଯୋଗରେ ବିଲ୍ଡର ଗିରଫ



ଭୁବନେଶ୍ୱର, ୧/୨ (ନି.ପ୍ର): ୪ କୋଟି ଟଙ୍କା ଠକେଇ ଅଭିଯୋଗରେ ଇଓଡବ୍ଲ୍ୟୁ ଜଣେ ବିଲ୍ଡରଙ୍କୁ ଗିରଫ କରିଛି। ତାଙ୍କ ନାଁ ଦୀପକ କୁମାର ଛୋଟରାୟ। ତାଙ୍କ ଘର ପୁରୀ ଜିଲ୍ଲା ଡେଲାଙ୍ଗରେ। ଅନୀଲ କୁମାର ପଣ୍ଡା ଓ ଅନ୍ୟ ୩୪ ଜଣ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ଦୀପକ କୁମାର ଛୋଟରାୟଙ୍କୁ ଗିରଫ କରିଛି। ପାତ୍ରପଡ଼ାରେ ପ୍ଲଟ ଦେବାକୁ କହି ଜିଏଲ୍ଫ୍ ଇନ୍ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ ଲିମିଟେଡ୍ ନାମକ ଏକ କମ୍ପାନୀ ଏହି ଅଭିଯୋଗକାରୀମାନଙ୍କ ଠାରୁ ଭିନ୍ନ ଭିନ୍ନ ପରିମାଣର ଟଙ୍କା ନେଇଥିଲା। ଏହି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ଏମ୍ଡି) ହେଉଛନ୍ତି ଅଭିଯୁକ୍ତ ଦୀପକ କୁମାର ଛୋଟରାୟ। ଅଭିଯୋଗକାରୀଙ୍କ ଠାରୁ ଟଙ୍କା ନେବାର କିଛି ଦିନ ପରେ କଂପାନୀ ସେମାନଙ୍କୁ କହିଥିଲା ଯେ ପାତ୍ରପଡ଼ା ଅଞ୍ଚଳରେ ଜମିର ବ୍ୟବସ୍ଥା ହୋଇପାରିଲା ନାହିଁ। ତେଣୁ ସେମାନଙ୍କୁ ଗାଡ଼କଣରେ ଫ୍ଲାଟ ଯୋଗାଇ ଦିଆଯିବ ବୋଲି କହିଥିଲା କଂପାନୀ। ଏହା ପରେ ଏହି ୩୫ ଅଭିଯୋଗକାରୀଙ୍କ ଠାରୁ ୧୨ ଲକ୍ଷ ଟଙ୍କା ଲେଖାଏ ନେଇଥିଲା। ୨୦୧୬ରୁ ୨୦୧୯ ମଧ୍ୟରେ କଂପାନୀ

▶▶ପୃଷ୍ଠା ୭

## ୩୦ବର୍ଷର ଅପେକ୍ଷା ଶେଷ: ଜ୍ଞାନବ୍ୟାପି ତହଖାନାରେ ଶୁଭିଲା ଘଂଟଧ୍ୱନି, ଶ୍ଳୋକମନ୍ତ୍ର

ନୂଆଦିଲ୍ଲୀ, ୧/୨ : ୩୦ବର୍ଷ ଅପେକ୍ଷାର ହେଲା ଅନ୍ତ । ୩ଦଶନ୍ଧି ପରେ ଜ୍ଞାନବାପୀ ମସଜିଦ ପରିସରରେ ଥିବା 'ବ୍ୟାସଜୀ କା ତହଖାନା'ରେ ଆରମ୍ଭ ହେଲା ପୂଜାର୍ଚ୍ଚନା । ବୁଧବାର ମାମଲାର ଶୁଣାଣୀ ପରେ ହିନ୍ଦୁ ପକ୍ଷଙ୍କୁ ପୂଜାର୍ଚ୍ଚନା ପାଇଁ ବାରଣାସୀ କୋର୍ଟ ରାୟ ଶୁଣାଇଥିଲେ । ଏହାପରେ ଗୁରୁବାର ସକାଳୁ କାଶୀ ବିଶ୍ୱନାଥ ମନ୍ଦିରର ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା ଆରମ୍ଭ ହୋଇଛି । ହିନ୍ଦୁପକ୍ଷର ଆଇନଜୀବୀ ବିଷ୍ଣୁଶଙ୍କର ଜୈନ ପୂଜାବେଳର ଭିଡିଓକୁ ନିଜ ସୋସିଆଲ ମିଡିଆ ଆକାଉଁଟରେ ସେୟାର କରିଛନ୍ତି । ପୂର୍ବରୁ ଏଠାରେ ପୂଜାର୍ଚ୍ଚନା ଉପରେ ରୋକ ଲଗାଯାଇଥିବା ବେଳେ କୋର୍ଟଙ୍କ ଐତିହାସିକ ରାୟ ପରେ ବଦଳିଛି ନିୟମ । ପୂଜାର୍ଚ୍ଚନା ଆରମ୍ଭ ହୋଇଥିବା

▶▶ପୃଷ୍ଠା ୭

## ମାଲକାନଗିରିର କନିଷ୍ଠ ଯନ୍ତ୍ରୀଙ୍କୁ ବାନ୍ଧିଲା ଭିଜିଲାନ୍ସ

ଭୁବନେଶ୍ୱର, ୧/୨ (ନି.ପ୍ର): ମାଲକାନଗିରି କାଡା ଡିଭିଜନର କନିଷ୍ଠ ଯନ୍ତ୍ରୀ ସଂଜୟ ମହାନ୍ତି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ସେ ନିଜ ଆୟର ୨୩୬ ପ୍ରତିଶତ ସଂପତ୍ତି ଠୁଳ କରିଥିବା ଜଣାଯାଇଛି। ମାଲକାନଗିରିର କନିଷ୍ଠ ଯନ୍ତ୍ରୀ ସଂଜୟ ମହାନ୍ତିଙ୍କ ଘର ଓ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ାଉ ହୋଇଥିଲା । ଚଢ଼ାଉ ବେଳେ ଭଡ଼ା ଘରୁ ୧ଲକ୍ଷ ୧୫ହଜାର ଟଙ୍କା ନଗଦ ଜବତ କରିଥିଲା ଭିଜିଲାନ୍ସ । ଏହାସହ ଗୋଟିଏ କାର ଓ ବାଇକ ବି ଜବତ ହୋଇଥିଲା । ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ୭ଟି ସ୍ଥାନରେ ଚଢ଼ାଉ କରିଥିଲା। ମାଲକାନଗିରିର ଭଡ଼ାଘର ଓ କାର୍ଯ୍ୟାଳୟ ସମେତ ବାଲେଶ୍ୱର, ଜଳେଶ୍ୱର ଓ ଭୁବନେଶ୍ୱରରେ ଚଢ଼ାଉ ଚାଲିଛି । ଏହି ଚଢ଼ାଉରେ ଜଣେ

▶▶ପୃଷ୍ଠା ୭

## ମାହାଙ୍ଗା ଡବଲ ମର୍ଡର : ପ୍ରତାପଙ୍କ ଆବେଦନର ଶୁଣାଣି ଘୁଂଚିଲା

ଭୁବନେଶ୍ୱର, ୧/୨ (ନି.ପ୍ର): ମାହାଙ୍ଗା ଡବଲ ମର୍ଡର ମାମଲାରେ ହାଇକୋର୍ଟରେ ପ୍ରତାପ ଜେନାଙ୍କ ଆବେଦନର ଶୁଣାଣି ଘୁଂଚିଛି। ଆସନ୍ତା ୧୩ ତାରିଖରେ ମାମଲାର ପରବର୍ତୀ ଶୁଣାଣି ହେବ। ସାଲେପୁର ଜେଏମଏଫସିଙ୍କ ରାୟକୁ ଚ୍ୟାଲେଞ୍ଜ କରି ପ୍ରତାପ ହାଇକୋର୍ଟ ଯାଇଥିଲେ। ୩୦୨ରେ ମାମଲା ଚାଲୁ ପାଇଁ ଜେଏମଏଫସି ନିର୍ଦ୍ଦେଶ ଦେଇଥିଲେ। ତଳ କୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜକରି ହାଇକୋର୍ଟ ଯାଇଛନ୍ତି ପ୍ରତାପ।

## ସୋରେନଙ୍କୁ ହାତକଡ଼ି: ଚମ୍ପାଇଙ୍କୁ ମୁଖ୍ୟମନ୍ତ୍ରୀ ଆସନ



ଝାଡ଼ଖଣ୍ଡ, ୧/୨: କିଛି ଘଂଟା ମଧ୍ୟରେ ବଦଳିଯାଇଛି ଝାଡ଼ଖଣ୍ଡ ରାଜ୍ୟରାଜନୀତିର ମାନଚିତ୍ର । ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଗିରଫ ପରେ ଏବେ ଝାଡ଼ଖଣ୍ଡର ନୂଆ ମୁଖ୍ୟମନ୍ତ୍ରୀ ଏଣିକି ଚମ୍ପାଇ ସୋରେନ । ଜେଏମଏମ ପକ୍ଷରୁ ତାଙ୍କୁ ବିଧାୟକ ଦଳର ନେତା ନିର୍ବାଚିତ କରାଯାଇଯିବା ପରେ ମୁଖ୍ୟମନ୍ତ୍ରୀ ହେବା ପାଇଁ ସମସ୍ତ ରାସ୍ତା ସଫା ହୋଇଛି । ଜେଏମଏମର ସବୁଠୁ ବରିଷ୍ଠ ନେତା ହେଉଛନ୍ତି ଚମ୍ପଇ ସୋରେନ । ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ମୁଖ୍ୟ ଶିବ ସୋରେନ ଓ ହେମନ୍ତ ସୋରେନଙ୍କ ଘନିଷ୍ଠ ସହଯୋଗୀ ହୋଇଥିବାରୁ ଦଳ ତାଙ୍କ ଉପରେ ବିଶ୍ୱାସ ପ୍ରକଟ କରିଥିବା କୁହାଯାଉଛି । ସେପଟେ ଚମ୍ପଇ ସୋରେନ କହିଛନ୍ତି ଝାଡ଼ଖଣ୍ଡର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କୁ ଯେଉଁ ଦାୟିତ୍ୱ ଦିଆଯିବ ତାକୁ ସେ ସୁଚାରୁରୂପେ ତୁଲାଇବେ ବୋଲି କହିଛନ୍ତି । ଚମ୍ପାଇ ସୋରେନଙ୍କୁ ଝାଡ଼ଖଣ୍ଡ ଟାଇଗର କୁହାଯାଏ । କାରଣ ସ୍ୱତନ୍ତ୍ର ଝାଡ଼ଖଣ୍ଡ ରାଜ୍ୟଗଠନ ଆନ୍ଦୋଳନରେ ଚମ୍ପାଇ ସୋରେନ ବଡ଼ ଭୂମିକା ତୁଲାଇଥିଲେ ।

▶▶ପୃଷ୍ଠା ୭

# ଅପରାଧୀଙ୍କୁ ଦୃଢ ହସ୍ତରେ ଦମନ କରାଯିବ: ପୁରୀ ଏସପି

ପୁରୀ, ୧/୨ (ନି.ପ୍ର): ବିଧିବଦ୍ଧ ଭାବେ କାର୍ଯ୍ୟାଳୟରେ ଯୋଗ ଦେଇଛନ୍ତି ନୂଆ ଏସ୍‌ପି ପିନାକ ମିଶ୍ର । ଯୋଗ ଦେବା ପରେ ଆନୁଷ୍ଠାନିକ ଭାବେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସହରର ବିଭିନ୍ନ ଅପରାଧ ସମ୍ପର୍କରେ ଆଲୋଚନା କରିଥିଲେ । ମହାପ୍ରଭୁଙ୍କ ଅଶେଷ କରୁଣାରୁ ତାଙ୍କରି ଧାମରେ ସେବା କରିବାର ସୁଯୋଗ ମିଳିଛି ବୋଲି କହିଥିଲେ । ପୁରୀ ଏକ ଧାର୍ମିକ ଓ ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ଏଠାରେ କୌଣସି କାର୍ଯ୍ୟକଳାପ ଅପରାଧକୁ କେବେ ବରଦାସ୍ତ କରାଯିବ ନାହିଁ ବୋଲି ସୂଚନା ଦେଇଥିଲେ । କଳାହାଣ୍ଡିରୁ କଳା ଠାକୁରଙ୍କ କ୍ଷେତ୍ରରେ କାମ କରିବାର ସୁଯୋଗ ମିଳିଛି । ଆଇପିଏସ୍ ପାଇବା ପରେ ମାଲକାନାଗିରି,ସୁନ୍ଦରଗଡ଼ ଓ ଅନ୍ୟ ସ୍ଥାନରେ କାର୍ଯ୍ୟ କରିବା ପରେ କଟକ ଏସପି ଭାବେ କାର୍ଯ୍ୟ କରିଥିଲେ । କଟକରେ ଏବେ ପୁରୀରେ କାମ କରିବାର ସୁଯୋଗ ମିଳିଛି । ଶାନ୍ତ ସହରକୁ ଶାନ୍ତିରେ ରଖିବା ପାଇଁ ଜନସାଧାରଣ ଓ ଗଣମାଧ୍ୟମର ସହଯୋଗ ଲୋଡ଼ିଥିଲେ । ଏହା ପୂର୍ବରୁ ଜିଲ୍ଲାରେ ଥିବା ବିଭିନ୍ନ ଥାନାର ଅଧିକାରୀମାନେ ନୂଆ ଏସପିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଥାନା ଅଂଚଳରେ ବିଭିନ୍ନ ସମସ୍ୟା ଓ ଅପରାଧ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ ।

# ବ୍ରହ୍ମବରଦା ମହାବିଦ୍ୟାଳୟରେ ନୂଆ ଓ ଓଡିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ଧର୍ମଶାଳା, ୧/୨ (ନି.ପ୍ର): ଚରିତ୍ର ତିଆରି କରିବା ପାଇଁ ଓଡିଆ ସାହିତ୍ୟ ଏକ ବଡ ମାଧ୍ୟମ । ଯାହାକି ନିଜର ପରିଚୟ ସୃଷ୍ଟି କରବି ଏହା ଏକ ଉଚିତ୍ ସମୟ । ମଣିଷ ହେବାକୁ ହେଲେ ସାଧନାର ଆବଶ୍ୟକତା ରହିଛି ବୋଲି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ 'ନୂଆ ଓ' ଓଡିଆ ସାହିତ୍ୟ ପ୍ରତିଯୋଗିତାର ଉଦଯାପିତ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗ ଦେଇ ମତବ୍ୟକ୍ତ କରିଥିଲେ । ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଦର୍ଶନ ପୃଷ୍ଟିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଯାପିତ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶନୀ ଦେଓ, ସମିତିସଭ୍ୟା ରୁକ୍‌ସାନା ପରଭ୍ନିନ, ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢୀ,ଶିକ୍ଷାବିତ୍ ଆଲାଉଦ୍ଦିନ ଖାଁନ,ପୂର୍ବତନ ସରପଂଚ ବିପିନ ବିହାରୀ ଦେଓ ଓ ଯୁବ ନେତା ପ୍ରଦୀପ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଅଧ୍ୟାପକ ଉଲ୍ଲାସ କୁମାର ବିଶ୍ୱାଳ ଅତିଥିମାନଙ୍କୁ ମଂଚକୁ ନିମନ୍ତ୍ରଣ କରିଥିବା ବେଳେ ନୋଡାଲ ଅଫିସର ପ୍ରାଧ୍ୟାପକ ଅକ୍ଷୟ କୁମାର ସାହୁ ଅତିଥି ପରିଚୟ,ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଡ. ବିକ୍ରମ କୁମାର ମହାପାତ୍ର ନୂଆ ଓ ସାହିତ୍ୟ ପ୍ରତିଯୋଗିତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଛାତ୍ରୀ ଅମ୍ରିତା ଦେଓ ଓ ତୃପ୍ତିମୟୀ ଲେଙ୍କା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ଅଧ୍ୟାପକ ଉଲ୍ଲାସ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଏହି ବିଦ୍ୟାଳୟରେ ମୁଖ୍ୟ ଭୂମିକା ନେଇଥିବା ଅଧ୍ୟକ୍ଷ ଡ. ସୁଦର୍ଶନ ପୃଷ୍ଟି,ଉର୍ଦ୍ଧ୍ୱ ପ୍ରାଧ୍ୟାପକ ସେକ୍ ନିୟାମତ ହୋସେନ, ରାଜନୀତି ବିଭାଗ ଅଧ୍ୟାପକ ଦୀଲ୍ଲିପ କୁମାର ସାହୁ,ଅଧ୍ୟାପକ ଡ, ବିକ୍ରମ କୁମାର ମହାପାତ୍ର,କ୍ରୀଡା ପ୍ରଶିକ୍ଷକ ସେକ୍ ନିଜାମୁଦ୍ଦିନ ଓ କାର୍ଯ୍ୟାଳୟ ମୁଖ୍ୟ ବିଷ୍ଣୁ ଚରଣ ଓଝାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ବିଦ୍ୟାଳୟରେ କୃତିପ୍ରତିଯୋଗୀମାନଙ୍କୁ ଅତିଥିମାନେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅଧ୍ୟାପକ ମନୋଜ କୁମାର ପୃଷ୍ଟି,ସୁକାନ୍ତ ସାହୁ, ଦିଲୁନା ବାରିକ୍,ଶ୍ରୀନିବାସ ଜେନା, ସେକ୍ ନିୟାମତ ହୋସେନ, ଅଶୋକ ଜେନା,ଅଟଳ ଜେନା, ଅଧ୍ୟାପିକା ବନଲତା ଲେଙ୍କା, ରଶ୍ମିତା ସାମଲ, ସ୍ୱରୂପାନନ୍ଦ ନାୟକ, ବଳରାମ ରାଉତ, ବୈଲୋଚନ ମହାନ୍ତି, ଆଲୋକ ବେହେରା, ସତ୍ୟାନନ୍ଦ ରାଉତ, ଶ୍ରୀଧର ସାହୁ ଓ ଅରକ୍ଷିତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ରାଜ କିଶୋର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୨ୟ ବାର୍ଷିକ ଉତ୍ସବ




ବାଲେଶ୍ୱର, ୧/୨ (ନି.ପ୍ର): ମାନସିଂ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୨ୟ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀ ଯୁକ୍ତ ରାଧାକୃଷ୍ଣ ଆଚାର୍ଯ୍ୟଙ୍କ ଫୈ ।ରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀଯୁକ୍ତ ଲକ୍ଷ୍ମୀ ନାରାୟଣ ମହାନ୍ତି ଯୋଗ ଦେଇ ଆଧାତ୍ମିକ ମନୋଭାବ ନେଇ ଉତ୍ତମ ଶିକ୍ଷାଦାନ ସହିତ ସଂସ୍କାରିତ ହୋଇ ପାରିଲେ ଭଲ ମଣିଷ ହୋଇପାରିବେ ବୋଲି ବକ୍ତବ୍ୟ ରଖିଥିଲେ। ପ୍ରତିଭାଶ୍ରୀର ମୁଖ୍ୟ ଶ୍ରୀଯୁକ୍ତ ପ୍ରଶାନ୍ତ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଉଦାହରଣ ସ୍ୱରୂପ ଉତ୍ତମ ଶିକ୍ଷାଦାନରମାର୍ଗ ଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜର ମୁଖ୍ୟ ପରିଚାଳକ ଶ୍ରୀଯୁକ୍ତ ମଧୁସୂଦନ ଦାସ ଓ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ଜିଲ୍ଲା ପ୍ରମୁଖ ଶ୍ରୀଯୁକ୍ତ ଦୀପ୍ତିକାନ୍ତ ପାଢ଼ୀ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଶ୍ରୀଯୁକ୍ତ ଗୟାଧର କର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ କୁନି କୁନି ପିଲାମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆରଏସପି କର୍ମଚାରୀଙ୍କ କନ୍ୟାଙ୍କ ଷଷ୍ଠ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ୨୦୨୪ରେ ୧୮ ବର୍ଷରୁ କମ ବାଳିକା ବ୍ୟାଡମିଣ୍ଟନ୍ ଡବଲ୍ସରେ ରୌପ୍ୟ ପଦକ ଲାଭ




ରାଉରକେଲା , ୧/୨ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଏମଓଏମଟି ଶ୍ରୀ ଚାରୋ ଟପ୍ପୋ ଏବଂ ଶ୍ରୀମତୀ ଜୟଶ୍ରୀ ଟପ୍ପୋଙ୍କ ଝିଅ ବିଶାଖା ଟପ୍ପୋ ତାମିଲନାଡୁର ଚେନ୍ନାଇ ଠାରେ ଜାନୁୟାରୀ ୧୯ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଷଷ୍ଠ ଖେଲୋ ଇଣ୍ଡିଆ ଯୁବ କ୍ରୀଡା ୨୦୨୪ ରେ ୧୮ ବର୍ଷରୁ କମ୍ ବ୍ୟାଡମିଣ୍ଟନ୍ ବାଳିକା ଡବଲସ ଜିତି ସହର ଏବଂ ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ବିଶାଖା ଯାଜପୁରର ପ୍ରଗତି ପରିଡାଙ୍କ ସହ ଯୋଡି ହୋଇ ଚମତ୍କାର ଖେଳ ପ୍ରଦର୍ଶନ ସହକାରେ ଫାଇନାଲରେ ପ୍ରବେଶ କରିବା ସହିତ ଜାନୁଆରୀ ୩୦ ତାରିଖରେ ଅନୁଷ୍ଠିତ ଫାଇନାଲରେ ମହାରାଷ୍ଟ୍ରର ଦଳକୁ ଭେଟିଥିଲେ। ଓଡ଼ିଶାର ଦଳ ରୌପ୍ୟ ପଦକ ଜିତି ପ୍ରଥମ ରନର୍ସଅପ୍ ହୋଇଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଉକ୍ତ ଟୁର୍ନାମେଣ୍ଟରେ ସାତୋଟି ଶୀର୍ଷ ମାନ୍ୟତା ପ୍ରାପ୍ତ ଦଳ ଭାଗ ନେଇଥିଲେ। ବ୍ୟାଡମିଣ୍ଟନ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ସର୍ବଶେଷ ମାନ୍ୟତା ଅନୁଯାୟୀ ବିଶାଖା ଡବଲ୍ସ ଯୋଡି ପାଇଁ ଖେଲୋ ଇଣ୍ଡିଆ ଗେମ୍ସ ଓ ଏସଏଆଇ ନିୟମାନୁସାରେ ନିଜ ରାଜ୍ୟରୁ ମନୋନୀତ ହୋଇଥିଲେ। ବିଶାଖା, ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ସେକ୍ଟର-୨୦ର ଦଶମ ଶ୍ରେଣୀ ଛାତ୍ରୀ ବିଶାଖା ୨୦୧୯ରୁ ବ୍ୟାଡମିଣ୍ଟନ ୨୦୧୯ରୁ ବ୍ୟାଡମିଣ୍ଟନରେ ତାଙ୍କର ରୁଚିକୁ ଆଗକୁ ନେଇଚାଲିଛନ୍ତି । ସେ ୨୦୨୨ ଜାନୁଆରୀ ମାସରେ ଚଣ୍ଡିଗଡ଼ରେ ତାଙ୍କର ପ୍ରଥମ ଜାତୀୟ ପଦାର୍ପଣ କରିଥିଲେ ଏବଂ ପରେପରେ ପୁଣେରେ ଅନୁଷ୍ଠିତ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ସେ ୟୋନେକ୍ସ ସନରାଇଜ ୩୪ ତମ ସବ୍ ଜୁନିୟର ଜାତୀୟ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପ୍ ରେ ଅଣ୍ଡର - ୧୭ ମିକ୍ସଡ୍ ଡବଲ୍ସ ଜିତିଥିଲେ। ଏହି ଚାମ୍ପିଅନସିପ୍ ଜିତିବା ପୂର୍ବରୁ ବିଶାଖ ୨୦୨୨ ଅଗଷ୍ଟ ମାସରେ ରାଉରକେଲା ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଖେଳାଯାଇଥିବା ମହିଳା ଏକକ ବର୍ଗରେ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପ ମଧ୍ୟ ଜିଣିଥିଲେ । ଲକ୍ଷ୍ନୌରେ ଆୟୋଜିତ ସନରାଇଜ ଅଲ୍ ଇଣ୍ଡିଆ ସବ୍ ଜୁନିଅର୍ ରାଙ୍କିଙ୍ଗ୍ ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟ ୨୦୨୩ରେ ବିଶାଖା ୧୭ ବର୍ଷରୁ କମ୍ ବାଳିକା ଡବଲ୍ସରେ ବିଜେତା ହୋଇଥିଲେ ।

# ଜିଲ୍ଲାପାଳଙ୍କ ମାତୃ ଓ ଶିଶୁ ଯତ୍ନ ଚିକିତ୍ସାଳୟ ପରିଦର୍ଶନ

ସୁବର୍ଣ୍ଣପୁର, ୧/୨ (ନି.ପ୍ର): ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନ୍ୟା ଦାଶ ଜିଲ୍ଲା ମାତୃ ଓ ଶିଶୁ ଯତ୍ନ ଚିକିତ୍ସାଳୟ ପରିଦର୍ଶନ ରେ ଯାଇ ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ଏହି ଅବସରରେ ସେ ପ୍ରଥମେ ବହିଁ ବିଭାଗ ଟିକେଟ ଗୃହ, ନିରାମୟ କେନ୍ଦ୍ର ଆଦି ବୁଲି ରୋଗୀଙ୍କ ସହ ସିଧା ସଳଖ ଆଲୋଚନା କରିଥିଲେ। ପରେ ନବଜାତ ଶିଶୁ ଯତ୍ନ କେନ୍ଦ୍ର ଓ ପ୍ରସୂତି ୱାର୍ଡ ବୁଲି ଚିକିତ୍ସାଧୀନ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଙ୍କ ସହ ଚିକିତ୍ସାସେବା ସମ୍ପର୍କରେ ଆଲୋଚନା କରିଥିଲେ। ଡାକ୍ତରଖାନା ପରିସର ମଧ୍ୟରେ ପରିମଳ ବ୍ୟବସ୍ଥାର ତଦାରଖ କରିଥିଲେ । ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବାକୁ ଉଭୟ ଡାକ୍ତରଖାନା କର୍ମଚାରୀ ଓ ରୋଗୀ ସମ୍ପର୍କୀୟ ଙ୍କୁ ପରାମର୍ଶ ଦେଇଥିଲେ।

# ଦିବ୍ୟାଙ୍ଗ ଛାତ୍ରୀ ନମିତା ବାଘଙ୍କୁ ଲାପଟପ ପ୍ରଦାନ କଲେ ଜିଲ୍ଲାପାଳ

ସୁବର୍ଣ୍ଣପୁର, ୧/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାଶ ବୀରମହାରାଜପୁର ବ୍ଲକ ହିଲୁଙ୍ଗ ପଂଚାୟତ ଅନ୍ତର୍ଗତ ଅମୁଲ୍ୟମଣୀ ରାଣୀପୁରର ଦିବ୍ୟାଙ୍ଗ ଛାତ୍ରୀ ନମିତା ବାଘଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ କାର୍ଯ୍ୟାଳୟ କକ୍ଷରେ ଶିକ୍ଷା ସହାୟକ ଉପକରଣ ଲାପଟପ ପ୍ରଦାନ କରିଛନ୍ତି। ଛାତ୍ରୀ ନମିତା ଭୁଏ ବର୍ତମାନ ରେଭେନ୍ସା କଲେଜରେ ଯୁକ୍ତତିନିରେ ଅଧ୍ୟୟନ ରତ। ଦିବ୍ୟାଙ୍ଗଙ୍କୁ ଉଚ୍ଚ ଶିକ୍ଷାରେ ସହାୟକ ହେତୁ ରାଜ୍ୟ ସରକାରଙ୍କ ତରଫରୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଏହି ଲାପଟପ ପ୍ରଦାନ କରାଯାଇଥାଏ। ଜିଲ୍ଲପାଳ ଶ୍ରୀମତୀ ଦାଶଙ୍କ ଠାରୁ ଲାପଟପ ଗ୍ରହଣ କରି ନମିତା ଫୁଲ୍ଲିତ ଓ ଉତ୍ସାହିତ ହୋଇ ଆଗକୁ ଆହୁରି ପଢିବାକୁ ବାକି ଥିବାବେଳେ ଏହା ପାଠ ପଢାରେ ବିଶେଷ ଉପଯୋଗୀ ହେବ ବୋଲି ପ୍ରକାଶ କରି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ବିଭଗୀୟ କର୍ମଚାରୀ ପ୍ରମୁଖ ତଥା ଦିବ୍ୟାଙ୍ଗ ଛାତ୍ରୀଙ୍କ ବାପା ବୈରାଗୀ ଉପସ୍ଥିତ ଥିଲେ।

# ଜୟପୁର ବେପାରୁଆ ଗାଡି ଚଳନା ରୋକିବାକୁ ନିର୍ଦ୍ଦେଶ

ଜୟପୁର, ୧/୨ (ନି.ପ୍ର): ଜୟପୁର ସହରରେ ବେପାରୁଆ ଗାଡି ଚାଳନା ଜାରି ରହିଛି । ଏହା ସହ ବିକଟାଳ ଶବ୍ଦ ସୃଷ୍ଟି କରି ଶବ୍ଦ ପ୍ରଦୂଷଣ କରୁଛନ୍ତି । ଏହାକୁ ରୋକିବାକୁ ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା ଜୟପୁର ଟାଉନ ଥାନା ଅଧିକାରିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟତଃ ସବ ସାଧାରଣ ସ୍ଥାନ, ସ୍କୁଲ, କଲେଜ, ହସପିଟାଲ ନିକଟରେ ଏମାନଙ୍କ ଦୌରାତ୍ମ୍ୟ ବଢିଛି । ତେଣୁ ପୋଲିସ ପ୍ରଶାସନ ଚଢାଉ କରି ଜୋରିମାନା ଆଦାୟ କରିବା ସହ ବାଇକ, ବୁଲେଟ ଜବତ କରିବା , ଡ୍ରାଇଭିଙ୍ଗଲାଇସେନ୍ସକୁ ରଦ୍ଦ କରିବାକୁ ନିର୍ଦ୍ଦେଷ ଦେଇଛନ୍ତି । ଏହି ନିର୍ଦ୍ଦେଶର ନକଲ ଆରଡିଓ କୋରାପୁଟ, ଏସଡିପିଓ ଜୟପୁର, ଜିଲାପାଳ କୋରାପୁଟଙ୍କୁ ପ୍ରଦାନ କରାଯାଇଛି ।

# କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

ମାଲକାନଗିରି, ୧/୨ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟର ସଭାଗୃହରେ +୩ କଳା, ବାଣିଜ୍ୟ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଭାରତୀୟ ସେନା ପକ୍ଷରୁ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି ! ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଛାତ୍ର ଛାତ୍ରୀ ମାନଙ୍କୁ ଅଗ୍ନିବିର ମାଧ୍ୟମରେ ଅଧିକରୁ ଅଧିକ ଯୋଗଦାନ କରିବା ପାଇଁ ପ୍ରୋତ୍ସାହନ କରିବା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଲିଙ୍ଗରାଜ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପକ ଡ଼ଃ ରଞ୍ଜନ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ବିଶେଷଜ୍ଞ ଭାବରେ କର୍ଣ୍ଣେଲ ଆନନ୍ଦ ତାନ୍ତି ଅନ୍ୟାନ୍ୟ ଅଧିକାରୀ ବିଜେନ୍ଦ୍ର ସିଂହ ଓ ପ୍ରଦୀପ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ଭାରତୀୟ ସେନାରେ ଯୋଗଦାନ କରିବା ପାଇଁ ପ୍ରେରଣା ଦେଇଥିଲେ । କର୍ଣ୍ଣେଲ ଆନନ୍ଦ ତାନ୍ତି ଭାରତୀୟ ସେନାରେ ଥିବା ସମୟରେ ବିଭିନ୍ନ ସୁବିଧା ସୁଯୋଗ ଓ କ୍ୟାରିୟର ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଭାରତୀୟ ସେନାରେ ଯୋଗଦେବାର ଇଚ୍ଛାକୁ ପ୍ରକାଶ କରିଥିଲେ । ଜିଲ୍ଲା ନିଯୁକ୍ତି ଅଧିକାରୀ ଅଜୟ ଦୀପ ମଧ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଅଗ୍ନିବି ର ଯୋଜନା ମାଧ୍ୟମରେ ଯୋଗଦେବା ପାଇଁ କିପରି ପଞ୍ଜିକରଣ କରିବାକୁ ପଡ଼ିବ ତାହା ବୁଝାଇଥିଲେ । ସଭା ଶେଷରେ ଲେଫ୍ଟ ନାଣ୍ଟ ସୁଶାନ୍ତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମାନରେ ସମ୍ମାନିତ ହେବେ ବିଶିଷ୍ଟ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ

ଭୁବନେଶ୍ୱର, ୧/୨ (ନି.ପ୍ର): ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଅବସରରେ ବିଶିଷ୍ଟ ଭାଷାବିତ୍ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ଙ୍କୁ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମାନ ରେ ସମ୍ମାନିତ କରାଯିବ। ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ଙ୍କୁ ଓଡ଼ିଆ ଭାଷା ଉପରେ ତାଙ୍କର ଉଚ୍ଚକୋଟୀର ଗବେଷଣା ଦିଗରେ ତାଙ୍କର ଜୀବନ ବ୍ୟାପୀ ସାଧନା ର ସ୍ୱୀକୃତି ସ୍ୱରୂପ ତାଙ୍କୁ ବିଶ୍ୱ ଓଡିଆ ସମ୍ମାନ ରେ ସମ୍ମାନିତ କରିବେ। ପୁରସ୍କାର ବାବଦ ରେ ତାଙ୍କୁ କୋଡ଼ିଏ ଲକ୍ଷ ଟଙ୍କା ଓ ମାନପତ୍ର ପ୍ରଦାନ କରାଯିବ। ଡକ୍ଟର ପଟ୍ଟନାୟକଙ୍କ ଗବେଷଣା ଓଡ଼ିଆ ଭାଷାକୁ ବହୁ ଭାବରେ ସମୃଦ୍ଧ କରିଛି। ଭାରତ ର ଜଣେ ବିଶିଷ୍ଟ ବିଦ୍ୱାନ ଓ ଭାଷାବିତ୍ ଭାବରେ ଡକ୍ଟର ପଟ୍ଟନାୟକ ବେଶ୍ ସୁପରିଚିତ। ଭାରତୀୟ ଭାଷା ପ୍ରତିଷ୍ଠାନ ର ପ୍ରତିଷ୍ଠାତା ନିର୍ଦ୍ଦେଶକ ଭାବରେ ଡକ୍ଟର ପଟ୍ଟନାୟକ ଅନେକ ସୁନାମ ଅର୍ଜନ କରିଛନ୍ତି। ଭାରତୀୟ ଭାଷା ସମୂହର ବିକାଶ ଦିଗରେ ତାଙ୍କର ସମର୍ପିତ ଉଦ୍ୟମ ପାଇଁ ଡକ୍ଟର ପଟ୍ଟନାୟକ ପଦ୍ମଶ୍ରୀ ସମ୍ମାନ ରେ ସମ୍ମାନିତ ହୋଇଛନ୍ତି। ଓଡ଼ିଆ ଭାଷା କୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଦିଗରେ ଡକ୍ଟର ପଟ୍ଟନାୟକ ଙ୍କ ବହୁମୂଲ୍ୟ ଅବଦାନ ସର୍ବଜନବିଦିତ । ଭାରତୀୟ ଭାଷା ପରିଷଦ ର ସଭାପତି ତଥା ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଭାଷା ବିଭାଗର ପୂର୍ବତନ ପ୍ରଫେସର ଜି ଉମା ମହେଶ୍ୱର ରାଓ ଓଡ଼ିଆ ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର ସବିତା ପ୍ରଧାନ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର ପି କେ ସ୍ୱାଇଁ ଏବଂ କେନ୍ଦ୍ର ଶିକ୍ଷା ବିଭାଗର ଶାସ୍ତ୍ରୀୟ ଓଡ଼ିଆ ଅଧ୍ୟୟନ ଉତ୍କର୍ଷ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କୁ ନେଇ ଓଡିଶା ସରକାରଙ୍କ ଦ୍ୱାରା ଗଠିତ କମିଟି ସର୍ବସମ୍ମତି କ୍ରମେ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ନାମକୁ ଏହି ସମ୍ମାନଜନକ ପୁରସ୍କାର ପାଇଁ ସୁପାରିଶ କରିଥିଲେ।

# ପରିବାର ସମ୍ପର୍କ ଓ ଘରେ ଘରେ ଶଙ୍ଖ ଅଭିଯାନ ନେଇ ପ୍ରସ୍ତୁତି ବୈଠକ

ଧର୍ମଶାଳା, ୧/୨ (ନି.ପ୍ର): ଓଡିଶାର ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପରିବାର ସମ୍ପର୍କ ଓ ଘରେ ଘରେ ଶଙ୍ଖ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହେବ । ଏନେଇ ଆଜି ଯାଜପୁର ଜିଲା ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନେତୃତ୍ୱରେ କଳ୍ପତରୁ ଦାସ ଷ୍ଟାଡିୟମଠାରେଏହି ନିର୍ବାଚନ ମଣ୍ଡଳୀର ୫୪ ଗୋଟି ପଂଚାୟତର ସମସ୍ତ ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତା ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଗାମି ଦିନରେ ହେବାକୁ ଥିବା ପରିବାର ସମ୍ପର୍କ ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା ।

# ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାରର ଉଦ୍‌ଯାପନୀ ଉତ୍ସବ

ବଲାଙ୍ଗୀର, ୧/୨ (ନି.ପ୍ର): ରାଜେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାରର ଉଦ୍‌ଯାପନୀ ଉତ୍ସବ ମହାସମାରୋହରେ ଆୟୋଜିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷା ରଶ୍ମି ସାହୁ ଅଧକ୍ଷତା କରିଥଲେ। ଏଥିରେ ମୁଖ୍ୟ ଅତିଥି ରୂପେ ଡ଼ା. ଶେଷନ ବିଶି, ସହକାରୀ ପ୍ରଫେସର ସ୍ନାତକୋତର ଓଡ଼ିଆ ବିଭାଗ, ପଂଚାୟତ ମହାବିଦ୍ୟାଳୟ ବରଗଡ଼ ଏବଂ ମୁଖ୍ୟବକ୍ତା ଭାବେ ସଂସ୍କୃତି ଗବେଷକ ଓ ସ୍ୱନାମଧନ୍ୟ ସାହିତ୍ୟିକ ମୋହନ ସାହୁ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ବଲାଙ୍ଗିର ମାଟି ସହିତ ଜଗନ୍ନାଥ ସଂସ୍କୃତି, ଜଗନ୍ନାଥ ଚେତନା ସମ୍ପର୍କରେ ତଥ୍ୟ ଭିତିକ ଆଲୋଚନା କରିଥିଲେ। ସହକାରୀ ପ୍ରଫେସର ତଥା ସଂଯୋଜକ ପ୍ରମୋଦ ସଭା ପରିଚାଳନା କରିଥିଲେ। ନୋଡ଼ାଲ ଅଫିସର ଶ୍ରୀମତୀ କୌଶଲ୍ୟା କିଷାନ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ବ୍ୟାପକତା ତଥା ବିଭିନ୍ନ ପ୍ରତିଯୋଗିତା ସମ୍ବନ୍ଧରେ ବିଶେଷ ଆଲୋକପାତ କରିଥିଲେ। ଅଧକ୍ଷା ପିଲାମାନଙ୍କୁ ନିଜର ଭାଷା ସଂସ୍କୃତିକୁ ସୁଦୃଢ଼ କରିବା ପାଇଁ ତତ୍ପର ରହିବା ପାଇଁ କହିଥିଲେ। ସେ ଚାରିଧାମ ମଧ୍ୟରୁ ପୁରୀଧାମର ଶ୍ରେଷ୍ଠତ୍ୱ କଥା କହିଥିଲେ। ଡା. ଏ.କେ ମଙ୍ଗରାଜ ଜଗନ୍ନାଥ ସଂସ୍କୃତିର ମହନୀୟତା ସମ୍ବନ୍ଧରେ କହିଥିଲେ। ପରେ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ଅଧାପକ ଡା. ପ୍ରକାଶ, ପ୍ରବୀର ସେନାପତି, ବିଭୁତି ପ୍ରଧାନ, ଦେବଦାଶ ଖଟାଇ, ଚିତରଞ୍ଜନ ପରିଡା, ରେସମା ହାଁସଦା, ମୋନାଲିସା, ଆକାଶ, ପ୍ରଦ୍ୟୁମ୍ନ, ରୀତା ପାଉଲ, ବିଜୟଲକ୍ଷ୍ମୀ ତଥା ଛାତ୍ରୀ ସଂଚିତା, ଲୋପାମୁଦ୍ରା, ରାଜା, ପପୁନ ଓ ଅନ୍ୟମାନେ ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

# ଅବଶିଷ୍ଟ ବର୍ଗ / ମୋବାଇଲ୍ ଫୋନ୍ ଉତ୍ପାଦନରେ ବ୍ୟବହାର ଯୁକ୍ତ ସାମଗ୍ରୀରେ କଷ୍ଟମ୍ସ ଡ୍ୟୁଟି ୧୦% କୁ ହ୍ରାସ

ଭୁବନେଶ୍ୱର, ୧/୨ (ନି.ପ୍ର): କଷ୍ଟମ୍ ଡ୍ୟୁଟିରେ କେନ୍ଦ୍ର ସରକାର ୩ ଟି ବର୍ଗରେ ବିଜ୍ଞପ୍ତି ମାଧ୍ୟମରେ ପରିବର୍ତନ ଆଣିଛନ୍ତି । ଅବଶିଷ୍ଟ ବର୍ଗରେ / ମୋବାଇଲ୍ ଫୋନ୍ ଉତ୍ପାଦନରେ ବ୍ୟବହାର ପାଇଁ ସାମଗ୍ରୀ ପାଇଁ ପ୍ରଯୁଜ୍ୟ କଷ୍ଟମ୍ସ ଡ୍ୟୁଟି ୧୫% ରୁ ୧୦% କୁ ହ୍ରାସ କରାଯାଇଛି। ମୋବାଇଲ୍ ଫୋନ୍ ଉତ୍ପାଦନରେ ବ୍ୟବହୃତ ଅନେକ ସାମଗ୍ରୀ ଯାହା ପୂର୍ବରୁ 'ଅନ୍ୟାନ ସାମଗ୍ରୀ' ଭାବରେ ବିବେଚନା କରାଯାଉଥିଲା ଏବଂ ୧୫% କଷ୍ଟମ୍ସ ଡ୍ୟୁଟି ଲାଗୁ କରାଯାଇଥିଲା ବର୍ତମାନ ଏହା ୧୦% ରେ ଲାଗୁ କରାଯିବ । ଉଦାହରଣ: ବ୍ୟାଟେରୀ କଭର, ଫ୍ରଂଟ୍ କଭର, ମିଡିଲ୍ କଭର, ମୁଖ୍ୟ (ମେନ୍) ଲେନ୍ସ,, ବ୍ୟାକ୍ କଭର, ଜିଏସ୍‌ଏମ୍ ଆଂଟେନା, ପିୟୁ କେସ୍, ସିଲ୍ ଗ୍ୟାସ୍କେଟ୍, ସିମ୍ ସକେଟ୍, ସ୍କ୍ରୁ ଏବଂ , ପ୍ଲାଷ୍ଟିକ୍ ଓ ଧାତୁର ଅନ୍ୟାନ୍ୟ ଯାନ୍ତ୍ରିକ ସାମଗ୍ରୀ। ମୋବାଇଲ୍ ଫୋନ୍ ଉତ୍ପାଦନରେ ବ୍ୟବହୃତ ଅନେକ ସାମଗ୍ରୀ ଯାହା ପୂର୍ବରୁ 'ଅନ୍ୟାନ ସାମଗ୍ରୀ' ଭାବରେ ବିବେଚନା କରାଯାଉଥିଲା ଏବଂ ଏଥିପାଇଁ ୧୫% କଷ୍ଟମ୍ସ ଡ୍ୟୁଟି ଲାଗୁ କରାଯାଇଥିଲା ବର୍ତ୍ତମାନ ଏହା ୧୦% ଲାଗୁ କରାଯିବ । ଏହି ବିଜ୍ଞପ୍ତିରେ ତାଲିକାଭୁକ୍ତ ସାମଗ୍ରୀର ଉତ୍ପାଦନରେ ବ୍ୟବହାର ପାଇଁ ଇନପୁଟ୍ କିମ୍ବା ଅଂଶ ଉପରେ କଷ୍ଟମ୍ସ ଡ୍ୟୁଟି ନିଆଯିବନାହିଁ / ଶୂନ୍ୟ କୁ ହ୍ରାସ କରାଯାଇଛି। ଶିଳ୍ପ ପାଇଁ କଷ୍ଟମ୍ ଶୁଳ୍କ ହ୍ରାସ କରିବାକୁ ସରକାରଙ୍କ ପଦକ୍ଷେପକୁ ମୋବାଇଲ୍ ଇଣ୍ଡଷ୍ଟ୍ରି ଅତ୍ୟଧିକ ସ୍ୱାଗତ କରିଛି । ରପ୍ତାନି-ନେତୃତ୍ୱ ଅଭିବୃଦ୍ଧି, ନୀତିର ସ୍ଥିରତା ସୁନିଶ୍ଚିତ କରିବା ଏବଂ ଉତ୍ପାଦନରେ ପ୍ରତିଦ୍ୱନ୍ଦ୍ୱିତାକୁ ସମାଧାନ କରିବା କ୍ଷେତ୍ରରେ ଏହି ସଂଶୋଧନ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ନୀତି ପରିବର୍ତନ ଯାହା ଭାରତରେ ମୋବାଇଲ୍ ଫୋନ୍ ଉତ୍ପାଦନ ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ଇଣ୍ଡିଆ ସେଲୁଲାର୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଆସୋସିଏସନ୍ ର ଅଧ୍ୟକ୍ଷ ପଙ୍କଜ ମୋହିନ୍ଦ୍ରୋ କହିଛନ୍ତି, 'ଭାରତରେ ମୋବାଇଲ୍ ଉତ୍ପାଦନ ଓ ରପ୍ତାନିକୁ ପ୍ରତିଯୋଗିତାମୂଳକ କରିବା ଦିଗରେ ସରକାରଙ୍କ ଦ୍ୱାରା ଏହା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସ୍ୱାଗତଯୋଗ୍ୟ ନୀତି ହସ୍ତକ୍ଷେପ ଅଟେ । ମୋବାଇଲ୍ ଫୋନ୍ ଇଣ୍ଡଷ୍ଟ୍ରି ଏହି ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଅର୍ଥ ମନ୍ତ୍ରଣାଳୟ ଓ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ କୁ କୃତଜ୍ଞତା ଜଣାଇଛନ୍ତି ।

# ବେତନଟୀ ଏମପିସି ବିଦ୍ୟାଳୟର ବାର୍ଷିକ ଉତ୍ସବ

ବେତନଟୀ, ୧/୨ (ନି.ପ୍ର): ବେତନଟୀ ଏମପିସି ହାଇସ୍କୁଲ ର ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ରେ ଏମପିସି ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଦୀପ୍ତି ନାଏକ , ମୁଖ୍ୟ ବକ୍ତା ଭାବରେ ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ଦାସ, ୩୫ ନମ୍ବର ଜିଲ୍ଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ବେତନଟୀ ସମିତି ସଭ୍ୟ ରଣଜିତ ସିଂ, ବେତନଟୀ ସରପଞ୍ଚ ପାନମଣୀ ମୁର୍ମୁ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାର ରମାକାନ୍ତ ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ କୁମାର ପରିଡ଼ା, ଆଲୁମିନିୟମ ର ଉପ ସଭାପତି ଜୟନ୍ତ କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ରହି ଛାତ୍ର ଛାତ୍ରୀ ଙ୍କ ଉଦେଶ୍ୟ ରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶିକ୍ଷକ ପ୍ରକାଶ କୁମାର ଗିରି ମଞ୍ଚପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ବିଦ୍ୟାଳୟ ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକମରେ ନିରୋଜ କୁମାର ମହାନ୍ତ , ସୁବୋଧ କୁମାର ସାହୁ,ଅଜୟ କୁମାର ବାରିକ, ଇତିଶ୍ରୀ ମନ୍ତ୍ରୀ, ଶୋଭାମୟୀ ସ୍ୱାଇଁ , ମନସ୍ୱିନୀ ପଟ୍ଟନାୟକ, କାପୁରା ସରେନ, ଗାୟତ୍ରୀ ରାଉତ, ଯାଗ୍ୟସିନୀ ବେହେରା, ଅଞ୍ଜଳି ମହାନ୍ତି, ଖଗେନ୍ଦ୍ର ଚନ୍ଦ୍ର ମହାନ୍ତ , ହେମନ୍ତ ମୂହାନ୍ତ, ସୌରବ ନନ୍ଦ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ରଙ୍ଗୀନ୍ ପ୍ରକୃତି

**ପ୍ରକୃତିରେ ଭରି ରହିଛି ଅନେକ ରଙ୍ଗ। ରଙ୍ଗ ଅଛି ନଦୀରେ, ରଙ୍ଗ ଅଛି ଫୁଲରେ, ଛୋଟିଆ ଜୀବରେ ପୁଣି କୀଟପତଙ୍ଗରେ। ଆଉ ସବୁ ରଙ୍ଗର ସୌନ୍ଦର୍ଯ୍ୟ ଭିନ୍ନଭିନ୍ନ। ସେମିତି କିଛି ରଙ୍ଗ ରହିଛି ପୃଥିବୀର ବିଭିନ୍ନ ସ୍ଥାନରେ। ଯାହା ଦେଖିବାକୁ ଯେତିକି ସୁନ୍ଦର ସେତିକି ଆଶ୍ଚର୍ଯ୍ୟଜନକ ମଧ୍ୟ।**



*ଲାଭେଣ୍ଡର ଫୁଲର ସବିସ୍ତୃତ କ୍ଷେତ:*

ଗ୍ରୀଷ୍ମଋତୁରେ ଫ୍ରାନ୍ସର ପ୍ରୋଭେନ୍ସ ଲାଗେ ସ୍ୱର୍ଗପୁରୀ ଭଳି। ଆଖି ପାଇବା ପର୍ଯ୍ୟନ୍ତ ଧାଡ଼ି ଧାଡ଼ି ହୋଇ ଲଗାଯାଇଥିବା ଲାଭେଣ୍ଡର ଫୁଲ କ୍ଷେତର ଦୃଶ୍ୟ ସତରେ ମନଲୋଭା। ବାଇଗଣୀ ରଙ୍ଗର ଏହି ଫୁଲଗୁଡ଼ିକୁ ଗୋଟିଏ ସାଇଜରେ ସିଲିଣ୍ଡର ଆକୃତିରେ ଲମ୍ୱାଧାଡ଼ିରେ ଲଗାଯାଇଥାଏ। ଆଉ ତାର ମହକ ପରବେଶୁକ ମତୁଆଲା କରିଦିଏ।

*ପାଞ୍ଚ ରଙ୍ଗର ନଦୀ:*

କଲମ୍ବିଆର କାନୋ କ୍ରିଷ୍ଟାଲସ ନଦୀର ଜଳ କେଉଁଠି ଲାଲ ରକ୍ତବର୍ଣ୍ଣର ଦେଖାଯାଏତ



କେଉଁଠି ହଳଦିଆ ସବୁଜ ଓ କେଉଁଠି ନୀଳ ଏବଂ କଳା। ସେଇଥିପାଇଁ ତ ଏହା ବେଶ୍ ପରିଚିତ 'ଦି ରିଭର ଅଫ ଫାଇଭ କଲର୍ସ ଓ ଲିକ୍ୱିଡ଼ ରେନବୋ ଭାବେ। ଗୋଟିଏ ନଦୀରେ ଏଭଳି ବିଭିନ୍ନ ରଙ୍ଗ ଦେଖାଯିବା ପୃଥିବୀରେ ବିରଳ। ତେଣୁ ଏହାକୁ ପୃଥିବୀର ସୁନ୍ଦରତମ ନଦୀଭାବେ ଗଣନା କରାଯାଏ। ତେବେ ଜୁଲାଇରୁ ନଭେମ୍ବର ଶେଷ ପର୍ଯ୍ୟନ୍ତ ନଦୀର ବିଭିନ୍ନ ରଙ୍ଗକୁ ଉପଭୋଗ କରିହୁଏ। ତେବେ ନଦୀର ଏଭଳି ବିବିଧ ରଙ୍ଗ ହେବା ପଛରେ କାରଣ ହେଉଛି ଏଠାରେ ବଢୁଥିବା ଏକ ବିରଳ ପ୍ରଜାତିର ଉଦ୍ଭିଦ ମାକାରେନିଆ କ୍ଲାଭିଜେରା। ଉକ୍ତ ନଦୀରେ ଅନେକ ଜଳପ୍ରପାତ ବି ରହିଛି।

*ସୁବର୍ଣ୍ଣ ସୌନ୍ଦର୍ଯ୍ୟରେ ଭରା ଚାଇନାର ଲୁପିଂ:*

ପୂର୍ବ ଚାଇନାର ପାହାଡ଼ଘେରା ଲୁପିଂ କାଉଣ୍ଟିକୁ ବସନ୍ତ ଋତୁ ଭରିଦିଏ ସୌନ୍ଦର୍ଯ୍ୟ। କାରଣ ଏହି ସମୟରେ ଏଠାକାର କାନୋଲା କ୍ଷେତଗୁଡ଼ିକ ଭରିଯାଏ ଫୁଲରେ। ପାହାଡ଼ ଚତୁଃପାର୍ଶ୍ୱରେ ହୋଇଥିବା ଏହି କ୍ଷେତରେ ସୁବର୍ଣ୍ଣ ରଙ୍ଗର ଫୁଲ ପବନରେ ଢେଉ ଖେଳେ। ଏହାର ସୌନ୍ଦର୍ଯ୍ୟ ଏମିତି ଯେ, ବିଭିନ୍ନ ଦେଶର ଫଟୋଗ୍ରାଫର ଏଠାକୁ ଟାଣି ହୋଇ ଆସନ୍ତି। ଜୁନ ଶେଷ ପର୍ଯ୍ୟନ୍ତ ଲୁପିଂର ଏହି ସୁବର୍ଣ୍ଣ ସୌନ୍ଦର୍ଯ୍ୟ ଉପଭୋଗ କରିହୁଏ।

*ଫୁଲରେ ଭରା ଶିବାଜାକୁରା ହିଲ୍:*

ବସନ୍ତ ଋତୁ ଆସିଲେ ଜାପାନର ମାଉଣ୍ଟ ଫୁଜିର ପାଦ ଦେଶ ଭରିଯାଏ ଶିବାଜାକୁରା ନାମକ ଏକ ଫୁଲର ଚାଦରରେ। ଗୋଲାପୀ, ଧଳା, ଈଷତ୍ ବାଇଗଣୀ ଭଳି ୬ଟି ରଙ୍ଗର ଏହି ଫୁଲର ଚାଦର ୨.୪ ହେକ୍ଟର ଜମିରେ ବ୍ୟାପିଥାଏ। ଭିନ୍ନ ଭିନ୍ନ ରଙ୍ଗର ଏହି ଫୁଲର ଚାଦର ଲାଗେ ଖୁବ ଆକର୍ଷକ। ଯେତେବେଳେ ପ୍ରଥମେ ଏହି ଫୁଲ ଫୁଟେ, ଏଠାରେ 'ଫୁଜି ଶିବଜାକୁରା ଉତ୍ସବ ପାଳନ କରାଯାଇଥାଏ।

*ରକ୍ତ ବର୍ଣ୍ଣର ଲେକ ନାଟ୍ରୋନ୍:*

ତାଞ୍ଜାନିଆର ଏହି ହ୍ରଦଟି ଏତେ ମାତ୍ରାରେ ଲବଣାକ୍ତ ଓ ସୋଡ଼ାରେ ପରିପୂର୍ଣ୍ଣ ଯେ, ଏହାର ଜଳରେ କୌଣସି ଉଦ୍ଭିଦ ଜୀବିତ ରହିପାରନ୍ତି ନାହିଁ। ଯା ମଧ୍ୟରେ ଅନେକ ଖଣିଜ ଦ୍ରବ୍ୟରେ ଭରା ଉଷ୍ମ ଝରଣା ବି ରହିଛି। ଏହି ହ୍ରଦର ଗଭୀରତା ବିଶେଷ ନୁହେଁ। ତା'ସହ ଅନିୟମିତ, କମ ବୃଷ୍ଟିପାତ ଓ ଅତ୍ୟଧିକ ବାଷ୍ପୀକରଣ ଯୋଗୁଁ ହ୍ରଦର ଶଯ୍ୟାରେ ସୋଡ଼ିୟମ କାର୍ବୋନେଟ୍



ଡିହାଇଡ୍ରେଟ ଓ ସୋଡ଼ିୟମ ସେସ୍କିଉକାର୍ବୋନେଟ ଡିଜାଇଡ୍ରେଟ୍ ପଡ଼ିରହେ। ଏହାର ଶଯ୍ୟାରେ ବହୁ ବର୍ଷ ପୂର୍ବରୁ ଲାଭା ମଧ୍ୟ ଜମି ରହିଛି। ଆଉ ହ୍ରଦର ଜଳ କଠିନରେ ପରିଣତ ହୋଇଯାଇଛି। ଫଳରେ ହ୍ରଦରେ ଲାଲ ଓ କମଳା ରଙ୍ଗର ବିଭିନ୍ନ ଆକୃତିର ଆସ୍ତରଣ ଦେଖାଯାଏ। ଏଭଳି ଦୃଶ୍ୟ ବହୁଦୂର ପର୍ଯ୍ୟନ୍ତ ବ୍ୟାପିଥାଏ।

*ରଙ୍ଗୀନ ଟ୍ୟୁଲିପ କ୍ଷେତ:*

ନୀଳ ଆକାଶ ତଳେ ରଙ୍ଗ ବେରଙ୍ଗ ଟ୍ୟୁଲିପ ଫୁଲରେ ଗାଲିଚା। ଲାଗେ ସତେ ଯେମିତି ଦୁହେଁ ଦୁହିଁଙ୍କୁ ନିବିଡ଼ ଭାବେ ଚାହିଁହିଛନ୍ତି। ହଲାଣ୍ଡର ଉତ୍ତର-ପୂର୍ବ ପୋଲ୍ଡରରେ ଦେଖିବାକୁ ମିଳେ ଏଭଳି ଚମତ୍କାର ଦୃଶ୍ୟ। ମାର୍ଚ୍ଚ ମାସ ମଧ୍ୟଭାଗରୁ ମେ' ଶେଷ ପର୍ଯ୍ୟନ୍ତ ଏଠାକାର ଟ୍ୟୁଲିପ କ୍ଷେତରେ ଦେଖିବାକୁ ମିଳେ ବିଭିନ୍ନ ରଙ୍ଗର ଟ୍ୟୁଲିପର ସମ୍ଭାର। ଧାଡ଼ିଧାଡ଼ି ହୋଇ ଲାଗିଥିବା ଏହି ରଙ୍ଗୀନ ଫୁଲକୁ ଦେଖିଲେ ଯେ କେହି ବି ହୋଇଯିବେ ଆନମନା।



# ଚା' ବଗିଚା

**ଚା ଚାଷ ପାଇଁ ଭାରତର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ବିଶେଷକରି ଭାରତର ବିଭିନ୍ନ ସ୍ଥାନରେ ଥିବା ଚା ବଗିଚାଗୁଡ଼ିକର ସୌନ୍ଦର୍ଯ୍ୟ ସବୁ ବର୍ଗର ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଏପରିକି ବିଦେଶୀ ପର୍ଯ୍ୟଟକମାନେ ବି ଭାରତକୁ ବୁଲି ଆସିଲା ବେଳେ ଏଠାରେ ଥିବା ଚା ବଗିଚାକୁ ଦେଖିବାକୁ ଆଦୌ ଭୁଲନ୍ତି ନାହିଁ। ତେଣୁ ଏଥରର ପର୍ଯ୍ୟଟନରେ ଭାରତରେ ଥିବା ସେହିଭଳି କିଛି ଲୋକପ୍ରିୟ ଚା ବଗିଚାକୁ ନେଇ ଏହି ଉପସ୍ଥାପନା....**

*ଦାର୍ଜିଲିଂ:*

ଏହା ହେଉଛି ଭାରତର ଏକ ଲୋକପ୍ରିୟ ହିଲଷ୍ଟେସନ। ତାଛଡ଼ା ଏଠାରେ ହେଉଥିବା ଚା' ଚାଷ ବି ବେଶ୍ ପ୍ରସିଦ୍ଧ। ଭାରତରେ ହେଉଥିବା ସର୍ବାମୋଟ ଚା ଉତ୍ପାଦନରୁ ପ୍ରାୟ ୨୫ ପ୍ରତିଶତ ଚା ଦାର୍ଜିଲିଂରୁ ହିଁ ଆସିଥାଏ। ବିଶେଷକରି ଏଠାରେ ଥିବା ହାପି ଭ୍ୟାଲିଟି ଇଷ୍ଟେଟ ତରଫରୁ ଚାଷ କରାଯାଉଥିବା ଚାର କ୍ୱାଲିଟି ଖୁବ୍ ଉନ୍ନତ। ସମୁଦ୍ର ପତ୍ତନ ଠାରୁ ପ୍ରାୟ ୨୧୦୦ ମିଟର ଉଚ୍ଚତାରେ ଥିବା ଏଠାକାର ଚା ବଗିଚାଟି ପୃଥିବୀର ଏକ ଉଚ୍ଚତମ ଚା' ବଗିଚା ଅଟେ। ଏହି ଚା ବଗିଚାଟି ପର୍ଯ୍ୟଟକଙ୍କ ବୁଲିବା ନିମନ୍ତେ ମଙ୍ଗଳବାରୁ ଶନିବାର ପର୍ଯ୍ୟନ୍ତ ସକାଳ ୮ଟାରୁ ଅପରାହ୍ନ ୪ଟା ଯାଏଁ ଖୋଲା ରହିଥାଏ। ତେବେ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ର ଅନୁଯାୟୀ, ଦାର୍ଜିଲିଂର ଚା ବଗିଚାକୁ ବୁଲି ଦେଖିବା ପାଇଁ ମାର୍ଚ୍ଚରୁ ନଭେମ୍ବର ହେଉଛି ସବୁଠାରୁ ଉପଯୁକ୍ତ ସମୟ। କିନ୍ତୁ ଜୁନରୁ ସେପ୍ଟେମ୍ବର ବର୍ଷାଦିନ ହୋଇଥିବା ଯୋଗୁଁ ଏ ସମୟର ନଯାଇ ବାକି ଅନ୍ୟ ସମୟରେ ଏଠାକୁ ବୁଲିଯିବା ଠିକ୍ ହେବ।



ହେଉଥିବା ଯୋଗୁ ଏ ସମୟରେ ନଯାଇ ବାକି ଅନ୍ୟ ସମୟରେ ବୁଲିଯିବା ଠିକ୍ ହେବ।

*ନୀଳଗିରି:*

ଭାରତରେ ଏହି ସ୍ଥାନଟି ଏଥିପାଇଁ ପ୍ରସିଦ୍ଧ, କାରଣ ଆଜକୁ ପ୍ରାୟ ୧୦୦ବର୍ଷରୁ ଉର୍ଦ୍ଧ୍ୱ ହେବ ଏଠାରେ ଚା ଚାଷ କରାଯାଉଛି। ନୀଳଗିରି ପାହାଡ଼ ଉପରେ କରାଯାଉଥିବା ଚା' ଚାଷର ଏକ ନିଆରା ବାସ୍ନା ରହିଛି। ନୀଳଗିରି ନିକଟରେ କୁନୁର ନାମକ ଏକ ସ୍ଥାନ ରହିଛି, ଯେଉଁଠି ପର୍ଯ୍ୟଟକ ଖୁବ ସୁନ୍ଦର ସୁନ୍ଦର ଚା ବଗିଚା ଦେଖିବାର ମଜା ନେଇପାରିବେ। ଖାସ୍ ସେଇଥିପାଇଁ ଏଠାକୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ବୁଲି ଆସିଥାନ୍ତି।

*ୱାୟନାଡ଼୍:*

କେରଳରେ ଥିବା ଏହି ସ୍ଥାନରେ ଚା ସମେତ ଆହୁରି ଅନେକ କିଛି ଚାଷ କରାଯାଇଥାଏ। ମସଲାଠାରୁ ଆରମ୍ଭ କରି କଫି ଇତ୍ୟାଦିର ପ୍ରଡ଼କ୍ସନ ମଧ୍ୟ ଏଠାରେ ହୋଇଥାଏ। ବିଶେଷକରି ଏଠାକାର କାଲପେଟ୍ଟା ଠାରେ ଅଧିକ ମାତ୍ରାରେ ଚା ଚାଷ କରାଯାଇଥାଏ। ପର୍ଯ୍ୟଟକ ଚାହିଁଲେ ଏଠାରେ ଥିବା ଚା ବଗିଚାଗୁଡ଼ିକୁ ବୁଲି ଦେଖିବା ସହିତ ଟ୍ରେକିଂ କରିବାର ମଜା ମଧ୍ୟ ନେଇପାରିବେ। ତେବେ ବର୍ଷାଦିନକୁ ଛାଡ଼ିଦେଲେ ବାକି ଅନ୍ୟ ସମୟରେ ଏଠାକୁ ବୁଲି ଗଲେ ବୁଲିବାର ମଜା ଦ୍ୱିଗୁଣିତ ହୋଇଯାଇଥାଏ।



*ଆସାମ:*

ଆସାମ ଚା ଚମକପ୍ରଦ ରଙ୍ଗ ତଥା ଉତ୍ତମ ଫ୍ଲେଭର ପାଇଁ ବିଶ୍ୱ ଦରବାରରେ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ଏହାକୁ ଦେଶର ଏକ ବଡ଼ ଚା ଉତ୍ପାଦନ କ୍ଷେତ୍ର ଭାବେ ମଧ୍ୟ ବିବେଚନା କରାଯାଇଥାଏ। ତେଣୁ କେହି କେହି ଏହି ସ୍ଥାନଟି ଟି କ୍ୟାପିଟାଲ ଅଫ ଦି ୱାର୍ଲ୍ଡ ବୋଲି ବି କହିଥାନ୍ତି। ବିଶେଷକରି ଏଠାରେ ଥିବା ଜୋରହାଟରେ ପ୍ରତିବର୍ଷ ଏକ ଚା' ଉତ୍ସବ ପାଳନ କରାଯାଇଥାଏ। ଜୋରହାଟ ଏବଂ ତାର ଆଖପାଖ ଅଞ୍ଚଳରେ ଛୋଟବଡ଼ ହୋଇ ଏକାଧିକ ଚା ବଗିଚା ଥିବାର ଦେଖିବାକୁ ମିଳିଥାଏ।

*ମୁନ୍ନାର:*

ଏହା କେରଳର ପ୍ରସିଦ୍ଧ ହିଲ୍‌ଷ୍ଟେସନ ହୋଇଥିଲେ ହେଁ, ଏଠାରେ ମାଇଲ ମାଇଲ ଦୂର ପର୍ଯ୍ୟନ୍ତ କରାଯାଉଥିବା ଚା ଚାଷ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ଏଠାକାର ନାଲାଥାନ୍ନି ଇଷ୍ଟେଟରେ ରହିଛି ଭାରତର ପ୍ରଥମ ଚା ମ୍ୟୁଜିୟମ, ଯେଉଁଠାରେ ମୁନ୍ନାରରେ ଆରମ୍ଭ କରାଯାଇଥିବା ଚା ଚାଷର ପୁରୁଣା ଇତିହାସ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବାକୁ ମିଳିଥାଏ। ସୋମବାରକୁ ଛାଡ଼ିଦେଲେ ବାକି ଅନ୍ୟ ଦିନମାନଙ୍କରେ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ଯାଏଁ ଏହି ଚା ମ୍ୟୁଜିୟମ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଖୋଲା ରହିଥାଏ। କୁଣ୍ଡାଲେ ଟି ପ୍ଲାଣ୍ଟେଶନ, ଯାହା ଏକ ହ୍ରଦର ଠିକ ମଝିଆ ମଝି ସ୍ଥାନରେ ଅବସ୍ଥିତ ରହି ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ତେବେ ଏଠାକୁ ପର୍ଯ୍ୟଟନରେ ଯିବା ପାଇଁ ଅଗଷ୍ଟରୁ ମେ ହେଉଛି ପ୍ରକୃଷ୍ଟ ସମୟ। କିନ୍ତୁ ଡିସେମ୍ବରରୁ ଜାନୁଆରୀ ଭିତରେ ଏଠାରେ ପ୍ରବଳ ଶୀତ ଅନୁଭୂତ



# ଏକ୍ସପାଏରୀ ଫୁଡ୍‌ର ସୁପରମାର୍କେଟ୍

ଗୋଟିଏ ପଟେ ପୃଥିବୀରେ ଅନେକ ଲୋକ ଖାଦ୍ୟାଭାବରୁ ମୃତ୍ୟୁର ଶିକାର ହେଉଥିବା ବେଳେ ଅନ୍ୟପଟେ ପ୍ରତଦିନ ନଷ୍ଟହୁଏ ହଜାର ହଜାର ଟନର ଖାଦ୍ୟ। ଅନେକ ସମୟରେ କୌଣସି ଖାଦ୍ୟ ନଷ୍ଟ ହୋଇ ନଥିଲେ ବି ତାର ଖରାପ ପ୍ୟାକେଜିଂ ଯୋଗୁଁ ଉକ୍ତ ପ୍ରଡ଼କ୍ଟ କମ୍ପାନୀକୁ ପୁଣିଥରେ ଫେରାଇ ଦିଆଯାଏ। ବର୍ତ୍ତମାନ ଏହି ଖାଦ୍ୟ ଅପଚୟକୁ କମ୍ କରିବା ପାଇଁ ଡେନମାର୍କ ଠାରେ ପ୍ରଥମ କରି 'ୱିଫୁଡ୍' ନାମକ ଏକ ସୁପରମାର୍କେଟ ଖୋଲାଯାଇଛି, ଯେଉଁଠି




ବିକ୍ରିହୁଏ ଏକ୍ସପାଏରୀ ଫୁଡ୍। ତେବେ ଏହି ଖାଦ୍ୟ ବାସିନୁହେଁ କିମ୍ବା ନଷ୍ଟ ହୋଇ ନଥାଏ। କେବଳ ଠିକ୍ ପ୍ୟାକେଜିଂ ହୋଇ ନଥିବା ଅଥବା ଉକ୍ତ ଖାଦ୍ୟ କିମ୍ବା ଜିନିଷର କମ୍ ବ୍ୟବହାର ଯୋଗୁଁ ମାର୍କେଟରୁ ଫେରାଯାଇଥିବା ପ୍ରଡ଼କ୍ଟଗୁଡ଼ିକ ଏହି ସୁପରମାର୍କେଟରେ ବିକ୍ରିହୁଏ। ତେବେ ଏଠାରେ କେବଳ ଖାଦ୍ୟ ପଦାର୍ଥ ନୁହେଁ, କସମେଟିକ୍ ଏବଂ ଅନ୍ୟ ଘରକରଣା ଜିନିଷ ମଧ୍ୟ ବିକ୍ରିହୁଏ। ତାହା ପୁଣି ମାର୍କେଟ ମୂଲ୍ୟଠାର ୩୦ରୁ ୫୦ ପ୍ରତିଶତ ରିହାତିରେ। ଏହା ହେଉଛି ପୃଥିବୀର ପ୍ୟଥମ ସୁପରମାର୍କେଟ, ଯାହା ଲୋକଙ୍କୁ କମ୍ ଦାମରେ ଖାଦ୍ୟ ଯୋଗାଇବା ସହିତ ଏହାକୁ ନଷ୍ଟ ନକରିବା ଲାଗି ସତର୍କ କରାଇଥାଏ।

# ଫେସନ ପାଇଁ ପଶୁ ହତ୍ୟା

ବିଶ୍ୱର ନାମକରା ଫେଶନ ଇଣ୍ଡଷ୍ଟ୍ରି ଭାବେ ପ୍ୟାରିସ, ନ୍ୟୁୟର୍କ ର ନାମ ସର୍ବାଗ୍ରେ ରହିଛି। ବିଭିନ୍ନ ପ୍ରାନ୍ତରୁ ମଡ଼େଲର ଓ ଫେଶନ ଡିଜାଇନରଙ୍କ ଭିଡ଼ ଏଠାରେ ଦେଖିବାକୁ ମିଳେ। ଏହି ଦୁଇଟି ସ୍ଥାନରେ ଅତ୍ୟାଧୁନିକ ପୋଷାକର ପ୍ରତିଦ୍ୱନ୍ଦିତା ସବୁ ସମୟରେ ଚାଲିଥାଏ। ଏଠାକାର ଫେଶନ ଡିଜାଇନରମାନେ ଦେଶୀ ଥଣ୍ଡା ରାଷ୍ଟ୍ରର ଲୋକଙ୍କ ଜୀବନ ଶୈଳୀ ଅନୁସାରେ ପୋଷାକ ତିଆରି କରିଥାନ୍ତି। ଶହଶହ ସଂଖ୍ୟାରେ ପଶୁଙ୍କ ହତ୍ୟା କରାଯାଏ। ରୁଷରେ ଥିବା ଏକ ଫାର୍ମରେ ହଜାର ହଜାର ପଶୁଙ୍କପ୍ରତି ୨-୩ ଦିନରେ ଥରେ ହତ୍ୟା କରାଯାଇଥାଏ। ଫାର୍ମର ମୁଖ୍ୟଙ୍କ କହିବାନୁସାରେ ପଶୁମାନଙ୍କୁ ମାରିବା ନିମନ୍ତେ ଏକ ଯନ୍ତ୍ରଣାଦାୟକ ଇଞ୍ଜେକସନ ଦିଆଯାଏ। ଅନେକ ସମରେତ ଚମଡ଼ା କିମ୍ବା ପଶୁ ଲୋମର ଆବଶ୍ୟକତା ବା ବୀରାଦ ଅଧିକ ଥିଲେ, ଜୀବନ୍ତ ଅବସ୍ଥାରେ ସେମାନଙ୍କ ଚମଡ଼ା ଓ ଲୋମ କାଢ଼ିଦିଆଯାଏ। ଡିଜାଇନରମାନେ ଏଥିରୁ ବିଭିନ୍ନ ପ୍ରକାର ପୋଷାକ କରିବାରେ ମଧ୍ୟ ଆନନ୍ଦିତ ହୋଇଥାନ୍ତି। ଲଣ୍ଡନର ଏକ ଫାର୍ମ ମୁଖ୍ୟ କହିଛନ୍ତି, ପଶୁଙ୍କ ନିମିତ୍ତ ତାଙ୍କର କୌଣସି ସହାନୁଭୂତି ନାହିଁ। ପଶୁଙ୍କ ମୃତ୍ୟୁରେ ତାଙ୍କୁ ଆନନ୍ଦ ମିଳେ। ସେଠା ସରକାର ମଧ୍ୟ ଏଭଳି ପଶୁହତ୍ୟାକୁ ପୂର୍ଣ୍ଣ ସମର୍ଥନ କରୁଥିବାର ଜଣାପଡ଼ିଛି।

# ପୂଜା ବିଧିର ନଅଟି ଧାରା



ଭାଗତରେ ପୂଜାର ନଅଟି ଧାରା ସମ୍ପର୍କରେ ଯାହା ବର୍ଣ୍ଣନା କରାଯାଇଛି ତାହାକୁ ଅନୁସରଣ କରିବା ଉପରେ ଶିରିଡ଼ି ସାଇବାବା ପ୍ରାଧାନ୍ୟ ଦେଇଛନ୍ତି। ନବଧାଭକ୍ତି ବିନା ଈଶ୍ୱର ପ୍ରାପ୍ତି ଅସମ୍ଭବ ବୋଲି ସେ ପରାମର୍ଶ ଦେଇଛନ୍ତି।

ଶ୍ରବଣ: ଏହି ନବଧା ଭକ୍ତି ବା ଧାରାର ପ୍ରଥମ ଧାରା ହେଉଛି ଶ୍ରବଣ। ଅର୍ଥାତ୍ ଈଶ୍ୱରଙ୍କ ସଂପର୍କରେ ତାଙ୍କର ଅବଗତ ସମ୍ପର୍କରେ ଏବଂ ସାଧୁସନ୍ଥଙ୍କ ସଂପର୍କରେ ଶୁଣିବା ଉଚିତ।

କୀର୍ତ୍ତନ: ଦ୍ୱିତୀୟଟି ହେଉଛି କୀର୍ତ୍ତନ। ଏଥିରେ ବାରମ୍ବାର ଈଶ୍ୱରଙ୍କ ନାମ ଜପ କରିବା। ଏହାଜଣେ କରିପାରେ କିମ୍ବା ସମୂହ ଭାବେ ଜପ ମଧ୍ୟ କରାଯାଇପାରେ।

ସ୍ମରଣ: ତୃତୀୟଟି ହେଉଛି ସ୍ମରଣ। ଏଥିରେ ଶୟନେ ସ୍ୱପନେ ଏବଂ ଜାଗରଣେ ଈଶ୍ୱରଙ୍କ ନାମ ସ୍ମରଣ କରିବାକୁ ପଡ଼ିବ।

ସେବା: ଚତୁର୍ଥ ହେଉଛି ପାଦ ସେବା। ସନ୍ଥଙ୍କ ପାଦତଳେ ଲୋଟିଯିବା ଏବଂ ତାଙ୍କ ପାଦତଳେ ବସିରହି ତାଙ୍କର ସେବା କରିବା।

ଅର୍ଚ୍ଚନା: ପଞ୍ଚମ ଧାରା ହେଉଛି ଅର୍ଚ୍ଚନା। ଏଥିରେ ଠାକୁରଙ୍କୁ ଫୁଲ, ତୁଳସୀ ବା ବେଲପତ୍ର ଆଦି ଷୋଳ ଉପଚାର ସହ ପୂଜା କରିବା।

ବନ୍ଦନା: ଷଷ୍ଠ ଧାରା ହେଉଛି ବନ୍ଦନା। ଈଶ୍ୱର ବା ସାଧୁଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ କରି ତାଙ୍କର ପ୍ରାର୍ଥନା କରିବା।

ଦାସ୍ୟ: ସପ୍ତମ ହେଉଛି ଦାସ୍ୟ। ଏଥିରେ ଈଶ୍ୱରଙ୍କ ପାଇଁ ସବୁ କାର୍ଯ୍ୟ କରିବା। ଏହା କଲାବେଳେ ସାମାନ୍ୟ କୁଣ୍ଠାବୋଧ ଭାବ ମନରେ ରହିବା ଉଚିତ ନୁହେଁ।

ସାଖ୍ୟ: ଅଷ୍ଟମଟି ହେଉଛି ସାଖ୍ୟ। ସବୁବେଳେ ଈଶ୍ୱର ବା ସାଧୁଙ୍କ ପାଖରେ ବନ୍ଧୁଭାବେ ରହିବାକୁ କୁହାଯାଏ।

ସମର୍ପଣ: ନବମ ଧାରା ହେଉଛି ସମର୍ପଣ ବା ଆତ୍ମ ନିବେଦନ। ଅର୍ଥାତ ଈଶ୍ୱର ବା ସଦଗୁରୁଙ୍କ ପାଖରେ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପଣ କରିବା। ଏଥିସହିତ ଏ ଜୀବନ ହେଉଛି ଈଶ୍ୱରଙ୍କର ଆଶୀର୍ବାଦ ବୋଲି ବିବେଚନା କରିବା।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପରୀକ୍ଷା ଓ ଆକାଂକ୍ଷା...

ପରୀକ୍ଷା ଜୀବନର ପ୍ରତି ମୁହୂର୍ତ୍ତରେ ରହିଛି । କିନ୍ତୁ ଏକଥା କ୍ୱଚିତ୍ ପିଲାମାନେ ବୁଝି ପାରିଥାନ୍ତି ବିଦ୍ୟାଧ୍ୟୟନ କରିବା ସମୟରେ । ପିଲାମାନଙ୍କ କଥା ଛାଡ଼ନ୍ତୁ, ଏମିତିକି ଅଧିକାଂଶ ବୟସ୍କ ମଧ୍ୟ ଏହା କ୍ୱଚିତ୍ ବୁଝି ପାରିଥାନ୍ତି । ସେଥିପାଇଁ ପାଠପଢ଼ାର ପରୀକ୍ଷା ସବୁବେଳେ ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇ ରହି ଆସିଛି; ବୋଝଟିଏ ଭଳି ମନେ ହୋଇଛି ପରୀକ୍ଷା। ତେବେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଜୀବନର ବାସ୍ତବ ଅନୁଭୂତିରୁ ଏହି ବୋଝକୁ ହାଲ୍‌କା କରିବାର ଉଦ୍ୟମ କରିବା ବାସ୍ତବିକ ପ୍ରଶଂସନୀୟ। ପ୍ରଧାନମନ୍ତ୍ରୀ କେବଳ ଜଣେ ପ୍ରଧାନମନ୍ତ୍ରୀ ଭାବରେ ନୁହନ୍ତି ବା ସେ ନିଜକୁ ଯେଭଳି ପ୍ରଧାନ ସେବକ ଭାବରେ ଉପସ୍ଥାପିତ କରିବାକୁ ଚାହାନ୍ତି, ସେଭଳି ନୁହେଁ, ବରଂ ଜଣେ ରାଷ୍ଟ୍ର ଶିକ୍ଷକ ବା ରାଷ୍ଟ୍ର ବାଲ୍ (ପିଲାମାନଙ୍କ) ମିତ୍ର ଭାବରେ ପ୍ରତୀତ ହୋଇଥାନ୍ତି, ବିଶେଷକରି ଯେତେବେଳେ ସେ ପରୀକ୍ଷାର ଚାପକୁ କିପରି ପରିଚାଳନା କରିହେବ, ସେ ସମ୍ପର୍କରେ ପିତାମାତା/ଅଭିଭାବକ ଏବଂ ବିଦ୍ୟାର୍ଥୀମାନଙ୍କୁ ଉପଦେଶ ଦେବାର କାର୍ଯ୍ୟ ହାତକୁ ନେଇଥାନ୍ତି । ଭାରତରେ ମଧ୍ୟବିତ୍ତ ଶ୍ରେଣୀମାନେ ମୁଖ୍ୟତଃ ମହତ୍ତ୍ୱାକାଂକ୍ଷା ଦ୍ୱାରା ବେଶ୍ ଅନୁପ୍ରେରିତ ହୋଇଥାନ୍ତି, ଆଉ ଏହାର ପରିଣତି ସ୍ୱରୂପ ପରୀକ୍ଷା ପୂର୍ବରୁ ଏହାକୁ ସମ୍ମୁଖୀନ ହେବାର ସାଧାରଣ ବୋଝ ଉଭୟ ପିତାମାତା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ଅତ୍ୟଧିକ ଓଜନିଆ ବୋଝରେ ପରିଣତ ହୋଇ ଯାଇଥାଏ । ଭାରତ ମଧ୍ୟ ଏକ ଅସ୍ୱାଭାବିକ ଭାବରେ ବିଦ୍ୟାର୍ଥୀ ଏବଂ ଯୁବ ପିଢ଼ିଙ୍କ ଆତ୍ମହତ୍ୟା ଭଳି ଘଟଣାଗୁଡ଼ିକୁ ପ୍ରଦର୍ଶିତ କରିଥାଏ, କିନ୍ତୁ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ମୋଦୀ ପିଲାମାନଙ୍କର ଏହି ଅବସ୍ଥାକୁ ଯେତିକି ଗୁରୁତ୍ୱପୂର୍ଣ୍ଣ ଘଟଣା ଭାବରେ ଗ୍ରହଣ କରିଛନ୍ତି, ବିଗତ କିଛି ଦଶନ୍ଧି ମଧ୍ୟରେ କଦାଚିତ୍ର ସମାଜରେ ପ୍ରତିଷ୍ଠିତ କୌଣସି ବ୍ୟକ୍ତିବିଶେଷ ସେଭଳି ଗ୍ରହଣ କରିଥିବା ଦେଖାଯାଇଛି। ପରୀକ୍ଷାକୁ ପିଲା ବା ପିତାମାତାମାନେ କିପରି ଏକ ବୋଝ ମନେ ନ କରିବେ, ସେହି ବିଷୟବସ୍ତୁକୁ ନେଇ ଶ୍ରୀଯୁକ୍ତ ମୋଦୀ ଏକ ପୁସ୍ତକ ମଧ୍ୟ ରଚନା କରିଛନ୍ତି ଯେଉଁଥିରେ ସେ କେବଳ ବାସ୍ତବବାଦୀ ପରାମର୍ଶଗୁଡ଼ିକ ପ୍ରଦାନ କରି ନାହାନ୍ତି ଯାହା ସେ ନିଜର ଜୀବନ ଏବଂ କ୍ୟାରିଅର ସହିତ ସମାନ୍ତରାଳ କଥାଗୁଡ଼ିକରୁ ପ୍ରେରଣା ଲାଭ କରି ହାସଲ କରିଛନ୍ତି, ବରଂ ସେ ପିଲାମାନଙ୍କୁ ଏକ ନୈତିକ ଦିଗ୍‌ଦର୍ଶନ ଦେବାର ଉଦ୍ୟମ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କର ଲୋକପ୍ରିୟତା ଦୃଷ୍ଟିରୁ ତାଙ୍କର ବାର୍ଷିକ କାର୍ଯ୍ୟକ୍ରମ ପରୀକ୍ଷା ପେ ଚର୍ଚ୍ଚା (ପରୀକ୍ଷାଗୁଡ଼ିକ ସମ୍ପର୍କରେ ଆଲୋଚନା) ସମାଜ ତଥା ଆମର ଶିକ୍ଷା ବ୍ୟବସ୍ଥା ଉପରେ ଏକ ବିରାଟ ପ୍ରଭାବ ପକାଇଛି । ସେ ସେମାନଙ୍କୁ ପରାମର୍ଶ ଦେଇଥିଲେ ଯେ ଏହାକୁ ଏକ ବୋଝ ବୋଲି ମନେ କରି ଏହାଠାରୁ ଦୂରେଇ ଯିବାର ଉଦ୍ୟମ କରିବା ପରିବର୍ତ୍ତେ ସେମାନେ ଏହା ସହିତ ମିତ୍ରତା ସ୍ଥାପନ କରି ଏହାକୁ କାମରେ ଲଗାଇବା ଉଚିତ । ତେବେ ଗୌତମ ବୁଦ୍ଧଙ୍କ ମହାଶିକ୍ଷାକୁ ଉଦ୍ଧାର କରି ସେ କହିଥିଲେ: ‘ଯେ କୌଣସି ଜିନିଷ ଉପରେ ଅତ୍ୟଧିକ ନିର୍ଭରଶୀଳ ହେବା କ୍ଷତିକାରକ ହୋଇଥାଏ। ତେଣୁ ନିଜର ବିବେକ ଖଟାଇ ଏହାର ବ୍ୟବହାର କରିବା ଉଚିତ।’ ସେମାନଙ୍କର କମ୍ପ୍ୟୁଟର, ମୋବାଇଲ, ଟ୍ୟାବ୍‌ଲେଟ୍ ସହିତ ଅଧିକାଂଶ ସମୟ ବିତାଉ ଥିବା ପିଲାମାନଙ୍କ ମଧ୍ୟରେ ଏହା ନିଶ୍ଚୟ ଗୁଞ୍ଜରଣ ସୃଷ୍ଟି କରିଥିବ ଏବଂ ସେମାନେ ଏହାକୁ ଏକ କଠୋର ନିର୍ଦ୍ଦେଶ ଭାବରେ ଅବଶ୍ୟ ଗ୍ରହଣ କରିଥିବେ, କିନ୍ତୁ ପିତାମାତାମାନଙ୍କୁ ଏହା ଆଶ୍ୱସ୍ତ କରିଥିବ। ଏକ ପ୍ରକୃଷ୍ଟ ଉଦାହରଣ ଦେବାକୁ ଯାଇ ସେ କହିଥିଲେ, ‘ଅଧିକ ସମୟ ଏସବୁ ପଦାର୍ଥର ସ୍କ୍ରିନ୍‌ରେ ବ୍ୟସ୍ତ ରହିବା ହେଉଛି ଭଲ ଖାଦ୍ୟ ବହୁତ ପରିମାଣରେ ଖାଇ ଦେଇ ପେଟ ଯନ୍ତ୍ରଣାରେ ଛଟପଟ ହେବା ସଦୃଶ।’ସେ ପିତାମାତାମାନଙ୍କୁ ସେମାନଙ୍କର ପିଲାଙ୍କୁ ଘୋଡ଼ାଦୌଡ଼ରେ ସାମିଲ ନ କରାଇବାକୁ ଚେତାବନୀ ଦେଇ କହିଥିଲେ, ‘ଆପଣମାନଙ୍କର ପିଲାଙ୍କ ରିପୋର୍ଟ କାର୍ଡ ଆପଣମାନଙ୍କର ଭିଜିଟିଂ କାର୍ଡ ନୁହେଁ । ପିଲାମାନଙ୍କୁ କେବଳ ସେମାନଙ୍କ ନିଜ ସହିତ ପ୍ରତିଯୋଗିତା କରିବାକୁ ଦିଅନ୍ତୁ, ଅନ୍ୟମାନଙ୍କ ସହିତ ନୁହେଁ।’ ସେ ମଧ ସେମାନଙ୍କର ପିଲାମାନଙ୍କୁ ସେମାନଙ୍କର ଭାଇ ଭଉଣୀ କି ବନ୍ଧୁବାନ୍ଧବ, ଶ୍ରେଣୀ ସାଥୀ ଅଥବା ପଡ଼ୋଶୀଙ୍କ ପିଲାଙ୍କ ସହିତ ତୁଳନା କରିବାରୁ ନିବୃତ୍ତ ରହିବାକୁ କହିଥିଲେ। ତେବେ ଗୋଟିଏ ପକ୍ଷରେ ପିଲାମାନଙ୍କ ଜୀବନରେ ପରୀକ୍ଷାର ଗୁରୁତ୍ୱ ଉପରେ ଅତ୍ୟଧକ ଗୁରୁତ୍ୱାରୋପ ନ କରିବାକୁ ପିତାମାତାମାନଙ୍କୁ ସ୍ମରଣ କରାଇ ଦେଇଥିବା ବେଳେ ଅପର ପକ୍ଷରେ ସେ ପିଲାମାନଙ୍କୁ ସେମାନଙ୍କର ପ୍ରସ୍ତୁତିରେ କୌଣସି ପ୍ରକାର ଅବହେଳା ନ କରିବାକୁ ଏବଂ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅଧ୍ୟୟନ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। କହିବା ଅତିଶୟୋକ୍ତି ହେବନାହିଁ ଯେ ଭାରତ ବାସ୍ତବରେ ଭାଗ୍ୟବାନ ଏଭଳି ଜଣେ ନେତାଙ୍କୁ ପାଇ, ଯାହାଙ୍କ ନିକଟରେ ଅଣ-ଭୋଟରମାନଙ୍କ ପାଇଁ ମଧ ସମୟ ରହିଛି ଦେବାକୁ ଏବଂ ଯିଏ କେବଳ ପରବର୍ତ୍ତୀ ନିର୍ବାଚନ ଉପରେ ଧ୍ୟାନ କେନ୍ଦ୍ରିତ କରନ୍ତି ନାହିଁ, ବରଂ ପର ପିଢ଼ିଙ୍କୁ ମଧ ସମାନ ଧ୍ୟାନ ଦିଅନ୍ତି ।



# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ- ଅସ୍ମିତାର ନିଦର୍ଶନ

**ଡି. ଶୁଭମ**

ପରମେଶ୍ୱରଙ୍କ ଏ ବିଚିତ୍ର ସୃଷ୍ଟିରେ ମଣିଷ ଏକ ସାମାଜିକ ପ୍ରାଣି ଭାବେ ବିଦିତ। ବଳିଷ୍ଠ ଜ୍ଞାନ, ବୁଝିପାରିବାର ଶକ୍ତି ଆଉ ବିଚକ୍ଷଣତାର ଶୀର୍ଷରେ ଆଜି ମଣିଷ ବଳୀୟାନ। ବୁଦ୍ଧି ଓ ବିବେକର ମହନୀୟତାରେ ଭରପୁର ଏ ମାନବ ସମାଜ। ନିଜର ମହନୀୟତାକୁ ଯେପରି ସର୍ବସମ୍ମୁଖରେ ପ୍ରତିପାଦନ କରିବାର ନିଶା ଗୁରୁତ୍ୱପୂର୍ଣ୍ଣ ଠିକ୍ ସେମିତି ନିଜ ଆଚରଣ ଓ ଉଚ୍ଚାରଣ ହିଁ ସେମିତି ଏକ ମାନଦଣ୍ଡ। ଶିକ୍ଷା, ସଭ୍ୟତା ଓ ସଂସ୍କୃତିର ମାପକାଠି ହେଉଛି ମାନବର ଭାଷା। ମୋ ରାଜ୍ୟ ଓଡ଼ିଶା – ସତରେ ଏକ ଶ୍ରୀମୟ ଯାଦୁଗରୀର ନିର୍ବାହକ। ଓଡ଼ିଆଭାବରେ ଆଜି ଆମେ ଆମ ଭାଷା ପାଇଁ ଗର୍ବିତ। ଓଡ଼ିଆ କେବଳ ଆମ ପାଇଁ ସାଧାରଣ ଭାଷା ନୁହେଁ, ଏଥିରେ ଭରି ରହିଛି ମାତୃଭୂମି ପାଇଁ ମମତା । ଆମ ଜାତିର ଅମୂଲ୍ୟ ଓ ଦୁର୍ଲଭ ସମ୍ପଦ ଆମ ଭାଷା ଓଡ଼ିଆ। କେବଳ ମୁଁ ନୁହେଁ , ସାଢ଼େ ଚାରି କୋଟି ଓଡ଼ିଆ ଆଜି ନିଜ ଭାଷା ପାଇଁ ଗର୍ବିତ। ମା ଆଉ ମାତୃଭୂମି ଓଡ଼ିଆଙ୍କ ପାଇଁ ସବୁବେଳେ ବନ୍ଦନୀୟା ହୋଇରହିଆସିଛି। ପ୍ରତିଟି ଓଡ଼ିଆଙ୍କ ଅନ୍ତରର ହୃଦୟକନ୍ଦରରୁ ନିସୃତ ମନ୍ତ୍ରମୁଗ୍ଧ ଝଙ୍କାର ହିଁ ଓଡ଼ିଆ ଭାଷା। ଆମ ପାଇଁ ଆମ ଭାଷା ହେଉଛି ଅମୋଘ ଅସ୍ତ୍ର। ମାତୃଭାଷା ହିଁ ଗୋଟିଏ ଜାତିର ସ୍ୱାଭିମାନର ମେରୁଦଣ୍ଡ। ମା ଆଉ ମାତୃଭୂମିକୁ ଭଲ ପାଇବାର ଏକ ନିଆରା ମାଧ୍ୟମ, ତଥା ମନ ଓ ବିବେକ ମଧ୍ୟରେ ଥିବା ମୋହ ଭାଙ୍ଗି ଥାଏ, ଆଉ ଯିଏ ଏକ ନିଚ୍ଛକ ପ୍ରାଣର ପ୍ରତିବେଦନ-ସେ ସେଇ ମାତୃଭାଷା। ଆଉ ଏହାରି ଭିତରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ- ଆମ ଜାତିର ଅସ୍ମିତାକୁ ବଖାଣିବାର ଏକ ଶ୍ରେଷ୍ଠ ମାଧ୍ୟମ।

ମା’ ର ଭାଷା ହିଁ ମାତୃଭାଷା। ଏହା ଯେତେ ସୁନ୍ଦର ସରସ ସାବଲୀଳ ଅନ୍ୟ କୌଣସି ଭାଷା କେବେ ସମକକ୍ଷ ହୋଇପାରିବ ନାହିଁ । ମାତୃଭାଷା ରେ ଗୋଟିଏ ଜାତିର ସ୍ୱାଭିମାନ ପ୍ରକଟିତ। ମାତୃଭାଷା କୁ ନିନ୍ଦା ଆଉ ଅବମାନନା କରିବା ଲୋକ ଜାତିଦ୍ରୋହୀ। ଗଙ୍ଗାଧର ମେହେର ଦିନେ କହିଯାଇଥିଲେ

ମାତୃଭୂମି ମାତୃଭାଷା ରେ ମମତା ଯା<br>
ହୃଦେ ଜନମି ନାହିଁ<br>
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା<br>
ଅଜ୍ଞାନ ରହିବେ କାହିଁ।

ଯେଉଁ ଦେଶର ଭାଷା ଯେତେ ଉନ୍ନତ ସେ ଦେଶ ସେତେ ବିକଶିତ। କୌଣସି ଉନ୍ନତ ଦେଶର ସାହିତ୍ୟ ଓ ସଂରକ୍ଷଣ ତାହାର ଭାଷା ଦ୍ୱାରା ପ୍ରଭାବିତ ହୋଇଥାଏ। ଫଳରେ ସେ ଦେଶର ଶିକ୍ଷା ଓ ସଂସ୍କୃତି ଆପେଆପେ ବିକଶିତ ହୁଏ। ଇଂରେଜମାନଙ୍କ ବର୍ବର ଶାସନ ସମୟରେ ଓଡ଼ିଆଭାଷା ପ୍ରତି ମାଡ଼ି ଆସିଥିଲା ଘୋର ସଂକଟ। ଓଡ଼ିଆଙ୍କୁ କରୁଥିଲେ ଶୋଷଣ। ଓଡ଼ିଶା ସେତେବେଳକୁ ଥିଲା ଛିନ୍ନମସ୍ତା। ଏମିତିକି ସେସମୟରେ କୁଚକ୍ରୀ ମାନେ କହୁଥିଲେ – ଉଡ଼ିଆ ଏକଟା ଭାଷା ନୟ। କିନ୍ତୁ ଆମ ଓଡ଼ିଶାର କବିବୃନ୍ଦ, ପଂଚସଖା ଯୁଗର ଅନନ୍ୟ ସାଧକଗଣ ତଥା ସବୁ ଓଡ଼ିଆଙ୍କ ପ୍ରଚେଷ୍ଟା ଫଳରେ ଓଡ଼ିଆ ଭାଷା ନବଜୀବନ ପ୍ରାପ୍ତ କଲା। ବିକଶିତ ହେଲା ଏ ରାଜ୍ୟର ଭାଷା ସାହିତ୍ୟ। ସମୟର କରାଳ ଗତିରେ ଲୀନ ନହୋଇ ବରଂ ବିକାଶର ନାରାରେ ଆଗେଇ ଚାଲିଲା ଓଡ଼ିଆ ଭାଷା। କାବ୍ୟ ସାହିତ୍ୟ ରଚନା ଠାରୁ ଆରମ୍ଭ କରି ଅନୁବାଦ ଯାଏଁ ସବୁଥିରେ ଓଡ଼ିଆ ଭାଷାକୁ ଦିଆଗଲା ଅଗ୍ରାଧିକାର। ବହୁ ଶ୍ରମ,ସାଧନାର ପରିଣତ ସ୍ୱରୂପ ୧୯୩୬ ମସିହାରେ ଉତ୍କଳ ହେଲା ସ୍ୱତନ୍ତ୍ର ପ୍ରଦେଶ। ଆଜି ସରକାର ମଧ ଓଡ଼ିଆ ଭାଷାକୁ ସରକାରୀ ଅଫିସର ଚିଠି ପତ୍ରରେ ପ୍ରଚଳନ କରିବାର ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଆ ସାହିତ୍ୟରେ ଆଜି ଅନନ୍ୟ ସାଧକଙ୍କ ପାଇଁ ଆମେ ଗର୍ବିତ। ଆଜି ବି ଭାଷା ପାଇଁ ଆମେ ସଂଘର୍ଷରତ। ଓଡ଼ିଆଙ୍କ ସ୍ୱାର୍ଥ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। କାରଣ ଓଡ଼ିଶା ହେଉଛି ଏକତାର ମାଟି। ସଭିଏଁ ଏଠି ଗୋଟେ ଛାତ ତଳେ ଏକତାର ସୂତ୍ରରେ ବନ୍ଧା।

ଯଦିଓ ପୃଥିବୀର ବିକଶିତ ଭାଷା ମାନଙ୍କ ମଧ୍ୟରେ ଇଂରାଜୀ ଅନ୍ୟତମ ଓ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଟେଲିଯୋଗାଯୋଗ କ୍ଷେତ୍ରରେ ପ୍ରାଧାନ୍ୟ ଅଧିକ, ତଥାପି ଫ୍ରାନ୍ସ, ଜାପାନ୍, ନେଦରଲ୍ୟାଣ୍ଡ ପ୍ରଭୃତି ଦେଶ ନିଜ ମାତୃଭାଷା ରେ ଶିକ୍ଷାଲାଭ କରି ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ମାତୃଭାଷା ରେ ଶିକ୍ଷାଦାନ କରିବା ଶିକ୍ଷକ ମାନଙ୍କ ପାଇଁ ସହଜ ଆଉ ଏହାକୁ ହଜମ କରିବା ଛାତ୍ରମାନଙ୍କ ପାଇଁ ମଧ ସହଜ। ଏହା ମନ ଓ ହୃଦୟ ଉଭୟଙ୍କୁ ଛୁଇଁପାରେ। ହୁଏତ ଅଳ୍ପ କେତେଙ୍କ ପାଇଁ ପ୍ରବାସୀ ଭାଷା ସୁବୋଧ ହୋଇପାରେ ପରନ୍ତୁ ଅଧିକାଂଶ ପିଲାଙ୍କ ପାଇଁ ଏହା ଦୁର୍ବୋଧ। ତେଣୁ ଯେତେ ଡିଣ୍ଡିମ ପିଟି ପ୍ରବାସୀ ଭାଷା ର ପ୍ରଚାର କଲେବି ଏହା ଧର୍ମ କୁ ଆଖି ଠାର ପରି। ଏବର ଭାରତ ବର୍ଷରେ ଏବେ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନକୁ ପ୍ରସାର କରାଯାଉଛି। ଏହି ଶିକ୍ଷାଧାରରେ ମନୁଷ୍ୟ ପାଶ୍ଚାତ୍ୟ ର ଅନୁଗାମୀ ହୋଇଯାଇଛି। ଫଳରେ ଆଜି ବୈକୁଣ୍ଠ ନର୍କ ହୋଇଯାଇଛି। ସବୁ ସରକାରୀ କାର୍ଯ୍ୟାଳୟରେ ଇଂରାଜୀ ଫଳକ ଲାଗୁଚି। ସରକାରୀ ଚିଠିପତ୍ର ରେ ଇଂରାଜୀ ଶବ୍ଦ। ଯାହାର ପରିଣତି ହେଉଛି ଭାରତର ବ୍ରେନଡ୍ରେନ। ଆମ ଦେଶରେ ବହୁ ଭାଷା ପ୍ରଚଳିତ। ଏମାନଙ୍କ ମଧ୍ୟରେ ସଂହତି ସହାନୁଭୂତି ଭରି ରହିଛି। ପରନ୍ତୁ ବର୍ତ୍ତମାନ ସେଇ ମମତାବନ୍ଧନର ଶିଥିଳ ହୋଇଯାଇଛି। ସଂପ୍ରଦାୟିକତା ବଢ଼ିଛି। ସୋହାର୍ଦ୍ଦ୍ୟ କମୁଛି। ଓଡିଆ ଲୋକ ଆନ୍ଧ୍ରରେ ଓଡିଆ କହିଲେ ମାଡ ଖାଇବାକୁ ପଡୁଛି।

ଆମେ ଓଡ଼ିଆ, ଆମ ଭାଷା ପାଇଁ ଜୀବନ ବି ଦେଇପାରିବୁ। ଭାଷାର ଗୁରୁତ୍ୱକୁ ଯିଏ ଉପଲବ୍ଧ କରିପାରିଛି , ସେ ହିଁ ଜାଣିଛି ଏହାର ମହାନତାକୁ । ଆଉ ଓଡ଼ିଆ ଭାଷା ଉପରେ ବିପଦ ଆସିଲେ ସାଢ଼େ ଚାରିକୋଟି ଓଡ଼ିଆଙ୍କ ସ୍ୱର ଏକ ହୋଇଯିବ, ଏଥିରେ ଦ୍ୱିମତ ନାହିଁ। ଆଉ ଯେତେବେଳେ ସଂଘର୍ଷର ସ୍ୱର ଏକ ହୋଇଯିବ, ସେବେ ପରିସ୍ଥିତି ଭୟାନକ ରୂପ ନେବ। ଏବେ ତ ଇଂରାଜୀ ଭାଷାକୁ ବିଶେଷ ପ୍ରାଧାନ୍ୟ ଦିଆଯାଉଛି। ସେଇପାଇଁ ସରକାର ଓଡ଼ିଆ ଭାଷାର ପ୍ରଚାର ପ୍ରସାର ନିମନ୍ତେ ଉଦ୍ୟମ ଜାରି ରଖିଛନ୍ତି।

ରାଜ୍ୟ ସରକାରଙ୍କ ତରଫରୁ ପ୍ରଥମ ଥର ଓଡ଼ିଶାରେ ବିଶ୍ୱ ଭାଷା ସମ୍ମିଳନୀ ଆୟୋଜନ କରାଯାଉଛି। ଭାଷା ପ୍ରତି ଥିବା ଅହେତୁକ ଭଲପାଇବା ତଥା ମାର୍ମିକ କଥାକୁ ବଖାଣିବା ପାଇଁ ଏ ସମ୍ମିଳନୀ ନିଶ୍ଚିତ ଭାବରେ ଏକ ନୂଆ ଖୋରାକ ଯୋଗାଇବ, ଏଥିରେ ସନ୍ଦେହ ନାହିଁ। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଆରମ୍ଭ ହୋଇଥିବା ଏ ସମ୍ମିଳନୀ ଓଡ଼ିଆ ଅସ୍ମିତାକୁ ପ୍ରତିପାଦନ କରିବାର ନୂଆ ଏକ ସମ୍ଭାବନା। ଏକ ଭାଷା ଭିତ୍ତିକ ରାଜ୍ୟ ଭାବରେ ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ତଥା ଗବେଷଣାକୁ ପ୍ରାଧାନ୍ୟ ଦେବା ଏହି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍ଦେଶ୍ୟ। ଏପରିକି ବିଭିନ୍ନ ସରକାରୀ ପତ୍ରାଳପରେ ମଧ ଏହି ସମ୍ମିଳନୀର ଲୋଗୋକୁ ସ୍ଥାନ ଦେବା ପାଇଁ ଘୋଷଣା ହୋଇଛି। ସରକାରୀ କାର୍ଯ୍ୟାଳୟର ଚିଠି ପତ୍ର ଓଡ଼ିଆ ଭାଷାରେ ହେବା ପାଇଁ ମଧ ସ୍ଥିରୀକୃତ ହୋଇଛି।

ମଣିଷ ନିଜ ସ୍ୱାଭିମାନକୁ ନେଇ ବଂଚେ। ମାତୃଭାଷା ଆମ ମନର ସେହି ସ୍ୱାଭିମାନ ସୃଷ୍ଟି କରେ। ଓଡ଼ିଆକୁ କେବଳ ଏକ ଭାଷା ନୁହେଁ ବରଂ ଏହାକୁ ନିଜ ମାଆ ପରି ଭଲପାଇବା ଆବଶ୍ୟକ। କାରଣ ଆମ ପରିଚୟ ଆମେ ଓଡ଼ିଆ। ବୀରର ମାଟି , ସଂଗ୍ରାମର ମାଟିର ଦାୟାଦ ବୋଲି ଗର୍ବ କରିବା ଦରକାର। ଆଉ ଏଥିପାଇଁ ଆବଶ୍ୟକ ହେଲେ ଜୀବନ ବାଜି ଲଗାଇବାକୁ ବି ପଛେଇବୁ ନାହିଁ , ଏହି ଦୃଢ଼ ସଂକଳ୍ପରେ ବ୍ରତୀ ରହିବା ଏକାନ୍ତ କାମ୍ୟ।

ଲେଖିବା ଓଡ଼ିଆ ପଢ଼ିବା ଓଡ଼ିଆ<br>
କହିବା ଓଡ଼ିଆ କଥା<br>
ବିଶ୍ୱ ଦରବାରେ ଉନ୍ନତ କରି<br>
ଚାଲିବା ନିଜର ମଥା


(ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର<br>
ମୋ- ୯୪୩୮୪୬୭୦୭୯




# ହରଡଘଣାରେ ମାଳଦ୍ୱୀପ

**ସୌମେନ୍ଦ୍ର ଜେନା**

> ୮ ଜାନୁଆରୀ ୨୦୨୪ ଦିନ ନୂଆଦିଲ୍ଲୀସ୍ଥିତ ମାଳଦ୍ୱୀପର ହାଇକମିଶନର ଇବ୍ରାହିମ ସାହିବଙ୍କୁ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ଡକାଯାଇ ଭାରତର ଅସନ୍ତୋଷ ବିଷୟରେ ଜଣାଇ ଦିଆଯାଇଥିଲା । ସେହିପରି ଭାରତର ଲୋକେ ସେମାନଙ୍କ ବ୍ୟକ୍ତିଗତ ସୋସିଆଲ ମିଡିଆ ଆକାଉଣ୍ଟରେ ପ୍ରଚଣ୍ଡ ବିରୋଧ କରିବାପରେ ସିନେ ତାରକା ଅକ୍ଷୟ କୁମାର, ସଲମାନ ଖାଁ, ଜନ୍ ଆବ୍ରାହମ୍, ଶ୍ରଦ୍ଧା କପୂର, କଙ୍ଗନା ରାନାଓ୍ୱତ ସେମାନଙ୍କ ଅସନ୍ତୋଷ ବ୍ୟକ୍ତ କରିଥିଲେ ।

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ପ୍ରଧାନମନ୍ତ୍ରୀ ଲାକ୍ଷାଦ୍ୱୀପ ପାଇଁ ପ୍ରାୟ ୧୧୫୬କୋଟି ଟଙ୍କା ମୂଲ୍ୟର ଭିନ୍ନ ଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଲାକ୍ଷାଦ୍ୱୀପର ଲୋକେ ଏବେ ୧.୭ ଜିବିପିଏସ୍ ସ୍ଥାନରେ ୨୦୦ ଜିବିପିଏସ୍‌ର ଇଣ୍ଟରନେଟ ସୁବିଧା ପାଇବେ । ଯାହା ଫଳରେ ଲାକ୍ଷାଦ୍ୱୀପରେ ଇଣ୍ଟରନେଟ ସେବା, ଡିଜିଟାଲ ବ୍ୟାଙ୍କ ସେବା, ଟେଲି ମେଡିସିନ ସୁବିଧା ମିଳିବ । କାଡାମାତଠାରେ ନବନିର୍ମିତ ପାନୀୟଜଳ ପ୍ରସ୍ତୁତି କାରଖାନା ଦୈନିକ ପ୍ରାୟ ୧.୫ଲକ୍ଷ ଲିଟର ପାନୀୟଜଳ ସାମୁଦ୍ରିକ ଲୁଣିଆଜଳକୁ ପରିଷ୍କାର କରି ପ୍ରସ୍ତୁତ କରିବ । ଅଗାଟି ଏବଂ ମିନିକୟ ଦ୍ୱୀପର ସବୁଘରକୁ ଟ୍ୟାପପାଣି ଯୋଗାଣ ଏବେ ସମ୍ଭବ ହେବ । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଆଦୌ ଆକସ୍ମିକ ନୁହେଁ । କାଶ୍ମୀରର କୈରୋନ ଘାଟୀଠାରୁ ମଣିପୁର ଓ ଅରୁଣାଚଳର ସୀମାନ୍ତ କଚ୍ଛଠାରୁ ଲାକ୍ଷାଦ୍ୱୀପ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପଯାଏଁ ସବୁସ୍ଥାନରେ ଲୋକେ ଯେମିତି ବାକି ଭାରତବାସୀଙ୍କ ପରି ଦୈନନ୍ଦିନ ଜୀବନର ସୁବିଧା ଲାଭ କରିବେ, ସେଥିପାଇଁ ପ୍ରଧାନମନ୍ତ୍ରୀ ମୋଦି ବିକାଶର ମାର୍ଗ ପ୍ରଶସ୍ତ କରିବାରେ ଲାଗିଛନ୍ତି । ନିଜର ଅତ୍ୟନ୍ତ ବିଶ୍ୱସ୍ତ ଭାବେ ଜଣାଶୁଣା ପ୍ରଫୁଲ୍ଲ ପଟେଲଙ୍କୁ ସେ ଲାକ୍ଷାଦ୍ୱୀପର ସାମଗ୍ରିକ ବିକାଶର ଦାୟିତ୍ୱ ଦେଇଛନ୍ତି । ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କ କେବଳ ଫଟୋ ହିଁ ଯେ ମାଳଦ୍ୱୀପରେ ଗାତ୍ରଦାହ ସୃଷ୍ଟି କରିଛି ତା ନୁହେଁ, ଅପରପକ୍ଷେ ଲାକ୍ଷାଦ୍ୱୀପ ପାଇଁ ଭଲ ସମୟ ଆଣିଛି । ମାଳଦ୍ୱୀପର ମନ୍ତ୍ରୀମାନଙ୍କ ଭାରତ-ବିରୋଧୀ ମନ୍ତବ୍ୟ ପରେ ଲାକ୍ଷାଦ୍ୱୀପକୁ ଯିବାପାଇଁ ଲୋକେ ଧାଡି ଲଗାଇଛନ୍ତି । ଅପରପକ୍ଷେ ଗୁଗଲରେ ଲାକ୍ଷାଦ୍ୱୀପ ସର୍ଚ୍ଚ ୩୪୦୦ ପ୍ରତିଶତ ବୃଦ୍ଧି ପାଇଛି । ଭାରତରୁ ମାଳଦ୍ୱୀପକୁ ବିମାନଭଡା ୨୦ହଜାରରୁ ୧୨ହଜାରକୁ ଖସିଆସିଛି। ଏପରିକି ୧୭ ଜାନୁଆରୀ ଦିନର ନୂଆଦିଲ୍ଲୀରୁ ମାଲେ ବିମାନଭଡା ୮୨୧୫ ଟଙ୍କା ଏବଂ ଚେନ୍ନାଇରୁ ମାଲେ ବିମାନଭଡା ୮୨୪୫ ଟଙ୍କାକୁ ଖସିଛି । ଲାକ୍ଷାଦ୍ୱୀପକୁ ବିମାନସେବା ଯୋଗାଉଥିବା ଏକମାତ୍ର ସଂସ୍ଥା ଆଲିଆନ ଏୟାର ଭୀଡକୁ ହ୍ରାସ କରିବାକୁ ଆଉ ଏକ ବିମାନ ସପ୍ତାହକୁ ଦୁଇଥର କୋଚି-ଅଗାଟି ମଧ୍ୟରେ ଚଳାଚଳ କରିବା ପାଇଁ ସ୍ଥିର କରିଛି । ପୂର୍ବରୁ ଏହି ଆକାଶମାର୍ଗରେ ଗୋଟିଏ ବିମାନ(୭୦ ଆସନ ବିଶିଷ୍ଟ) ଚଳାଚଳ କରୁଥିଲାବେଳେ ଏବେ ପ୍ରତି ରବିବାର ଏବଂ ବୁଧବାର ଦିନ ଅନ୍ୟ ଏକ ବିମାନ ଚଳାଚଳ କରିବାକୁ ଘୋଷଣା କରିଛି । ଏଥିପାଇଁ ମାର୍ଚ୍ଚମାସ ପର୍ଯ୍ୟନ୍ତ ବିମାନର ସମସ୍ତ ଟିକେଟ ବୁକିଂ ସରିଛି । ପ୍ରତିଦିନ ଅନେକ ପର୍ଯ୍ୟଟକ ଟିକେଟ ବୁକିଂ ପାଇଁ ଯାଉଥିବାବେଳେ ବିମାନ ଟିକେଟ ମିଳୁନାହିଁ । ଲାକ୍ଷାଦ୍ୱୀପକୁ ଯିବାଲାଗି ଯାତ୍ରୀଙ୍କ ଆଗ୍ରହ ଦେଖି ଦେଶର ଅନ୍ୟତମ ବିମାନ ସଂସ୍ଥା ସ୍ପାଇସ ଜେଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଜୟ ସିଂହ ଲାକ୍ଷାଦ୍ୱୀପ ପାଇଁ ନିଜର ବିମାନସେବା ଆରମ୍ଭ କରିବା ଲାଗି ଘୋଷଣା କରିଛନ୍ତି। ଏହା ସହ ମାଳଦ୍ୱୀପ ପାଇଁ ପର୍ଯ୍ୟଟକଙ୍କ ବ୍ୟବସ୍ଥା ଦେଖୁଥିବା ସଂସ୍ଥା ‘ମେକ୍ ମାଇ ଟ୍ରିପ୍’ଏବେ ‘ବିଚେସ୍ ଅଫ୍ ଇଣ୍ଡିଆ’ ଅଭିଯାନ ଆରମ୍ଭ କରିଛି । ସେହିପରି ଇସ୍ରାଏଲ ସରକାର ଜଳପରିଷ୍କରଣ ପ୍ରକଳ୍ପ ଆରମ୍ଭ କରିଥିବା ବିଷୟ ନୂଆଦିଲ୍ଲୀସ୍ଥିତ ଦୂତାବାସପକ୍ଷରୁ ଘୋଷଣା କରାଯାଇଛି। ମାଳଦ୍ୱୀପର ମନ୍ତ୍ରୀ ମାଲସା ସରିଫ୍, ମରିୟମ ସିଉନା ଏବଂ ଅବଦୁଲ୍ଲା ମହଜୁମ ମାଜିଦଙ୍କ ଅରୁଚିକର ମନ୍ତବ୍ୟ ପରେ ସେମାନଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଇଥିବା ବିଷୟ ମାଳଦ୍ୱୀପ ସରକାର ପ୍ରକାଶ କରିଛନ୍ତି। ୮ ଜାନୁଆରୀ ୨୦୨୪ ଦିନ ନୂଆଦିଲ୍ଲୀସ୍ଥିତ ମାଳଦ୍ୱୀପର ହାଇକମିଶନର ଇବ୍ରାହିମ ସାହିବଙ୍କୁ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ଡକାଯାଇ ଭାରତର ଅସନ୍ତୋଷ ବିଷୟରେ ଜଣାଇ ଦିଆଯାଇଥିଲା । ସେହିପରି ଭାରତର ଲୋକେ ସେମାନଙ୍କ ବ୍ୟକ୍ତିଗତ ସୋସିଆଲ ମିଡିଆ ଆକାଉଣ୍ଟରେ ପ୍ରଚଣ୍ଡ ବିରୋଧ କରିବାପରେ ସିନେ ତାରକା ଅକ୍ଷୟ କୁମାର, ସଲମାନ ଖାଁ, ଜନ୍ ଆବ୍ରାହମ୍, ଶ୍ରଦ୍ଧା କପୂର, କଙ୍ଗନା ରାନାଓ୍ୱତ ସେମାନଙ୍କ ଅସନ୍ତୋଷ ବ୍ୟକ୍ତ କରିଥିଲେ। କ୍ରିକେଟ ତାରକା ସଚିନ ତେନ୍ଦୁଲକର, ହାର୍ଦ୍ଦିକ ପାଣ୍ଡ୍ୟା ମଧ ଲୋକଙ୍କ ସହ ଅସନ୍ତୋଷ ବ୍ୟକ୍ତ କରିବା ପରେ ଭାରତୀୟ ଲୋକେ ୮ହଜାର ହୋଟେଲ ରୁମ୍ ଏବଂ ୨୫୦୦ ବିମାନ ଟିକେଟ ବୁକିଂ ରଦ୍ଦ କରିଥିଲେ । ସେହିପରି ମାଳଦ୍ୱୀପ ସ୍ଥିତ ଭାରତୀୟ ହାଇକମିଶନର ମୁନୁ ମହାଓ୍ୱାର ମାଲେର ବୈଦେଶିକ ବିଭାଗରେ କଠିନ ଭାଷାର ପ୍ରତିବାଦପତ୍ର ପ୍ରଦାନ କରିଥିଲେ । ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନସିଦ ବର୍ତ୍ତମାନର ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁଙ୍କ ନିନ୍ଦା କରିଥିଲେ । ମୁଇଜ୍ଜୁ ୭ ଜାନୁଆରୀ ଦିନ ବେଜିଂ ଯାତ୍ରା କରିବା ପୂର୍ବରୁ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ମାଳଦ୍ୱୀପର ବିଦେଶ ମନ୍ତ୍ରୀ ମୂସା ଜମିର ମନ୍ତ୍ରିମଣ୍ଡଳର ତିନି ସଦସ୍ୟଙ୍କ ବିରୋଧରେ ବହିଷ୍କାର କାର୍ଯ୍ୟାନୁଷ୍ଠାନ ଘୋଷଣା କରିଥିଲେ । ମାଳଦ୍ୱୀପର ରାଜନେତାଙ୍କ ମନ୍ତବ୍ୟ ସରକାରଙ୍କ ମନ୍ତବ୍ୟ ନୁହେଁ ବୋଲି କହିଥିଲେ । (ସମାପ୍ତ)


ଭାରତୀୟ ସମ୍ବାଦ ସେବା (ଭାସ୍)<br>
ଭୁବନେଶ୍ୱର-୭୫୧୦୦୩





### କେମିତି ଅଛ

**ତପନ ସାହୁ**



ରାତିକୁ ପୃଷ୍ଠାଟିଏ କରି<br>
ଲିଭେଇ ପାରେନି ଅବୁଝା ମନର<br>
ଅନାବନା ଶବ୍ଦ<br>
ଆମ ଭିତରେ ଦୂରତା ଦୁଇ କୂଳର<br>
ମିଳନ ଏବେ ଅଭିଶାପ ।

ରତୁର ଅଣ୍ଟରୁ ଖସି ପଡିଥିବା<br>
ଘୃଣାର ବୀଜଟିଏ<br>
ପାଲଟି ସାରିଛି ବିଶାଳ ଦ୍ରୁମ<br>
ପ୍ରୀତିପୂର୍ଣ୍ଣ ସମ୍ବେଦନା ସବୁ<br>
ପତ୍ର ପରି ଝଡି ଯାଆନ୍ତି ପ୍ରତିମୁହୂର୍ତ୍ତ !

ମହମ ପରି ତରଳି ଯାଏ ସମ୍ପର୍କ<br>
କୁହୁଡ଼ିର ବହଳ ପ୍ରଲେପ ତଳେ<br>
ବୁତୁରି ଯାଉଥାଏ ମିଠା<br>
ମିଠା ଆନ୍ତରିକପଣ<br>
ଯେମିତି ଲାଗୁଥାଏ<br>
ଖସି ପଡ଼ିବ ଅପରିପକ୍ୱ ଫଳ !

ରଙ୍ଗୀନ୍ ସ୍ୱପ୍ନ ଓ ମୁଗ୍ଧ ମୁହୂର୍ତ୍ତ ସବୁ<br>
ପ୍ରଜାପତି ପରି ଉଡ଼ି ଯାଆନ୍ତି<br>
ପ୍ରୀତିମୟ ନୀଳ ଆକାଶ ଆଡକୁ<br>
ଦୂରତା ନିର୍ମୁଳି ପରି ପାଦ ବିସ୍ତାରେ<br>
ତେବେ ସୁଦ୍ଧା ‘ପ୍ରେମ’ ଦୀପହୋଇ<br>
ଜଳୁଥାଏ ପ୍ରତିକ୍ଷଣ !

ଜେବେ ଦେଖା ହୁଏ<br>
ସାଇତା ସ୍ମୃତିକୁ ଏକାଠି କରି<br>
ପଚାରିବାକୁ ତତ୍ପର ହୁଏ ମନ<br>
ଆପେ ଆପେ ପାଟିରୁ ବାହାରି ଯାଏ<br>
କେମିତି ଅଛ ?


ବେଲଗାଁ, ଏମ୍. ରାମପୁର<br>
କଳାହାଣ୍ଡି<br>
ମୋ: ୯୦୧୮୩୧୧୮୬୮


### ଅବ୍ୟକ୍ତ ବେଦନା

**ପ୍ରଭାତ କୁମାର ନାୟକ**



ତୁମେ ଉନ୍ମୁକ୍ତ ଆକାଶେ ମୁକ୍ତ<br>
ବିହଙ୍ଗୀ ଗୋ ପ୍ରୀତି ପ୍ରଣୟର ସ୍ୱର,<br>
ସମୟ ଜାଲରେ ଆବଦ୍ଧ ବିହଙ୍ଗ<br>
ମୁଁ ଯେ ନିରାଶାର ହାହାକାର ।<br>
ତୁମେ ସାଗର ବୁକୁରେ ନର୍ତ୍ତନ<br>
ବିଭୋରା ଚୁନ ଚୁନା ନୀଳ ଉର୍ମି,<br>
ତପ୍ତ ମାର୍ତ୍ତଣ୍ଡର ପ୍ରଚଣ୍ଡ ଜ୍ୱାଳାରେ<br>
ମୁଁ ଯେ ସନ୍ତାପିତ ବେଳାଭୂମି ।

ତୁମେ ଫୁଲ ଫଗୁଣର<br>
ବିକୀର୍ଣ୍ଣ ବିଳାସ ବସନ୍ତର ମଧୁପ୍ରୀତି<br>
ଉଦଗ୍ର ଗ୍ରୀଷ୍ମରେ ଏଠି ଭରା ମୋ<br>
ଜୀବନ କାଳ ବଇଶାଖୀ ତାତି,<br>
ତୁମେ ଚାନ୍ଦିନୀ ରାତ୍ରିର ଜୋଛନାରେ<br>
ଭରା ଅଳସୀ ରୂପସୀ ଜହ୍ନ,<br>
ମୁଁ ଯେ ପଉଷ ନିଶିରେ ଜଳି ମରୁଥିବା<br>
ଡହଡହ ଯଉବନ ।

ତୁମେ ଆଦ୍ୟ ଆଷାଢ଼ର ପୀରତି ପିଆଲା<br>
ପୀୟୂଷର ଘନରସ<br>
ମୁଁ ଯେ ଆବେଗ ଆକୁଳେ<br>
ଚାହିଁ ବସିଥିବା ଚାତକ ପକ୍ଷୀର ଶୋଷ,<br>
ତୁମେ ରାଜଅନ୍ତପୁରେ ସଯତ୍ନେ<br>
ବର୍ଦ୍ଧିତା ଅତି ଅଲିଅଳି ଜେମା,<br>
ବାମନ ହୋଇମୁଁ ଜହ୍ନ ଦେଖେ ସିନା,<br>
ତାକୁ ହାତ ବଢ଼େଇବା ମନା ।

ଗୋଲାପୀ ଓଠରୁ ଝରି ଯାଉଥିବା<br>
ତୁମେ ମଧୁର ମହକ ହସ,<br>
ମୁଁ ଯେ ପାହାନ୍ତି ପ୍ରହରେ ଝରା<br>
ଶେଫାଳିର ବାସହୀନ ଅବସୋସ।


+ ଚେନ୍ନାଇ , ତାମିଲନାଡୁ<br>
ମୋ - ୮୧୨୨୮୦୩୨୪୬


### ସପନରେ ତୁମେ କାହିଁକି ଆସ... ?

**ନୂତନ କୁମାର ବେହେରା**



ଜାଣିଛ ତୁମେ ଖୁବ୍ ଭଲ ଭାବରେ<br>
ମୁଁ ତୁମକୁ ହୃଦୟ ଭରି ଭଲପାଏ<br>
ବହୁତ<br>
ମୁଁ ବି ଜାଣିଛି ଉପଲବ୍ଧି କରିଛି<br>
ତୁମେ ମୋତେ ଭଲପାଅ ଆଶାତୀତ

ତୁମ ଭିତରେ ଅଛି ମୁଁ<br>
ମୋ ଭିତରେ ଅଛ ତୁମେ<br>
ଉଭୟେ ତ ଅଛୁଁ ଏକାତ୍ମ ହୋଇ<br>
କାୟା ଛାୟା ପରି ପ୍ରେମେ<br>
ଜନ୍ମ ଜନ୍ମାନ୍ତର ଧରି<br>
କେହି କାହାକୁ ପାଇବାନି ଛାଡ଼ି

ଏ ତ ସଦ୍ୟ ଦିବାଲୋକର ପ୍ରକାଶ<br>
ବାସ୍ତବ ସତ୍ୟକୁ ଏଡ଼ି ଦେଇ<br>
ସପନରେ ତୁମେ କାହିଁକି ଆସ... ?<br>
ଏତେ ଆନ୍ତରିକତା ଏତେ ନିବିଡ଼ତା<br>
ପ୍ରାଣ ଆଉ ସ୍ପନ୍ଦନ<br>
ଜୀବନ ଓ ପ୍ରଶ୍ୱାସର ବନ୍ଧନ<br>
ଦୁହିଁଙ୍କର ଏକ ଜୀବନ

ଆଶା ଆକାଂକ୍ଷା ଅଭିଳାଷ ବିଳାସ<br>
ବସନ୍ତର ସ୍ପର୍ଶରେ ଫଗୁଣର ହସ<br>
ଫୁଲଶଯ୍ୟାର ଆନନ୍ଦ ଉଲ୍ଲାସ<br>
ଏକାଗ୍ରତାର ଏକତାରେ ଅନୁବନ୍ଧିତ<br>
ହୋଇଛୁ ସଂକଳ୍ପବଦ୍ଧ

ତୁମର ମୋର କଣ୍ଠ ନିଃସୃତ ଶବ୍ଦକୁ<br>
ପଦ ଲାଳିତ୍ୟରେ କରିବା ସଂଗୀତମୟ<br>
ଗଢ଼ିବା ଆମର ଜୀବନ<br>
ସାରା ସଂସାରକୁ କରି ମଧୁମୟ<br>
ହୃଦୟରେ ସଞ୍ଚି ବି ଏତେ ଭରସା<br>
ବିଶ୍ୱାସ<br>
ସପନରେ ତୁମେ କାହିଁକି ଆସ... ?<br>
ହୁଏଁ ମୁଁ ବ୍ୟସ୍ତ ଅଧିର ଅସ୍ଥିର<br>
ନିଦ୍ରା ମୋର ଭାଙ୍ଗିଯାଏ ଅଚାନକ<br>
ଚାହିଁ ରହେ ଅପଲକ<br>
ଖେଳ ତୁମେ ମୋ ସାଥେ ଲୁଚକାଳି<br>
ହୋଇ ମରୁର ମରୀଚିକା<br>
ନିଃସଙ୍ଗତାରେ ଲାଗେ ଏକା ଏକା<br>
ସତ ହୋଇ ତୁମେ ହୁଅ ସପନ

ତୁମ ମନକଥା ରଖ ଗୋପନ<br>
ତୁମର ଅଧିକାରକୁ କରି ଜାହିର<br>
ହେଉନ ତୁମେ ଅଧିକାରିଣୀ<br>
ହୃଦୟେ ବାଜି ଉଠିବ<br>
ମନର ମୋହନ ବଂଶୀ<br>
ତୋଳି ସାତ ସୁରର ରାଗ ରାଗିଣୀ

ସୁଯୋଗ ତ ଡ଼ାକେ ହାତଠାରି<br>
ବଜାଇବାକୁ କୁଞ୍ଜବନେ<br>
ମଧୁ ମିଳନର ମହୁରୀ<br>
ତଥାପି ରୁହ ତୁମେ ନୀରବେ

କର ସନ୍ଦେହ ଆବିଶ୍ୱାସ<br>
ସତକୁ ସାହସର ସହିତ<br>
ସାମ୍ନା ନ କରି<br>
ସପନରେ ତୁମେ କାହିଁକି ଆସ... ?


କୋହି,ବାରିପଦା,ମୟୂରଭଞ୍ଜ<br>
ମୋ: ୮୦୧୮୩୫୩୩୨୨

# ଜ୍ୟାକଲିନ ଓ ଚନ୍ଦ୍ରଶେଖରଙ୍କୁ ନେଇ ଇଡିଙ୍କ ଚାଞ୍ଚଲ୍ୟକର ଦାବି



ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦିଲ୍ଲୀ ଉଚ୍ଚନ୍ୟାୟାଳୟଙ୍କ ନିକଟରେ ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜଙ୍କ ବିରୋଧରେ ଏକ ଚାଞ୍ଚଲ୍ୟକର ଦାବି କରିଛନ୍ତି। ଇଡିଙ୍କ କହିବାନୁସାରେ, ବଲିଉଡ ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ ମହାଠକ ସୁକେଶ ଚନ୍ଦ୍ରଶେଖରଙ୍କ ବିଷୟରେ ସବୁକିଛି ଜାଣିବି ତାଙ୍କ ସହ ଜଡ଼ିତ ଥିଲେ। ଚନ୍ଦ୍ରଶେଖର ଦେଉଥିବା ଉପହାର ସବୁ ଠକେଇ ପଇସାର ଥିବା ବି ଅଭିନେତ୍ରୀ ଜାଣିଥିଲେ। ଏହାପରେ ବି ଜ୍ୟାକଲିନ ସେ ସମସ୍ତ ଉପହାରକୁ ସ୍ୱୀକାର କରିଥିଲେ। ଆଜି ପର୍ଯ୍ୟନ୍ତ ଜ୍ୟାକଲିନ ଚନ୍ଦ୍ରଶେଖରଠାରୁ କ'ଣ କ'ଣ ଉପହାର ନେଇଛନ୍ତି ସ୍ପଷ୍ଟ ଭାବେ ଜଣାଇନାହାନ୍ତି। ଯେପର୍ଯ୍ୟନ୍ତ ପ୍ରମାଣ ମିଳି ନଥାଏ ସେ ସମସ୍ତ କଥାକୁ ଲୁଚାଇ ରଖିଥାଆନ୍ତି। ଏବେ ସବୁ କଥାକୁ ସୁକେଶ ଗୋଟିଗୋଟି କରି ସାମ୍ନାକୁ ଆଣିବା ପରେ ଜ୍ୟାକଲିନ ଏବେ ତାଙ୍କ ସହିତ ଆଉ କୌଣସି ସମ୍ପର୍କ ରଖିବାକୁ ଚାହୁଁ ନାହାନ୍ତି। ନିକଟରେ ଜ୍ୟାକଲିନ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିଶନ ଦାଖଲ କରି କହିଥିଲେ କି ସୁକେଶ ଚନ୍ଦ୍ରଶେଖରଙ୍କ ସହ ଜଡିତ ୨୦୦ କୋଟି ଟଙ୍କା ଲଣ୍ଡରିଂ ମାମଲାରେ ତାଙ୍କ ବିରୋଧରେ ପଞ୍ଜୀକୃତ ହୋଇଥିବା ଏଫଆଇଆର ବାତିଲ କରାଯାଉ। ଏଥିସହିତ ଚନ୍ଦ୍ରଶେଖରଙ୍କୁ ତାଙ୍କ ବିଷୟରେ ଆଉ କୌଣସି ଚିଠି, ବିବୃତ୍ତି କିମ୍ବା ବାର୍ତ୍ତା ପ୍ରଦାନ ନ କରିବାକୁ ଜ୍ୟାକଲିନ ଦିଲ୍ଲୀ ପୁଲିସ ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)କୁ ନିର୍ଦ୍ଦେଶ ମାଗିଥିଲେ ।

# ବାହାଘର ପରେ ସଂଗୀତରୁ ଆରମ୍ଭ କଲେ ବୃତ୍ତିଗତ ଜୀବନ

ବଲିଉଡ୍ ଅଭିନେତ୍ରୀ ପରୀଣିତି ଚୋପ୍ରା ନିଜର ବୃତ୍ତିକୁ ଅନୁସରଣ କରି ଶେଷର ସଂଗୀତ ଦୁନିଆରେ ତାଙ୍କ ପାଦ ଥାପିଛନ୍ତି। ତାଙ୍କ ଏହି ନିଷ୍ପତ୍ତିରେ ସ୍ୱାମୀ ରାଘବ ଚଢ଼ା ବି ଖୁବ୍ ସମର୍ଥନ ଦେଇଛନ୍ତି।

ନିକଟରେ ପରୀଣିତି ତାଙ୍କର ଲାଇଭ୍ କନ୍ସର୍ଟର କିଛି ଫୁଟେଜ୍ ସେୟାର କରିଛନ୍ତି। ଯେଉଁଥିରେ ସେ ବ୍ୟାଖ୍ୟା କରିଛନ୍ତି ଯେ ସ୍ୱାମୀ ରାଘବ ତାଙ୍କୁ ଖୁବ୍ ସମର୍ଥନ ଦେଇଛନ୍ତି। ସେ ଏକ ସାକ୍ଷାତ୍କାରେ ନିଜ ସ୍ୱାମୀଙ୍କ ପ୍ରେରଣାଦାୟକ ଚରିତ୍ର ବିଷୟରେ କଥା ହୋଇ ଖୁସି ବ୍ୟକ୍ତ କରିଛନ୍ତି। ଦର୍ଶକ ତାଙ୍କୁ ଅଭିନେତ୍ରୀ ଭାବେ ଦେଖିଥିଲେ। ଏବେ ଜଣେ କଣ୍ଠଶିଳ୍ପୀ ଭାବେ ବି ପରୀଙ୍କୁ ବହୁତ ସାରା ଭଲପାଇବା ମିଳିଛି। ପରୀଣିତି ଚୋପ୍ରା ରାଘବ



ଚଢ଼ାଙ୍କୁ ୨୦୨୪ ମସିହା ସେପ୍ଟେମ୍ବର ମାସରେ ବିବାହ କରିଥିଲେ। ବିବାହର କିଛି ମାସ ମଧ୍ୟରେ ହିଁ ଅଭିନେତ୍ରୀ ପୁଣି ଥରେ ନିଜ ବୃତ୍ତିଗତ ଜୀବନ ଉପରେ ଧ୍ୟାନ ଦେଇଛନ୍ତି।

ବିବାହ ପରେ ବୃତ୍ତିଗତ ଜୀବନକୁ ପୁଣି ଥରେ ଆରମ୍ଭ କରିଥିବା ପରୀ ସଂଗୀତରୁ ହିଁ ମୂଳଦୁଆ ପକାଇଛନ୍ତି। ପିଙ୍କ୍‌ଭିଲା ସହ କଥାବାର୍ତ୍ତା ସମୟରେ ପରୀଣିତି କହିଛନ୍ତି ଯେ ତାଙ୍କୁ ପିଲାଦିନରୁ ହିଁ ସଂଗୀତ ପ୍ରତି ଖୁବ୍ ରୁଚି ରହିଛି। ସେ ସଂଗୀତରେ ଡିଗ୍ରି ବି ହାସଲ କରିଛନ୍ତି। ସେ କହିଛନ୍ତି କି ଲାଇଭ୍ କନ୍ସର୍ଟ ସହ ସେ କିଛି ମ୍ୟୁଜିକ୍ ଆଲ୍‌ବମ୍‌ରେ ବି ଆଗକୁ କାମ କରିବାକୁ ଯାଉଛନ୍ତି। ସେ ଭବିଷ୍ୟତରେ ଗୀତ ବି ଲେଖିବେ ବୋଲି କହିଛନ୍ତି।

# ରାଜନୀତି କରିବେ ସୁପରଷ୍ଟାର ଥଲପତି ବିଜୟ, ଗଢ଼ିବେ ନିଜସ୍ୱ ଦଳ

ଲୋକପ୍ରିୟ ଅଭିନେତା ତଥା ସୁପରଷ୍ଟାର ଥଲପତି ବିଜୟ ତାଙ୍କର ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି। ରାଜନୀତିରେ ପ୍ରବେଶ କରିବେ ବିଜୟ। ସେ ଖୁବଶୀଘ୍ର ତାମିଲନାଡୁରେ ନିଜସ୍ୱ ରାଜନୀତିକ ଦଳ ମଧ୍ୟ ଲଞ୍ଚ କରିବେ।

ବିଜୟଙ୍କୁ ଦଳର ସଭାପତି ଭାବେ ମଧ୍ୟ ଚୟନ କରାଯାଇ ସାରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ବିଜୟଙ୍କ ରାଜନୀତିକ ଦଳରେ ଥିବା ଜଣେ ସଦସ୍ୟ କହିଛନ୍ତି, "ଆମେ ଭାରତୀୟ ନିର୍ବାଚନ କମିଶନଙ୍କ ନିକଟରେ ପଞ୍ଜୀକରଣ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛୁ। ଖୁବଶୀଘ୍ର ବିଜୟ ନିଜର ରାଜନୀତିକ ଦଳକୁ ସାର୍ବଜନୀନ କରିବେ।" ମିଳିଥିବା ସୂଚନା ଅନୁସାରେ, ପଞ୍ଜୀକରଣ ପୂର୍ବରୁ ବିଜୟଙ୍କ ଅଧ୍ୟକ୍ଷତାରେ ଗୋଟିଏ ବୈଠକ ବସିଥିଲା। ଏଥିରେ ପାର୍ଟିର ୨୦୦ ଜଣ ବରିଷ୍ଠ ସଦସ୍ୟ ଯୋଗ ଦେଇଥିଲେ। ବୈଠକରେ ଦଳର ସାଧାରଣ ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ଚୟନ କରାଯାଇଛି।

ସେହିପରି ଗୋଟିଏ କେନ୍ଦ୍ରୀୟ କାର୍ଯ୍ୟନିର୍ବାହୀ କମିଟି ମଧ୍ୟ ଗଠନ ହୋଇଛି। ବିଜୟ ନିଜ ଦଳର ନାଁ ବାଛିବେ ଓ ଦଳର ପଞ୍ଜୀକରଣ କରାଇବେ। ଏହାପରେ ବିଜୟଙ୍କ ଦଳ ରାଜନୀତିକ ମୈଦାନକୁ ଓହ୍ଲାଇବ ବୋଲି ବୈଠକରେ ଥିବା ସବୁ ସଦସ୍ୟ ମତ ରଖିଛନ୍ତି।



କିନ୍ତୁ ବିଜୟଙ୍କ ଦଳ କେବେ ରାଜନୀତିରେ ଏଣ୍ଟ୍ରୀ କରିବ, ସେକଥା ଜଣାପଡ଼ିନି। କୁହାଯାଉଛି ଯେ ୨୦୨୬ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ବିଜୟ ଆଣ୍ଡ କୋ ରାଜନୀତିରେ ପ୍ରବେଶ କରିବେ। ଦଳର ନାଁ ଫାଇନାଲ ହୋଇନି। ହେଲେ ନାଁରେ କାଝାଗମ ରହିବ। କାରଣ ତାମିଲନାଡୁର ଏହା ପରମ୍ପରା।

ତାମିଲ ସିନେମା ଇଣ୍ଡଷ୍ଟ୍ରୀରେ ଦ୍ୱିତୀୟ ରଜନୀକାନ୍ତ ଭାବେ ବିଜୟ ପରିଚିତ। ସେ ୬୮ରୁ ଅଧିକ ସିନେମାରେ ଅଭିନୟ କରି ସାରିଛନ୍ତି। ଦୀର୍ଘ ଗୋଟିଏ ଦଶନ୍ଧି ହେଲା ବିଜୟ ରାଜନୀତିକୁ ଆସିବେ ବୋଲି ଚର୍ଚ୍ଚା ଲାଗି ରହିଥିଲେ। ଏହି ସମୟସୀମା ମଧ୍ୟରେ ସେ ବିଭିନ୍ନ ଫ୍ୟାନ କ୍ଲବ ଓ ସାମାଜିକ ଅନୁଷ୍ଠାନ ଗଠନ କରି ଲୋକଙ୍କ ନିକଟବର୍ତ୍ତୀ ହେବାକୁ ଚେଷ୍ଟା କରିଥିଲେ। ଏବେ ସେ ବିଧିବଦ୍ଧ ଭାବେ ରାଜନୀତିରେ ପ୍ରବେଶ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ଚମକିଲା ବିକ୍ରାନ୍ତ ମେସିଙ୍କ ଭାଗ୍ୟ, ରାଜକୁମାର ହିରାନୀଙ୍କ ସହ କରିବେ ଓଟିଟି ଡେବ୍ୟୁ



୧୨ମ ଫେଲ ଚଳଚ୍ଚିତ୍ର ରିଲିଜ୍ ହେବା ପରଠାରୁ ବଲିଉଡ ଅଭିନେତା ବିକ୍ରାନ୍ତ ଲଗାତାର ଲାଇମଲାଇଟରେ ରହିଆସିଛନ୍ତି। ଅଭିନେତା କେବଳ ଦର୍ଶକଙ୍କ ପ୍ରଶଂସା ଗ୍ରହଣ କରିନଥିଲେ, ଅନେକ ସେଲିବ୍ରେଟି ମଧ୍ୟ ବିକ୍ରାନ୍ତଙ୍କ ପ୍ରଶଂସା କରିଥିଲେ। ଏସବୁ ମଧ୍ୟରେ 'ସଞ୍ଜୁ', '୩ ଇଡିଅଟ୍ସ' ଏବଂ 'ଡିଙ୍କି' ଭଳି ଚଳଚ୍ଚିତ୍ର ନିର୍ମାଣ କରିଥିବା ଚଳଚ୍ଚିତ୍ର ନିର୍ମାତା ରାଜକୁମାର ହିରାନୀ ତାଙ୍କ ନୂତନ ପ୍ରୋଜେକ୍ଟ ପାଇଁ ବିକ୍ରାନ୍ତ ମାସେଙ୍କୁ ଚୟନ କରିଛନ୍ତି। 'ଡିଙ୍କି'ର ସଫଳତା ପରେ ରାଜକୁମାର ହିରାନି ବର୍ତ୍ତମାନ ତାଙ୍କ ନୂତନ ପ୍ରୋଜେକ୍ଟ ଆଡକୁ ମୁହାଁଇଛନ୍ତି । ରାଜକୁମାର ହିରାନୀ ବର୍ତ୍ତମାନ ଓଟିଟି ରେ ଡେବ୍ୟୁ କରିବାକୁ ଯୋଜନା କରୁଛନ୍ତି। କୁହାଯାଉଛି ଯେ ଏକ ୱେବ୍ ସିରିଜ୍ ଆଣିବାକୁ ଯାଉଛନ୍ତି। ନିର୍ଦ୍ଦେଶିତ ଏହି ଧାରାବାହିକରେ ବିକ୍ରାନ୍ତ ମୁଖ୍ୟ ଭୂମିକାରେ ନଜର ଆସିବେ। ତେବେ ରାଜକୁମାର ହିରାନୀଙ୍କ ନିର୍ଦ୍ଦେଶିତ ଫିଲ୍ମ ସାଇବର ଅପରାଧ ଉପରେ ଆଧାରିତ ହେବ। ରାଜକୁମାର ହିରାନୀ ନିକଟରେ ଏକ ସାକ୍ଷାତକାର ଦେଇଥିଲେ । ଯେଉଁଠାରେ ଚଳଚ୍ଚିତ୍ର ନିର୍ମାତା ତାଙ୍କର ନୂତନ ପ୍ରୋଜେକ୍ଟ ବିଷୟରେ କହିଥିଲେ -'କିଛି କାହାଣୀ ଏକ ଲମ୍ବା ଫର୍ମାଟ୍ ଆବଶ୍ୟକ କରେ ଏବଂ ଆପଣ ଏହାକୁ ଏକ ଫିଲ୍ମରେ ତିଆରି କରିପାରିବେ ନାହିଁ । ଆମେ ବର୍ତ୍ତମାନ ଯାହା କାର୍ଯ୍ୟ କରୁଛୁ ତାହା ସହିତ ସମାନ । କୋଭିଡସମୟରେ ଆମେ ଏହି କାହାଣୀ ପାଇଲୁ । ମୁଁ ଏହି ସିରିଜ୍ ପାଇଁ ଏକ ଶୋ ରନର୍ ଭାବରେ କାର୍ଯ୍ୟ କରିବି ଏବଂ ଏହି ଶୋ'ରେ ସମ୍ପୂର୍ଣ୍ଣ ଜଡିତ ହେବି । ରାଜକୁମାର ହିରାନୀ ମଧ୍ୟ ତାଙ୍କ ସାକ୍ଷାତକାରରେ କହିଛନ୍ତି ଯେ ଏହି କାହାଣୀଟିକୁ ନେଇ ସେ ବହୁତ ଉତ୍ସାହିତ ଅଛନ୍ତି।

# ଟଲିଉଡ୍‌ର ସବୁଠୁ ମହଙ୍ଗା ଫିଲ୍ମରେ ସାମିଲ ହେଲା ହନୁମାନ, ୩ଡିରେ ହେବ ରିଲିଜ୍

ପ୍ରଶାନ୍ତ ଭର୍ମାଙ୍କ ନିର୍ଦ୍ଦେଶିତ ଫିଲ୍ମ ହନୁମାନ । ଏହା ରିଲିଜ୍ ହେବା ଦିନ ଠାରୁ ଇତିହାସ ସୃଷ୍ଟି କରିଥିଲା। ନିର୍ମାତା ଏହି ଫିଲ୍ମରେ ନୂଆ ଅଭିନେତାମାନଙ୍କୁ କାଷ୍ଟ କରିଥିଲେ। ଏହା ସତ୍ତ୍ୱେ ବି ବକ୍ସ ଅଫିସକୁ କାବୁ କରିଛି। ଏହି ସମୟରେ, ହନୁମାନ ପ୍ରଭାସଙ୍କ ପରି ଏକ ବଡ ସୁପରଷ୍ଟାରଙ୍କୁ ମଧ୍ୟ ଟକ୍କର ଦେଇଛି। ବର୍ତ୍ତମାନ ନିର୍ମାତାମାନେ ଫିଲ୍ମ ବିଷୟରେ ଏକ ବଡ ଅପଡେଟ୍ ଦେଇଛନ୍ତି । ଆସନ୍ତୁ ଜାଣିବା ସମଗ୍ର ବିଷୟ କ'ଣ? ଖବର ଅନୁଯାୟୀ, ତେଜା ସଜାଙ୍କ ହନୁମାନ ଲୋକଙ୍କୁ ଏତେ ପ୍ରଭାବିତ କରିଥିଲା ଯେ ବର୍ତ୍ତମାନ ନିର୍ମାତାମାନେ ଏହାର ୩ଡ ଭର୍ସନ ପ୍ରକାଶ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଟଲିଉଡର ସର୍ବାଧିକ ଆୟ କରିଥିବା ଚଳଚ୍ଚିତ୍ର ତାଲିକାରେ ଏହି ଫିଲ୍ମ ୮ ନମ୍ବରରେ ପହଞ୍ଚିଛି। ରିଲିଜ୍ ପରେ ଲୋକମାନେ ଫିଲ୍ମକୁ ଅଧିକ ପସନ୍ଦ କରିଥିଲେ କାରଣ ଏଥିରେ କୌଣସି ବଡ ତାରକା ନଥିଲେ । ତଥାପି, ଚଳଚ୍ଚିତ୍ରର ପ୍ରତ୍ୟେକ ଚରିତ୍ର ଏତେ ବାସ୍ତବ ଅଭିନୟ କରିଥିଲେ ଯେ ଲୋକମାନଙ୍କ ହୋସ୍ ଉଡିଯାଇଥିଲା। ବର୍ତ୍ତମାନ ୩ଡ ରିଲିଜ୍ ବିଷୟରେ ଏକ ଗୁଜବ ଆରମ୍ଭ ହୋଇଛି। ରିପୋର୍ଟରେ କୁହାଯାଇଛି ଯେ ନିର୍ମାତାମାନେ ଏହି ଗ୍ରୀଷ୍ମ ସମୟରେ ସାରା ଦେଶରେ ୩ଡ ଭର୍ସନ ମୁକ୍ତଲାଭ କରିପାରନ୍ତି। ତେବେ ଏ ସମ୍ପର୍କରେ ଏକ ଅଫିସିଆଲ ଘୋଷଣା ଖୁବ ଶୀଘ୍ର ହେବ ବୋଲି ଆଶା କରାଯାଉଛି।




# ବୟଫ୍ରେଣ୍ଡ ବିଜୟଙ୍କର ଖୁବ୍ ପ୍ରଶଂସା କଲେ ରଶ୍ମିକା, କହିଲେ-ସିଏ ମୋର ବଡ ସମର୍ଥକ



ଆନିମଲ ଫେମ୍ ଅଭିନେତ୍ରୀ ରଶ୍ମିକା ମନ୍ଦାନା। ଦୀର୍ଘ ଦିନ ଧରି ତାଙ୍କ ସମ୍ପର୍କ ଚର୍ଚ୍ଚାରେ ରହିଆସିଛି। ରଶ୍ମିକା ସାଉଥ୍ ସୁପରଷ୍ଟାର ଅର୍ଜୁନ ରେଡ୍ଡୀ ଅର୍ଥାତ୍ ଅଭିନେତା ବିଜୟ ଦେବରାକୋଣ୍ଡାଙ୍କ ସହ ରିଲେଶନସିପ୍‌ରେ ଅଛନ୍ତି। ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କୁ ବିଜୟଙ୍କ ସହ ତାଙ୍କ ସମ୍ପର୍କ ବିଷୟରେ ଅନେକ ଥର ପଚରାଯାଇଥିଲା। ହେଲେ ସେ ଏକଥାକୁ ସବୁ ବେଳେ ଏଡାଇ ଦିଅନ୍ତି। ନିକଟରେ ଏକ ସାକ୍ଷାତକାର ସମୟରେ ତାଙ୍କୁ ବିଜୟଙ୍କ ସହ ଥିବା ବଣ୍ଡ ବିଷୟରେ ପଚରାଯାଇଥିଲା। ଏଠାରେ ରଶ୍ମିକା ଅଭିନେତାଙ୍କୁ ପ୍ରଶଂସା କରିବାରେ ନିଜକୁ ଅଟକାଇ ପାରିନଥିଲେ। ସେ ସ୍ୱୀକାର କରି କହିଛନ୍ତି ଯେ ବିଜୟ ତାଙ୍କ ଜୀବନର ସବୁଠାରୁ ବଡ ସପୋର୍ଟର। ଏକ ସାକ୍ଷାତକାରେ ରଶ୍ମିକା କହିଛନ୍ତି, 'ବିଜୁ ଏବଂ ମୁଁ, ଆମେ ଏକାଠି ବଡ ହୋଇଛୁ। ତେଣୁ ମୁଁ ବର୍ତ୍ତମାନ ମୋ ଜୀବନରେ ଯାହାବି କରେ, ସେଥିରେ ତାଙ୍କର ଅଂଶଗ୍ରହଣ ଅଛି । ମୁଁ ସବୁ ବିଷୟରେ ତାଙ୍କ ଠାରୁ ପରାମର୍ଶ ନେଉଛି । ମୋର ତାଙ୍କର ମତାମତ ଜରରୀ। ସେ ସହିଭଳି ବ୍ୟକ୍ତି ନୁହଁନ୍ତି ଯିଏ ସହଜରେ 'ହଁ' କହିଦେବେ । ସେ ସବୁବେଳେ ସଠିକ୍ ପଏଣ୍ଟ ଉପରେ କଥା ହୁଅନ୍ତି । ମୋ ଜୀବନର ଅନ୍ୟ ସମସ୍ତଙ୍କ ଅପେକ୍ଷା ସେ ମୋତେ ବ୍ୟକ୍ତିଗତ ଭାବରେ ସମର୍ଥନ କରିଛନ୍ତି । ତେଣୁ ମୁଁ ଭାବୁଛି ସେ ଜଣେ ଏମିତି ବ୍ୟକ୍ତି ଯାହାଙ୍କୁ ମୁଁ ପ୍ରକୃତରେ ବହୁତ ସମ୍ମାନ କରେ । କହିବାକୁ ଗଲେ ରଶ୍ମିକା ଏବଂ ବିଜୟ ସେମାନଙ୍କର ପ୍ରଥମ ଚଳଚ୍ଚିତ୍ର 'ଗୀତା ଗୋବିନ୍ଦମ୍'ର ସୁଟିଂ ସମୟରେ ପରସ୍ପରକୁ ଭଲ ପାଉଥିଲେ। ୨୦୧୮ ରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ବହୁତ ପସନ୍ଦ ଆସିଥିଲା। ଉଭୟ ତାରକା ପ୍ରାୟତଃ ଛୁଟିଦିନ ପାଳନ କରିବାକୁ ଏକାଠି ସମୟ ବିତାଉଥିବାର ଦେଖିବାକୁ ମିଳେ। କୁହାଯାଏ ଯେ ଗତ ବର୍ଷ ରଶ୍ମିକା ଏବଂ ବିଜୟ ଏକାଠି ମାଳଦ୍ୱୀପକୁ ଛୁଟିରେ ଯାଇଥିଲେ। ଚଳିତ ବର୍ଷ ସେମାନଙ୍କୁ ଭିଏତନାମରେ ଏକାଠି ଦେଖିବାକୁ ମିଳିଥିଲା । ଏତେ ଫଟୋ ସାମ୍ନାକୁ ଆସିବା ପରେ ବି ସେମାନେ ଏପର୍ଯ୍ୟନ୍ତ ସେମାନଙ୍କର ସମ୍ପର୍କକୁ ନିଶ୍ଚିତ କରିନାହାଁନ୍ତି ।

# ଗୁରୁ ରନ୍ଧାୱାଙ୍କ ସହ ସ୍କ୍ରିନ୍ ସେୟାର କରିବେ ସାଇ, ସାମ୍ନାକୁ ଆସିଲା ଫିଲ୍ମର ପୋଷ୍ଟର



'କୁଛ୍ ଖଟ୍ଟା ହୋ ଜାୟେ'ରେ ଲିଡ୍ ଲେଡି ଭାବେ ନଜର ଆସିବେ ଅଭିନେତ୍ରୀ ସାଇ ମଞ୍ଜରେକର । ଏହି ଫିଲ୍ମ ଜରିଆରେ ଅଭିନୟ ଦୁନିଆରେ ପାଦ ଥାପିବାକୁ ଯାଉଛନ୍ତି ଲୋକପ୍ରିୟ ଗାୟକ ଗୁରୁ ରନ୍ଧାୱା । ଫିଲ୍ମରେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ଅନୁପମ ଖେର । ନିର୍ମାତା ଗତ ସୋମବାର ଫିଲ୍ମର ନୂଆ ପୋଷ୍ଟର ଜାରି କରି ଏହାର ରିଲିଜ୍ ତାରିଖ ଘୋଷଣା କରିଛନ୍ତି । ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଜି ଅଶୋକ । ଫିଲ୍ମର ପୋଷ୍ଟର ଓ ଟିଜରକୁ ନେଇ ସାଇ ଖୁବ୍ ଉତ୍ସାହିତ ଅଛନ୍ତି । ଏକ ମଜାଦାର ଓ ସୁନ୍ଦର ଯାତ୍ରାରେ ସାମିଲ ହେବାକୁ ସେ ଫ୍ୟାନ୍‌ଙ୍କୁ ଆମନ୍ତ୍ରଣ କରିଛନ୍ତି ।

ଇନ୍‌ଷ୍ଟାଗ୍ରାମରେ ଗୁରୁ ରନ୍ଧାୱା ଫିଲ୍ମର ପୋଷ୍ଟର ଶେୟାର କରି ଲେଖିଛନ୍ତି 'ପ୍ରେମ, ହସ ଓ ସରପ୍ରାଇଜ୍ ଅପେକ୍ଷା କରିଛି! ଫିଲ୍ମ 'କୁଛ୍ ଖଟ୍ଟା ହୋ ଜାୟେ'ରେ ସିରଫିରା ମଜ୍‌ନୁ ଓ ସୁନ୍ଦରୀ ଲୈଲାଙ୍କର ଅଭୁଲା ଯାତ୍ରାରେ ଯୋଡ଼ି ହୁଅନ୍ତୁ ।' ଆଜି ଅର୍ଥାତ୍ ମଙ୍ଗଳବାର ଫିଲ୍ମର ଟିଜର ଜାରି ହେବ ବୋଲି ଗୁରୁ ଉଲ୍ଲେଖ କରିଛନ୍ତି । ଆସନ୍ତା ଫେବ୍ରୁଆରୀ ୧୬ ତାରିଖରେ ଫିଲ୍ମଟି ମୁକ୍ତିଲାଭ କରିବ ।

ନିକଟରେ ନିର୍ମାତା ଫିଲ୍ମର ମଜାଦାର ଗୀତ 'ବୋଟ୍‌ଲି ଖୋଲୋ' ଜାରି କରିଥିଲେ, ଯାହା ଦର୍ଶକଙ୍କଠାରୁ ଭଲ ପ୍ରତିକ୍ରିୟା ପାଇଥିଲା । ଗୀତକୁ ଗୁରୁ ନିଜେ ଗାଇଛନ୍ତି । ମିତ୍ ବ୍ରଦର୍ସ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ଆକ୍ସନ୍ ଡ୍ରାମା 'ଦବଙ୍ଗ-୩'ରେ ସଲମାନ ଖାନ୍‌ଙ୍କ ଅପୋଜିଟ୍‌ରେ ଅଭିନୟ କ୍ୟାରିଅର ଆରମ୍ଭ କରିଥିବା ସାଇ ପାନ୍-ଇଣ୍ଡିଆ ଫିଲ୍ମ 'ମେଜର'ରେ ଆଦିଭି ଶେଷଙ୍କ ଅପୋଜିଟ୍‌ରେ ନଜର ଆସିଥିଲେ ।

# ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋଛାପଡ଼ାର ୨୦୦୦ ମସିହା ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

କନ୍ଧମାଳ , ୧/୨ (ନି.ପ୍ର): ୨୪ ବର୍ଷ ପରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋଛାପଡ଼ାର ୨୦୦୦ମସିହା ଦଶମ ବ୍ୟାଚ ଛାତ୍ର, ଛାତ୍ରୀ ଙ୍କର "ବନ୍ଧୁ ମିଳନ" କାର୍ଯ୍ୟକ୍ରମ ପିଲା ସାଲୁଙ୍କି ଡ୍ୟାମ୍ ନିକଟରେ ଅନୁଷ୍ଠିତ ହୋଇଛି । ଦୀର୍ଘ ବର୍ଷ ପରେ ନିଜର ବିଦ୍ୟାଳୟରେ କଟିଯାଇଥିବା ପ୍ରତ୍ୟକ ସ୍ମରଣୀୟ ମୁହୂର୍ତ୍ତକୁ ଆହୁରି ମଜଭୁତ କରିବାସହ ସମସ୍ତ ଛାତ୍ର, ଛାତ୍ରୀ ବନ୍ଧୁ ମାନଙ୍କ ମଧ୍ୟରେ ବର୍ତ୍ତମାନର ପରିସ୍ଥିତି ଚାଲିଚଳନ ଏବଂ ଆଗାମୀ ସାମାଜିକ ଅର୍ଥନୈତିକ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାର ପ୍ରୟାସକୁ ଲକ୍ଷ କରାଯାଇ ଏହି କାର୍ଯକ୍ରମ କରାଯାଇଥିଲା । ଏହି ବନ୍ଧୁ ମିଳନ ପ୍ରାରମ୍ଭରେ ସମସ୍ତେ ନିଜର ପରିଚୟ ଏବଂ ସମୁଖରେ ଥିବା ବନ୍ଧୁ, ବାନ୍ଧବୀଙ୍କ ପରିଚୟ ଆଦାନ ପ୍ରଦାନ କରି ନିଜର ବୃତିଗତର ବିଷୟରେ ସମ୍ୟକ ଆଲୋକପାତ କରିଥିଲେ । ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସମୁଦାୟ ୨୨ଜଣ ପୁରାତନ ଛାତ୍ର ଛାତ୍ରୀ ବନ୍ଧୁ ଉପସ୍ଥିତ ଥିଲେ ସେମାଙ୍କ ମଧ୍ୟରୁ, ଅଭିରାମ କହଁର, ସୁବ୍ରତ ନାୟକ, ପାରେଶ୍ୱର କହଁର, ଜୟସେନ କହଁର, ଦ୍ୱିତୀକୃଷ୍ଣ କହଁର, ବିରୁପାକ୍ଷ କହଁର, ଗୀତାଞ୍ଜଳୀ ନାୟକ, ଦେବକୀ କହଁର, କଇଁଫୁଲ କହଁର, ସନାତନ କହଁର, ଜିସୟା କହଁର, ମନ୍ମଥ ଦିଗାଲ, ବିଦୁର ଦିଗାଲ, ସୋମନାଥ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ପ୍ରଶାନ୍ତ କହଁର, କାମରାଜ କହଁର, ଅଜିତ ମଲ୍ଲିକ, ଅତନୁ କୁମାର ସାହାଣୀ, ଅରୁଣ ଦିଗାଲ । ସମସ୍ତ ବନ୍ଧୁ ମାନଙ୍କ ମଧ୍ୟରୁ ୩ଜଣ ବନ୍ଧୁଙ୍କୁ ନେଇ ଦଳ ନେତୃତ୍ତ କର୍ତ୍ତା ଚୟନ କରାଯାଇ, ଅଭିରାମ କହଁରଙ୍କୁ ସମ୍ପାଦକ, ସଭାପତି ସୁବ୍ରତ ନାୟକ ଏବଂ ସହ ସମ୍ପାଦକ ଶ୍ରୀ ବିରୁପାକ୍ଷ କହଁର ଙ୍କୁ ବଛାଯାଇ କମିଟି ଗଠନ କରାଗଲା । ସେହି କମିଟିର ଉପଦେଷ୍ଟା ଭାବରେ ସନାତନ କହଁର, ଦ୍ୱିତୀକୃଷ୍ଣ କହଁର, ପାରେଶ୍ୱର କହଁର, ଗୀତାଞ୍ଜାଳୀ ନାୟକ, ଦେବକୀ କହଁର ଙ୍କୁ ଚୟନ କରାଯାଇ ଅନ୍ୟ ସବୁବନ୍ଧୁ ମାନଙ୍କୁ ସଦସ୍ୟ ଭାବରେ ବଛାଯାଇ ଏକ ସଞ୍ଚୟ ଜମା ଖାତା ଖୋଲିବାକୁ ନିଷ୍ପତି କରାଯାଇଥିଲା ଏବଂ ଏହା ପୁଞ୍ଜି ପାଣ୍ଠି ଜମା କରାଯାଇ ଯେକୌଣସି ବନ୍ଧୁଙ୍କ ଜରୁରୀ କାଳୀନ ପରିସ୍ଥିତିରେ ସହଯୋଗର ହାତ ବଢାଇ ଏହି ଗୋଷ୍ଠୀ ମାଧ୍ୟମରେ ସମ୍ୟକ ସମସ୍ୟାର ସମାଧାନ କରିହେବାର ସମସ୍ତ ବନ୍ଧୁ ମତବ୍ୟକ୍ତ କରିଥିଲେ ।ସହପାଠୀ ୨ ଜଣ ଙ୍କ ଦେହାନ୍ତ ହୋଇଥିବାରୁ ନିରବ ପ୍ରାର୍ଥନା କରାଯାଇଥିଲା।

# କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବ ପାଳିତ

କେନ୍ଦ୍ରାପଡ଼ା, ୧/୨ (ନି.ପ୍ର): ମହାବିଦ୍ୟାଳୟର ଗାନ୍ଧୀ ଭବନଠାରେ ଓଡିଶା ସରକାରଙ୍କ ଦ୍ୱାରା ଆୟୋଜିତ 'ନୂଆ-ଓ' କାର୍ଯ୍ୟକ୍ରମ ମାଧ୍ୟମରେ 'ବିଶ୍ୱ ଓଡିଆ ଭାଷା ସମ୍ମିଳନୀ'ର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଦ୍ୱିତୀୟ ଅଧିବେଶନରେ ସଭାପତି ଭାବେ ଯୋଗଦାନ କରିଥିଲେ । ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ବାଉରୀବନ୍ଧୁ ସାହୁ । ସେ ଓଡିଆ ମଧ୍ୟଯୁଗୀୟ ସାହିତ୍ୟରେ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଓଡିଆ ସାହିତ୍ୟ ରଚନା ଜଗନ୍ନାଥଙ୍କ ବିନା ଅସମ୍ଭବ ବୋଲି ବକ୍ତବ୍ୟ ରଖିଥିବା ବେଳେ ଡଃ ଗିରିଶ ଚନ୍ଦ୍ର ସାହୁ ଓଡିଆ ଉପନ୍ୟାସର ସାହିତ୍ୟରେ ଶ୍ରୀ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରବନ୍ଧପାଠକ ଭାବରେ ଯୋଗଦାନ କରିଥିଲେ ଡଃ ବିଚିତ୍ରାମଞ୍ଜରୀ ତ୍ରିପାଠୀ, ଡଃ ଶାରଦା ପ୍ରସାଦ ମହାନ୍ତି, ଡଃ ଗିରିଜାକାନ୍ତ ଦାସ, ସୂର୍ଯ୍ୟକାନ୍ତ ମଲ୍ଲିକ, ଶଶିଭୂଷଣ ଜେନା ପ୍ରମୁଖ । ଅଧିକାରୀ ନିଲେଶ କୁମାର ଦାସ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଡଃ ଅଜିତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନ୍ଧ୍ର ପ୍ରଦେଶର ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ସଂସ୍କୃତ ବିଶାରଦ ପ୍ରଫେସର ହରେକୃଷ୍ଣ ଶତପଥି ଓଡିଆ ସାହିତ୍ୟରେ ଜଗନ୍ନାଥ ସଂସ୍କୃତି କିଭଳି ପ୍ରତିଫଳିତ ତାହା ଦର୍ଶାଇଥିଲେ । ସମ୍ମାନୀତ ଅତିଥି ପ୍ରଫେସର ନନ୍ଦକିଶୋର ପରିଡା 'ବିଶ୍ୱ ଓଡିଆ ଭାଷା ସମ୍ମିଳନୀ' ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରବୀଣ ପ୍ରଧାନ ସଂଯୋଜନା କରିଥିବାବେଳେ ସସ୍ମିତା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ । ଡଃ ଜ୍ଞାନୀନ୍ଦ୍ର ଦାଶ, ଡଃ ପ୍ରଭାକର ମଲ୍ଲିକ, ରମାନାଥ ମହାନ୍ତି, ଗୌରପ୍ରସାଦ ଷଡଙ୍ଗୀ, ଡଃ ପ୍ରୀତିରେଖା ସ୍ୱାଇଁ, ଡଃ ସୁରେନ୍ଦ୍ର ପ୍ରସାଦ ମଲ୍ଲିକ, ମନୀଷାକାନ୍ତି ଜେନା, ପ୍ରମୋଦ କୁମାର ବେହେରା, ଚନ୍ଦ୍ରକାନ୍ତ ମଲ୍ଲିକ, ସୁଜାତା ଷଡଙ୍ଗୀ ପ୍ରମୁଖ ଅଧ୍ୟାପକ/ଅଧ୍ୟାପିକାମାନେ ଉପସ୍ଥିତ ଥିଲେ । ଅତିଥିମାନଙ୍କ ଦ୍ୱାରା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ୨୦୧୧ ମସିହା ପୁରାତନ ଛାତ୍ରଛାତ୍ରୀମାନଙ୍କ ବନ୍ଧୁ ମିଳନ ଉତ୍ସବ

ଧର୍ମଶାଳା, ୧/୨ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅତଳାପୁର ପଂଚାୟତସ୍ଥ ଗୋପିନାଥ ଜୀଉ ଉଚ୍ଚ ବିଦ୍ୟାଳୟର ୨୦୧୧ ମସିହା ବ୍ୟାଚର ଏକ ବନ୍ଧୁ ମିଳନ ଉତ୍ସବ ପୁରାତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ନିକଟସ୍ଥ ମା' ଖଗେଶ୍ୱରୀ ପୀଠ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ ଉତ୍ସବରେ ଅବନ୍ତୀ କୁମାର ଦାଶ ପରିଚାଳନାରେ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ,ପ୍ରାକ୍ତନ ଶିକ୍ଷାବିତ୍ ଭଗବାନ ଦାଶ,ଶିକ୍ଷକ ନିର୍ମଳ ଦାଶ,ବିଜୟ ପାଢୀ ଓ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଯୋଗ ଗୁରୁଶିଷ୍ୟମାନଙ୍କ ପରମ୍ପରାକୁ ବଜାୟ ରଖିବା ଏହି ବନ୍ଧୁ ମିଳନର ମୂଳ ଲକ୍ଷ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସମସ୍ତ ଶିକ୍ଷକମାନଙ୍କୁ ଉପଢୌକନ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଅନିଲ କୁମାର ସାହୁ,ଅରୁଣ ପୃଷ୍ଟି,ଅକ୍ଷୟ ପ୍ରଧାନ,ଗୌତମ ସାହୁ,ସୁବାସ ସାହୁ,ସୁବାସ ଦଳାଇ,ଚିତ ରଂଜନ,ସୌଦାମିନୀ ସାହୁ ଓ ସଂଗୀତା ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ଏବଂ ଜଙ୍ଗଲ ସୁରକ୍ଷା ସମ୍ବନ୍ଧିତ ମିଳିତ ସଚେତନ ମକଡ୍ରିଲ

କନ୍ଧମାଳ , ୧/୨ (ନି.ପ୍ର): ଫିରିଙ୍ଗିଆ ବ୍ଲକ ବନବିଭାଗ କାର୍ଯ୍ୟାଳୟ ସଭାଗୃହ ରେ ଜଙ୍ଗଲ କୁ ନିଆଁ ଦାଉରୁ ରକ୍ଷା କରିବା ସମ୍ପର୍କିତ ସଚେତନ ତାଲିମ ଏବଂ ମିଳିତ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ପ୍ରଶାସନିକ ସ୍ତରରେ ମିଳିତ ଭାବରେ ବିଭିନ୍ନ ବିଭାଗ ବନ ବିଭାଗ, ଅଗ୍ନିଶମ ବିଭାଗ, ପୋଲିସ ବିଭାଗ, କେନ୍ଦୁ ପତ୍ର ବିଭାଗ ସହ ଫିରିଙ୍ଗିଆ ବନାଞ୍ଚଳ ର ପ୍ରତ୍ୟେକ ବିଟ ର ବନପାଳ, ବନ ରକ୍ଷୀ ଙ୍କ ସହ ଫିରିଙ୍ଗିଆ ବ୍ଲକ ରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକ ଯୋଗ ଦେଇଥିଲେ। ଫିରିଙ୍ଗିଆ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ସହକାରୀ ବନ ସଂରକ୍ଷକ ମଳୟ ରଞ୍ଜନ କାଲୋ ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଅଗ୍ନିଶମ ଅଧିକାରୀ ସରୋଜ କୁମାର ମହାପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ରେ ଫିରିଙ୍ଗିଆ ବନାଞ୍ଚଳ ଅଧିକାରୀ ଜଙ୍ଗଲ ରେ ନିଆଁ କୁ କିଭଳି ଭାବରେ ଆୟତ୍ତ କରିହେବ ଏବଂ ଏଥିପାଇଁ କଣ ଉପାୟ ଅବଲମ୍ବନ କରାଯାଇପାରିବ ସେ ନେଇ ଉପସ୍ଥିତି ସମସ୍ତଙ୍କୁ ସଚେତନ କରିଥିଲେ। ବ୍ଲକ ର ଫିରିଙ୍ଗିଆ ବନାଞ୍ଚଳ ଅଧିନସ୍ତ ୨୭ ଟି ପଞ୍ଚାୟତ ରେ ଥିବା ବନସୁରକ୍ଷା ସମିତି କୁ ପ୍ରତିବର୍ଷ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସଚେତନ କରାଯାଉଥିବା ବେଳେ ଚଳିତ ବର୍ଷ ପ୍ରତ୍ୟେକ ବିଭାଗ ର ମିଳିତ ଭାବରେ ଜଙ୍ଗଲରୁ ନିଆଁରୁ ସୁରକ୍ଷା କରିବା ପାଇଁ ଆଲୋଚନା କରା ଯାଇଥିଲା। ପ୍ରତ୍ୟେକ ବିଭାଗ ର ଅଧିକାରୀ ମଧ ଜଙ୍ଗଲ ନିଆଁ ପ୍ରତି ସଚେତନ ରହିବା ସହ ସୁରକ୍ଷା କରିବାକୁ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ଶେଷରେ ବନ ବିଭାଗ ସହ ସମସ୍ତ ବିଭାଗ ର ମିଳିତ ଭାବରେ ଫିରିଙ୍ଗିଆ ବନାଞ୍ଚଳ ସରୁକୋଇ ଘାଟି ନିକଟରେ ନିଆକୁ କିଭଳି ଭାବରେ ଆୟତ୍ତ କରାଯିବ ସେ ନେଇ ମକଡ୍ରିଲ କରାଜାଇ ଥିଲା । ଅଗ୍ନିଶମ ବାହିନୀ ମକଡ୍ରିଲ ରେ ସମସ୍ତ ସହଯୋଗ କରିଥିଲେ କ୍ଷବିଭିନ୍ନ ବିଭାଗର ଶତାଧିକ ଅଧିକାରୀ ଓ ବିଭିନ୍ନ ସଂଗଠନ ର କର୍ମକର୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ କୁ ଫିରିଙ୍ଗିଆ ବନପାଳ ପ୍ରବୀଣ କୁମାର ଦାଶ, ନୂଆପଦର ବନ ପାଳ ବ୍ରଜ ସୁନ୍ଦର ଦାଶ, ଗୋଛାପଡା ବନପାଳ ଦିଲୀପ ବିଷୋଇ,ବାଲାନ୍ଦା ପଡା ବନପାଳ ସନ୍ତୋଷ କୁମାର ସାହୁ, ବନ ରକ୍ଷୀ ସୁଜିତ ପ୍ରଧାନ, ପାହାଡ଼ ଟିମ ଲିଡର ବିଭୁ ପ୍ରସାଦ ପ୍ରଧାନ, ମନୋଜ କୁମାର ସାହୁ, ଦଣ୍ଡ ପାଣି କହଁର, ଡିଓ ଅମୂଲ୍ୟ ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବେଆଇନ ପାହାଡ ଖନନ ଓ ରାସ୍ତା ମରାମତି ଦାବି କଲେ ପଂଚାୟତବାସୀ

ଧର୍ମଶାଳା, ୧/୨ (ନି.ପ୍ର): ବେଆଇନ ଭାବେ ପାହାଡ ଖନନ ବନ୍ଦ ସହ ସ୍ଥାନୀୟ ଅଂଚଳର ମୁଖ୍ୟ ରାସ୍ତା ମରାମତି ପାଇଁ ଦାବି କଲେ ପଂଚାୟତବାସୀ । ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ୫ଗୋଟି ପଂଚାୟତର ଲୋକ ପ୍ରତିନିଧିମାନେ ଦାବି କରିଛନ୍ତି । ସମ୍ପାରୁ ସରପଂଚ ଶରତ ଚନ୍ଦ୍ର ରାଉତ,ମହିଷରା ସରପଂଚ ସଫଳା ବେହେରା, ମଧୁପୁରଗଡ ସରପଂଚ ରବିନ୍ଦ୍ର ନାଥ ସେଠୀ, ସାହାଣୀଡିହ ପଂଚାୟତର ସରପଂଚଙ୍କ ପ୍ରତିନିଧି ବାବୁଲି ସାମଲ,ପୂର୍ବତନ ସରପଂଚ ଚକ୍ରଧର ବେହେରା,ଶୁଲେଖ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଏହି ସବୁ ପଂଚାୟତ ଅଧିନରେ ଥିବା କଳାପଥର ଖାଦାନ ଗୁଡିକ ମଧ୍ୟରୁ ଅନେକ ଖାଦାନ ନିଲାମ ହୋଇଥିବା ଲିଜ୍ଜୁ ଛାଡି ଅନେକ ଖଣି ଖାଦାନରୁ ବେଆଇନ ଚାଲାଣ ହେଉଛି । ଯାହାକୁ ନେଇ ଗତ ୨୫ ତାରିଖ ଦିନ ପ୍ରଶାସନକୁ ଭେଟି ଦାବିପତ୍ର ଦେଇଥିବା ଜଣାଇଥିଲେ । ତେବେ ଏହି ଘଟଣାକୁ ୫ଦିନ ବିତିଯାଇ ଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ପଂଚାୟତବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ଧର୍ମଶାଳା ବିଧାୟକ ମଧ ବେଆଇନ ଖନନକୁ ପ୍ରଶୟ ନ ଦେବାରୁ ପୂର୍ବରୁ ଜିଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଦାବି କରି ଆସୁଛନ୍ତି । ଶସ୍ତା ରାଜନୈତିକ ଫାଇଦା ଉଠାଇବାକୁ କିଛି ନ୍ୟସ୍ତ ସ୍ୱାର୍ଥ ବାଦି ନେତା/ନେତ୍ରୀ ସାମ୍ବାଦିକ ସମ୍ମିଳନୀ କରି ରାଜନୀତି ଆରମ୍ଭ କରିଥିବାରୁ ଦୃଢ ନନ୍ଦା କରିଛନ୍ତି । ବେଆଇନ ଖନନ ଓ ପରିବହନ ଦ୍ୱାରା ଅଂଚଳରେ ନାନା ସମସ୍ୟା ସୃଷ୍ଟି ହେଉଛି । ତେଣୁ ତୁରନ୍ତ ପ୍ରଶାସନ ତତ୍ପରତା ପ୍ରକାଶ କରିବାକୁ ସେମାନେ ଦାବି କରିଛନ୍ତି । ଏଥି ସହିତ ଉକ୍ତ ୫ଗୋଟି ପଂଚାୟତର ଜୀବନ ରେଖା କୁହାଯାଉଥିବା ବରଡା-ଠାରୁ ତୁରଙ୍ଗ ଦେଇ ଢେଙ୍କାନାଳ ଜିଲାକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟି ଅନେକ ଦିବ୍ୟାଙ୍ଗ ହେବା ସହ ଅନେକଙ୍କ ଜୀବନ ଯାଇଛି । ଏପରିକି ବିଦ୍ୟାଳୟକୁ ଛାତ୍ରଛାତ୍ରୀମାନେ ଆସିବାକୁ ଭୟ କରୁଛନ୍ତି । ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନାହିଁ । ୫୩ ନଂ ଜାତୀୟ ରାଜପଥ ଚଣ୍ଡିଖୋଲ ଡୁବୁରୀ ରାସ୍ତା ଦୀର୍ଘ ଦିନ ଧରି କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ସରିବାର ନାଁ ନେଉ ନାହିଁ । ଯାହା ଦ୍ୱାରା ଧନ ଜୀବନ ହାନି ହେଉଛି । କିନ୍ତୁ ବିଜେପି ନେତା ନେତ୍ରୀଙ୍କୁ ଦୃଶ୍ୟ ହେଉ ନାହିଁ ବୋଲି କହିଥିଲେ ।

# ସେଲ ଆରଏସପିର ସହର ପ୍ରଶାସନ ଓ ସିଏସଆର ବିଭାଗ ଦ୍ୱାରା ଆଇଏସଓ ୯୦୦୧:୨୦୧୫ ଏବଂ ଆଇଏସଓ ୧୪୦୦୧:୨୦୧୫ ରିସାର୍ଟିଫିକେସନ ଲାଭ



ରାଉରକେଲା, ୧/୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସହର ପ୍ରଶାସନ ଓ ସିଏସଆର ବିଭାଗ ଆଇଏସଓ ୯୦୦୧:୨୦୧୫ ଗୁଣବତ୍ତା ପରିଚାଳନା ବ୍ୟବସ୍ଥା ଓ ଆଇଏସଓ ୧୪୦୦୧:୨୦୧୫ ପରିବେଶ ପରିଚାଳନା ବ୍ୟବସ୍ଥା ରିସାର୍ଟିଫିକେସନ ଲାଭ କରିଛନ୍ତି । । କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ତରୁଣ ମିଶ୍ର ବିଭାଗୀୟ ସମ୍ମେଳନ କକ୍ଷ ଠାରେ ଜାନୁଆରୀ ୩୦ ତାରିଖରେ ଅନୁଷ୍ଠିତ କାର୍ମିକ ଓ ପ୍ରଶାସନ ନିର୍ବାହୀ ନିର୍ଦ୍ଦେଶକଙ୍କ ୧୭୭ତମ ଷ୍ଟିୟରିଂ କମିଟି ବୈଠକରେ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଶ୍ରୀ ପି କେ ସ୍ୱାଇଁ ଓ ତାଙ୍କ ଦଳଙ୍କୁ ଏହି ସମ୍ମାନଜନକ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି ଅବସରରେ ସଂପୃକ୍ତ ବିଭାଗ ମୁଖ୍ୟ ମାନେ ଉପସ୍ଥିତ ଥିଲେ। ଶ୍ରୀ ମିଶ୍ର ସମସ୍ତ ସହଯୋଗୀ ବିଭାଗଙ୍କୁ ଅଭିନନ୍ଦନ ଜଣାଇଥିଲେ ଯେଉଁମାନଙ୍କର ପ୍ରଚେଷ୍ଟା ଏହି ସାର୍ଟିଫିକେଟ୍ ବଜାୟ ରଖିବାରେ ସାହାଯ୍ୟ କରିଥିଲା। ଉକ୍ତ ବୈଠକରେ ଶ୍ରୀ ମିଶ୍ର କାର୍ମିକ ଓ ପ୍ରଶାସନ ଏବଂ ସହର ସେବା ବିଭାଗରେ ମ୍ୟାନେଜମେଣ୍ଟ ସିଷ୍ଟମ ସ୍ଥିତିର ସମୀକ୍ଷା କରିଥିଲେ । ଏହି ପରିପ୍ରେକ୍ଷୀରେ ବ୍ୟବସାୟ ଉତ୍କର୍ଷତା ବିଭାଗ ଦ୍ୱାରା ଏକ ଉପସ୍ଥାପନା ପ୍ରସ୍ତୁତ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ସହରାଞ୍ଚଳର କ୍ୟୁଏମଏସ ଏବଂ ଇଏମଏସ ପାଇଁ ରିସାର୍ଟିଫିକେସନ୍ ଅଡିଟ୍ ଗତ ସେପଟ୍ମେର ମାସରେ ସଫଳତାର ସହ ସମ୍ପନ୍ନ କରାଯାଇଥିଲା ଏବଂ ଡିସେମ୍ବର ମାସରେ ବ୍ୟବସାୟ ଉତ୍କର୍ଷତା ବିଭାଗ ଏହାର ପ୍ରମାଣପତ୍ର ଗ୍ରହଣ କରିଥିଲା। ବିଦ୍ୟୁତ, ଜଳ, ସିଭିଲ ଇଞ୍ଜିନିୟରିଂ, ମରାମତି, ଜନସ୍ୱାସ୍ଥ୍ୟ, ଉଦ୍ୟାନକୃଷି, କ୍ରୀଡା, ରାଉରକେଲା ହାଉସ ଓ ହିଲ ଭ୍ୟୁ ସେବା, ସମାଜ କଲ୍ୟାଣ ଓ ସିଏସଆର କାର୍ଯ୍ୟଧାରା ଅଡ଼ିଟ୍ ର ପରିସର ଭୁକ୍ତ ଥିଲା । ଉଲ୍ଲେଖଯୋଗ୍ୟ ଯେ, ଆରଏସପି ଇସ୍ପାତ ସହରାଞ୍ଚଳ ୨୦୧୧ରୁ ଆଇଏମଏସ ସାର୍ଟିଫିକେଟ୍ ର ଗୌରବ ବହନ କରୁଛି। ଏହା ଅଧିନସ୍ଥ ପ୍ରାଥମିକ ବିଭାଗ ଗୁଡିକ ହେଉଛି ସହର ଇଞ୍ଜିନିୟରିଂ (ସିଭିଲ୍), ସହର ଇଞ୍ଜିନିୟରିଂ (ଇଲେକ୍ଟ୍ରିକାଲ୍), ଜଳ ଯୋଗାଣ (ଟାଉନ୍), ଜନସ୍ୱାସ୍ଥ୍ୟ, ସିଏସ୍ଆର୍, କ୍ରୀଡା, ଗେଷ୍ଟ ହାଉସ୍, ସମାଜ କଲ୍ୟାଣ, ଏଚଆରଡ଼ି କେନ୍ଦ୍ର ଏବଂ ପରିବେଶ ଇଞ୍ଜିନିୟରିଂ ବିଭାଗ । ଇସ୍ପାତ ସହରାଞ୍ଚଳରେ ଇଣ୍ଟିଗ୍ରେଟେଡ୍ ମ୍ୟାନେଜମେଣ୍ଟ ସିଷ୍ଟମ ଲାଗୁ ହେବା ପରେ ମିଳିଥିବା ପ୍ରାଥମିକ ଲାଭ ମଧ୍ୟରେ କର୍ମଚାରୀମାନଙ୍କୁ ଉନ୍ନତ ସହରସେବା ଯୋଗାଇବାରେ ସମ୍ବଳର ଶ୍ରେଷ୍ଠ ଉପଯୋଗ ଏବଂ ଉନ୍ନତ ବର୍ଜ୍ୟବସ୍ତୁ ପରିଚାଳନା ସାମିଲ ରହିଛି ଯାହାର ଫଳସ୍ୱରୂପ କର୍ମଚାରୀଙ୍କ ପ୍ରତିବଦ୍ଧତାରେ ଉନ୍ନତି ସଙ୍ଗେସଙ୍ଗେ ଉତ୍ପାଦକତା ବୃଦ୍ଧିରେ ସହାୟକ ହୋଇପାରିଛି।

# ଜିଲ୍ଲାପାଳଙ୍କୁ ମାଟି ତିଆରି ଜିନିଷ ପ୍ରସ୍ତୁତ କରିବା ଓ ସଂରକ୍ଷିତ ରଖିବା ନିମନ୍ତେ କାର୍ଯ୍ୟଶାଳା ପାଇଁ ଦାବିପତ୍ର

ମାଲକାନଗିରି, ୧/୨ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ମୋଟୁ ଗ୍ରାମ ର କୁମ୍ଭାର ସାହି ୱାର୍ଡ ନମ୍ବର ୯ ନିବାସୀଙ୍କ ମୁଖ୍ୟ ଜୀବନଜୀବିକା ହେଉଛି ମାଟି ତିଆରି ଜିନିଷ କରି ବିକ୍ରି କରିବା। ଏମାନେ ବିଭିନ୍ନ ପ୍ରକାର ଛୋଟ ବଡ଼ ହାଣ୍ଡି, କଳସ, ଦୀପ, ଫୁଲ କୁଣ୍ଡ, କଢ଼େଇ, ପିଲାଙ୍କ ଖେଳନା, ପଇସା ସଞ୍ଚୟ କୁଣ୍ଡି, ଅନେକ ପ୍ରକାର ପ୍ରାଣୀ ଙ୍କ ପ୍ରତିଛବି ମଧ ତିଆରି କରୁଛନ୍ତି !ଏହି ସବୁ ମାଟି ତିଆରି ଜିନିଷ ଗୁଡିକୁ ମୋଟୁ, ଏମ.ଭି ୭ ୯ , ପଡ଼ିଆ, ଏମ.ଭି-୮ ୮ , ଏମ.ଭି- ୮ ୧ ଶିମିଳିବାଞ୍ଚା ନିକଟରେ ଥିବା ଛତିଶଗଡ଼ ରାଜ୍ୟର "କୋଣ୍ଟା", ଆନ୍ଧ୍ର ପ୍ରଦେଶ ରାଜ୍ୟର "ଚିନ୍ତୁର" ଗ୍ରାମର ହାଟ ରେ ନେଇ ବିକ୍ରି କରିଥାନ୍ତି। ତଥା ନିକଟରେ ଥିବା ସମସ୍ତ ଗାଁକୁ ଗାଁ ବୁଲି ବିକ୍ରୀ କରି ଜିନିଷ ପରିବର୍ତ୍ତେ କିଛି ଧାନ, ମାଣ୍ଡିଆ, ତେନ୍ତୁଳି ଆଣି ଥାନ୍ତି ଓ କିଛି ସ୍ଥାନରେ ପଇସା ମଧ ଆଣନ୍ତି। ଏହା ଏତେ କମ ଯେ, ସେହି ସଂଗୃହିତ ଅର୍ଥରେ ପରିବାର ପ୍ରତିପୋଷଣ କରିବା, ପିଲାଙ୍କ ଉଚ୍ଚଶିକ୍ଷା. ଭବିଷ୍ୟତ ସଞ୍ଚୟ ଓ ଆକସ୍ମିକ ବା ଜରୁରୀକାଳୀନ ଆବଶ୍ୟକତାକୁ ମେଣ୍ଟାଇବା ସମୁଚୀନ ହେଉନାହିଁ। କାରିଗର ସଂଖ୍ୟା ବଢିବା ସହ ନିଜନିଜ ଘରେ ଜିନିଷ ପ୍ରସ୍ତୁତ କରି ପୋଡିବା ନିମନ୍ତେ ସ୍ଥାନ ଛୋଟ ହୋଇଯାଉଛି। ବର୍ତ୍ତମାନର ଯୁବ ପିଢ଼ି ପାରମ୍ପରିକ ବ୍ୟବସ୍ଥାରେ ଜିନିଷ ପ୍ରସ୍ତୁତ ନିମନ୍ତେ ଆଗ୍ରହ ପ୍ରକାଶ କରୁନାହାନ୍ତି। ପ୍ରତ୍ୟେକ କୁମ୍ଭାର ପରିବାରକୁ ଆଧୁନିକ ଜ୍ଞାନ କୌଶଳ ଯନ୍ତ୍ରପାତି, ଗୋଟିଏ ଲେଖାଏଁ ମଟର ଚାଳିତ ଚକା, ମାଟି ମିଶାଇବା ଯନ୍ତ୍ର , ମାଟି ଛଣା ଯନ୍ତ୍ର, ମାଟି ତିଆରି ଜିନିଷ ପ୍ରସ୍ତୁତ କରିବା ନିମନ୍ତେ ଗୋଟିଏ କାର୍ଯ୍ୟଶାଳା, ଉତ୍ପାଦିତ ଜିନିଷ ରଖିବା ନିମନ୍ତେ ଗୋଦାମ ଗୃହ ଓ ମାଟି ପ୍ରସ୍ତୁତ ଜିନିଷ ପୋଡିବା ନିମନ୍ତେ ଟିଣ ଛପର ଘର ଯୋଗାଇ ଦିଆଯାଉ। ଆଦି ଦାବୀ ନେଇ ଆଜି ଜିଲ୍ଲାପାଳ, ମାଲକାନଗିରିଙ୍କୁ ମାଟି ତିଆରି ଜିନିଷ ପ୍ରସ୍ତୁତ କରିବା ଓ ସଂରକ୍ଷିତ ରଖିବା ନିମନ୍ତେ କାର୍ଯ୍ୟଶାଳା ପାଇଁ ଦାବି ପତ୍ରଦେଇଛନ୍ତି ।ଏହାର ଏକ ନକଲ ଜିଲ୍ଲା ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ , ଜିଲ୍ଲାପରିଷଦ, ମାଲକାନଗିରି / ସହ ନିର୍ଦ୍ଦେଶକ , ହସ୍ତକର୍ମ ବିଭାଗ, ମାଲକାନଗିରି / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଡ଼ିଆ ଙ୍କ ନିକଟକୁ ସୂଚନା ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠା ହୋଇଛି।

# ନୀଳଗିରିର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ କୈଳାସ ଚନ୍ଦ୍ର ଉଚ୍ଚବିଦ୍ୟାଳୟର ୧୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ




ନୀଳଗିରି , ୧/୨ (ନି.ପ୍ର): ନୀଳଗିରିର ସର୍ବପୁରାତନ କୈଳାସ ଚନ୍ଦ୍ର ଉଚ୍ଚବିଦ୍ୟାଳୟର ୧୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯାହାର ପ୍ରଥମ ପ୍ରଧାନଶିକ୍ଷକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଶିକ୍ଷକତା କରି ନୀଳଗିରି ମାଟିକୁ ଧନ୍ୟ କରିଥିଲେ। ଏଭଳି ଏକ ସର୍ବପୁରାତନ ଶିକ୍ଷାନୁଷ୍ଠାନ ବୁଧବାର ଦିନ ବାର୍ଷିକ ଉତ୍ସବ ପାଳନ କରିଛି ।ଅନୁଷ୍ଠିତ ଉତ୍ସବରେ ନୀଳଗିରି ଉପଖଣ୍ଡର ଉପଜିଲ୍ଲାପାଳ ମନ୍ଦରଧର ମହାଳିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, ମୁଖ୍ୟବକ୍ତା ଭାବେ ନୀଳଗିରି ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସ୍ନିଗ୍ଧା ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲକ୍ଷ୍ମୀଧର ରାଉଳ,ପୁରାତନ ଛାତ୍ର ସଂସଦର ସଭାପତି ସୁରଞ୍ଜନ ମହାପାତ୍ର, ପୁରାତନ ଛାତ୍ର ସଂସଦର ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର ପ୍ରମୁଖ ଯୋଗଗେଇଥିଲେ। ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ମହାପ୍ରଭୁ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀମସେନ ବିଶ୍ୱାଳ ସଭାର ସଭାପତିତ୍ୱ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଉତ୍ସବରେ ଉପସ୍ଥିତ ଅତିଥିମାନେ ନିଜ ନିଜର ଅଭିଭାଷଣ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣ ଗଢିବାରେ ବିଭିନ୍ନ ଉପାଦେୟ ମନ୍ତବ୍ୟମାନ ପ୍ରଦାନ କରିଥିଲେ। ଏଥିସହ ଶିକ୍ଷକ ,ଶିକ୍ଷୟତ୍ରୀ ଓ ଅଭିଭାବକ ମାନେ କିଭଳି ଛାତ୍ରଛାତ୍ରୀଙ୍କୁ ଉଚିତ ମାର୍ଗଦର୍ଶନ କରି ଜଣେ ଜଣେ ଉତ୍ତମ ନାଗରିକ ଗଢିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ସେଥିପାଇଁ ନିବେଦନ କରିଥିଲେ ।ପରେ ଛାତ୍ରଛାତ୍ରୀଙ୍କ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଅତିଥି ମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# କେନ୍ଦୁଝରରେ ମହିଳା ମାନଙ୍କ ପାଇଁ ଆଇନ ସହାୟତା ଉପରେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର

କେନ୍ଦୁଝର , ୧/୨ (ନି.ପ୍ର): କେନ୍ଦୁଝର ପଂଚାୟତ ସମିତି ପ୍ରଶିକ୍ଷଣ ଗୃହ ଠାରେ ସ୍ୱାତୀ ଅନୁଷ୍ଠାନ ପକ୍ଷରୁ ୟୁଏସ କନସଲଟ୍ ଜେନେରାଲ ହାଇଦ୍ରାବାଦ ସହାୟତାରେ ମହିଳାମାନଙ୍କ ପାଇଁ ଆଇନଗତ ସଚେତନତା ଉପରେ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମର ଉଦ୍‌ଘାଟନ ସଭାରେ ଜିଲ୍ଲା ମଙ୍ଗଳ କଲ୍ୟାଣ ଅଧିକାରୀ ଶ୍ରୀମତୀ ଗୌରମଣୀ ହାନସଦା , ସୁରକ୍ଷା ଅଧିକାରୀ ବାସନ୍ତି ମହାନ୍ତ , ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀମତୀ ତିଳୋତମା ପୃଷ୍ଟି , ଜେଜେ ବୋର୍ଡ ମେମ୍ବର ମନୋରଜଂନ ପଣ୍ଡା , ଓ ଭକ୍ତ ବତ୍ସଳ ମହନ୍ତି ଅଧକ୍ଷ ସ୍ୱତୀ ଫାଉଣ୍ଡେସନ ଅଂଶ ଗ୍ରହଣ କରି କିପରି ଏ ହି କାର୍ଯ୍ୟକ୍ରମ ସଫଳ ହୋଇ ପାଇପାରିବ ତା ଉପରେ ଆଲୋକପାତ କରିଥିଲେ । ଏ ହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଅଙ୍ଗନବାଡି କର୍ମୀ , ସୁପରଭାଇଜର , ଆଇସିଡିଏସ୍ , ଛାତ୍ର , ସିଆରପିଏସ , ଫେଡେରେସନଓ ଲିଡର ,ଜାଗୃତି , ଆଦିବାସୀ ନେତୃତ୍ୱ , ବ୍ୟାଙ୍କ ମିତ୍ର , ମାନବିକ ଅଧିକାରୀ କର୍ମୀ , ଏନଜିଓ କର୍ମୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ତାଲିମଦାତା ଭାବେ ସାଧନା ଫାଉଣ୍ଡେସନର ସଂପାଦିକା ଶ୍ରୀମତୀ ସୁଜାତା ମହାପାତ୍ର , ସତ୍ୟଜିତ ପ୍ରତିହାରୀ ମହିଳା ମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ଯେପରି କି ସାମ୍ବିଧାନିକ ଅଧିକାର , କନ୍ୟା ଭ୍ରୁଣ ହତ୍ୟା , ପି ଓସିଏସଓ ଆଇନ , ବାଲ୍ୟବିବାହ , ଯୌତୁକ ନିରୋଧ ଆଇନ , ଘରୋଇ ହିଂସା ପ୍ରତିରୋଧ ଆଇନ , କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନା , ଘରୋଇ ହିଂସା ପ୍ରତିରୋଧ ଆଇନ , ଓ ବିଭିନ୍ନ ଯୋଜନା , ଆନୁଷ୍ଠାନିକ ବ୍ୟବସ୍ଥା ଆଦି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।

# ରଜିଆରେ ଆମ ଓଡିଶା - ନବୀନ ଓଡିଶା : ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ଚମ୍ପୁଆ, ୧/୨ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ପଞ୍ଚାୟତ ଠାରେ ଆମ ଓଡିଶା ନବୀନ ଓଡିଶା ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ରଜିଆ ସରପଞ୍ଚ ସନ୍ତୋଷ ନାଏକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ଗୋଷ୍ଠି ଉନ୍ନୟନ ଅଧିକାରୀ ରାଜା ରଣଜିତ ପ୍ରତାପ ବଳ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବାବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲା ବିଜେଡ଼ି ମହିଳା ସଭାନେତ୍ରୀ ରମଣୀ ନାଏକ ଯୋଗଦେଇ ଆମ ଓଡିଶା ନବୀନ ଓଡିଶା ଆନୁକୂଲ୍ୟରେ ପଂଚାୟତରେ ୫୦ ଲକ୍ଷ ଟଙ୍କାର ଅନୁଦାନ ପ୍ରକଳ୍ପର ଅଗ୍ରଗତି ବାବଦରେ ସୂଚନା ଦେବା ସହିତ ଗ୍ରାମାଞ୍ଚଳରେ ଭିତ୍ତିଭୂମିର ବିକାଶ ସମ୍ପର୍କରେ ଆଲୋକପାତ କରିବା ସହିତ ନୂତନ ଓଡିଶାର ବିକାଶ ପାଇଁ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ଓ ପଞ୍ଚାୟତ ସ୍ତରୀୟ ଲୋକପ୍ରତିନିଧି ମାନେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ଉଠାଇବାକୁ ହିତାଧିକାରୀ ମାନଙ୍କୁ ଦିଗଦର୍ଶନ ଦେଇଥିଲେ।

# ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ସର୍ବକାଳୀନ ଶ୍ରେଷ୍ଠ ମାସିକ ଅଶୋଧିତ ଇସ୍ପାତ ଉତ୍ପାଦନ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ-୫ରୁ ଶ୍ରେଷ୍ଠ ମାସିକ ଉତ୍ପାଦନ ରେକର୍ଡ



ରାଉରକେଲା, ୧/୨ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଜାନୁଆରୀ ମାସରେ ପ୍ରମୁଖ କ୍ଷେତ୍ରରେ ରେକର୍ଡ ପ୍ରଦର୍ଶନ ସହିତ ୨୦୨୪ କ୍ୟାଲେଣ୍ଡର ବର୍ଷ ଆରମ୍ଭ କରିଛି। ୨୦୨୩ ବର୍ଷର ସଫଳତାର ଧାରାକୁ ଜାରି ରଖି ଇସ୍ପାତ କାରଖାନା ବର୍ଷର ପ୍ରଥମ ମାସରେ ସର୍ବଶ୍ରେଷ୍ଠ ମାସିକ ଅଶୋଧିତ ଇସ୍ପାତ ଉତ୍ପାଦନ ରେକର୍ଡ ହାସଲ କରିଛି। ଷ୍ଟିଲ ମେଲ୍ଟିଂ ସପ-୨ ବିଭାଗ ୩୩୭୦୦୯ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ ସହିତ ଗତ ମାର୍ଚ୍ଚ ମାସରେ ହାସଲ ହୋଇଥିବା ଏହାର ପୂର୍ବ ଶ୍ରେଷ୍ଠ ମାସିକ ଉତ୍ପାଦନ ୩୨୮୬୭୩ ଟନ୍ ରେ ଉନ୍ନତି ଆଣିଛି । ଆରଏସପି ଅନେକ ପ୍ରମୁଖ କ୍ଷେତ୍ରରେ ଶ୍ରେଷ୍ଠ ଜାନୁଆରୀ ପ୍ରଦର୍ଶନ ମଧ ରେକର୍ଡ କରିଛି । ୨୫୮୪୯୩ ଟନ୍ ହଟ୍ ମେଟାଲ୍ ଉତ୍ପାଦନ ସହିତ ବ୍ଲାଷ୍ଟ ଫର୍ଣ୍ଣେସ୍ -୫ ସର୍ବ ଶ୍ରେଷ୍ଠ ମାସିକ ଉତ୍ପାଦନ ରେକର୍ଡ ହାସଲ କରିବା ସହିତ ଏହାର ଗତ ମାର୍ଚ୍ଚ ମାସର ୨୫୭୭୬୫ ଟନ୍ ପୂର୍ବ ରେକର୍ଡକୁ ଅତିକ୍ରମ କରିଛି।

ସିଣ୍ଟର୍ ପ୍ଲାଣ୍ଟ, କଞ୍ଚାମାଲ ପ୍ରବନ୍ଧନ ବିଭାଗ, କୋକ୍ ଓଭେନ, ଟ୍ରାଫିକ୍ ଏବଂ କଞ୍ଚାମାଲ, କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ, ଅମ୍ଳଜାନ କାରଖାନା, ଉତ୍ପାଦନ, ଯୋଜନା ଏବଂ ନିୟନ୍ତ୍ରଣ ବିଭାଗ ଏବଂ ଅନୁସନ୍ଧାନ ଓ ନିୟନ୍ତ୍ରଣ ପ୍ରୟୋଗଶାଳା, ଶକ୍ତି ପରିଚାଳନା ବିଭାଗ ଭଳି ସମସ୍ତ ସମ୍ପୃକ୍ତ ବିଭାଗର ଏକୀକୃତ ଦଳଗତ ଉଦ୍ୟମ ଏବଂ କଞ୍ଚାମାଲର ଗୁଣାତ୍ମକ ଯୋଗାଣ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍ ଏବଂ ଏସଏମଏସ-୨ ସାମୂହିକଙ୍କ ପ୍ରତିବଦ୍ଧ ପ୍ରୟାସ ଯୋଗୁଁ ଏହି ସଫଳତା ହାସଲ ହୋଇପାରିଛି ।

ଫେବୃଆରୀ ୧ ତାରିଖରେ ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ବ୍ଲାଷ୍ଟ ଫର୍ଣ୍ଣେସ୍ -୫ ଏବଂ ଷ୍ଟିଲ୍ ମେଲ୍ଟିଂ ସପ ଓଓ ପରିଦର୍ଶନ କରି ବିଭାଗୀୟ ସାମୁଦାୟିକ ତଥା ସହଯୋଗୀ ୟୁନିଟ୍ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ତାଙ୍କ ସହିତ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ୍ ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ ଏବଂ ବହୁ ସିଜିଏମ ତଥା ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଶ୍ରୀ ଭୌମିକ ରେକର୍ଡ ପ୍ରଦର୍ଶନ ପାଇଁ ସାମୂହିକଙ୍କ ପ୍ରଶଂସା କରିଥିଲେ ଏବଂ ସ୍ଥିରତା ବଜାୟ ରଖିବା ତଥା ସମଗ୍ର ଉତ୍ପାଦନ ଶୃଙ୍ଖଳରେ ଉନ୍ନତ କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଉଚ୍ଚ ସୁରକ୍ଷା ମାନ ହାସଲ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ରେକର୍ଡ ହାସଲ ପାଇଁ ଶ୍ରୀ ଭୌମିକ ବ୍ଲାଷ୍ଟ ଫର୍ଣ୍ଣେସ୍ ଏବଂ ଏସ୍ଏମ୍ଏସ୍-୨ ବିଭାଗ ସାମୂହିକଙ୍କୁ ପୁଷ୍ପଗୁଚ୍ଛ ଏବଂ ମିଷ୍ଟାନ୍ନ ଭେଟି ଦେଇଥିଲେ।

ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଥିବାରୁ ବିଭାଗୀୟ ତଥା ସମସ୍ତ ଆନୁଷଙ୍ଗିକ ୟୁନିଟ୍ ମାନଙ୍କୁ ଶ୍ରୀ ସୂର୍ଯ୍ୟବଂଶୀ ଅଭିନନ୍ଦନ ଜଣାଇଥିଲେ। ନିରାପଦ ଏବଂ ପରିବେଶ ଅନୁକୂଳ ଇସ୍ପାତ ଉତ୍ପାଦନ ପାଇଁ ସେମାନଙ୍କର ସଂକଳ୍ପକୁ ନିଶ୍ଚିତ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଶ୍ରୀ ବର୍ମା ସାମୂହିକଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ସେମାନଙ୍କର ମିଳିତ ପ୍ରୟାସ ପାଇଁ ସଂପୃକ୍ତ ବିଭାଗକୁ ପ୍ରଶଂସା କରିଥିଲେ ଯାହା ଏହି ଉଲ୍ଲେଖନୀୟ ପ୍ରଦର୍ଶନ ହାସଲ କରିବାରେ ସାହାଯ୍ୟ କରିଥିଲା । ନିଜର ବକ୍ତବ୍ୟରେ ଶ୍ରୀ ତରୁଣ ମିଶ୍ର କର୍ମଚାରୀମାନଙ୍କୁ ରେକର୍ଡ ପ୍ରଦର୍ଶନ ଓ ଏବଂ ଉତ୍ତମ କାର୍ଯ୍ୟଧାରା ବଜାୟ ରଖିବା ପାଇଁ ପ୍ରଶଂସା କରିଥିଲେ । ଶ୍ରୀ ଏ କେ ବେହୁରିଆ ଦଳଗତ କାର୍ଯ୍ୟ ଏବଂ ସହଯୋଗୀ ବିଭାଗଙ୍କ ସହଯୋଗକୁ ପ୍ରଶଂସା କରିଥିଲେ।

କର୍ମଚାରୀମାନେ ଆଗାମୀ ଦିନରେ ଏହି ଉତ୍କର୍ଷତାର ଧାରା ଜାରି ରଖି ଆରଏସପିକୁ ସଫଳତାର ନୂତନ ଶିଖରରେ ପହଞ୍ଚାଇବାରେ ସମସ୍ତ ପ୍ରଚେଷ୍ଟା କରିବେ ବୋଲି ଶୀର୍ଷ ପ୍ରବନ୍ଧନକୁ ପ୍ରତିଶୃତି ଦେଇଥିଲେ।

# ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ଆତ୍ମ ସୁରକ୍ଷା ତାଲିମ ଅପରିହାର୍ଯ୍ୟ : ମଂଜୁଳା କଲିଆ

ଉଦଳା , ୧/୨ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର +୨ ବାଳିକା ମାନଙ୍କର ଆତ୍ମସୁରକ୍ଷା ତାଲିମ ଗତ ଜାନୁଆରି ୩୧ ତାରିଖ ବୁଧବାର ଦିନ ଉଦ୍ୟାପିତ ହୋଇ ଯାଇଛି । ଗତ ୧୮ ତାରିଖ ଠାରୁ ଏହି ତାଲିମର ପ୍ରଶିକ୍ଷଣ ଆରମ୍ଭ ହୋଇଥିବା ବେଳେ କିରଣବାଳା ସୋରେନ, ନାନିକା ସିଂ, ମମତା ମୁର୍ମୁ, ପଲ୍ଲବି ନାୟକ ଇତ୍ୟାଦି ୧୦ ଜଣ ପ୍ରଶିକ୍ଷିକା ଏଥିପାଇଁ ନିଯୁକ୍ତି ପାଇଥିଲେ । କାର୍ଯ୍ୟକ୍ରମର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଗୁଂଜନା ଭୂୟାଁ ତାଲିମ ଶିବିର ପରିଚାଳନାର ନେତୃତ୍ୱ ନେଇଥିଲେ । ଉଦ୍ୟାପନି ଉତ୍ସବରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ମଂଜୁଳା କଲିଆ ଅଧ୍ୟକ୍ଷତା କରି ମହିଳା ମାନଙ୍କ ପାଇଁ ଆସୁଥିବା ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ଏହି ତାଲିମ ଜରୁରୀ ହୋଇ ପଡ଼ିଛି ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପିକା ଅମିତା ଦାସ, ଡ଼. ସୁଷମା ସାହୁ , ଅନୁରାଧା କବାଟ, ମେରିନା ପଣ୍ଡା ପ୍ରମୁଖ ଯୋଗ ଦେଇ ନିର୍ଭିକତାର ସହ ଜୀବନ ବଂଚିବା ପାଇଁ ଏହି ତାଲିମର ରଣ କୌଶଳ ସମସ୍ତେ ଶିଖିବା ଉଚିତ ବୋଲି ବ୍ୟକ୍ତ କରିଥିଲେ । ନିୟମିତ ଅଭ୍ୟାସ ନକଲେ ଏହି ତାଲିମର ମୂଲ୍ୟ କିଛି ରହିବ ନାହିଁ ବୋଲି ଅଧ୍ୟାପକ ଅଶ୍ୱିନି କୁମାର ବେହେରା ତାଙ୍କର ବକ୍ତବ୍ୟରେ କହିଥିଲେ । ଏହାପରେ ତାଲିମ ନେଇଥିବା ଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା ।

# ଧର୍ମପ୍ରାଣା ମହିଳାଙ୍କ ସ୍ମୃତି ଚାରଣ ସଭା



ରୂପସା , ୧/୨ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ହୀରାପୁର ଗ୍ରାମରେ ସ୍ୱର୍ଗତ ପଦ୍ମାବତୀ ପଣ୍ଡାଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ସ୍ୱର୍ଗତ ପଣ୍ଡା ଜଣେ ଧର୍ମପ୍ରାଣା ତଥା ପରୋପକାରୀ ମହିଳା ଥିଲେ । କୃଷିକୁ ନିଜ ଜୀବନର ପେଶା ଭାବରେ ଗ୍ରହଣ କରିବା ସହ ରୋଗୀ ସେବାରେ ନିଜକୁ ନିୟୋଜିତ କରିଥିଲେ ବୋଲି ଏହି ସଭାରେ ମତ ପ୍ରକାଶ ପାଇଥିଲା । ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ପ୍ରଫେସର ମନୋରଞ୍ଜନ ମିଶ୍ର, ସହକାରୀ ପ୍ରଫେସର ଅମୁଲ୍ୟ କୁମାର ଆଚାର୍ଯ୍ୟ, ଡ଼ଃ ଅସୀମ ଅମିତାଭ ପ୍ରଧାନ, ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ତପନ କୁମାର ବେହେରା, ଡ଼ା. ଅଜୟ କୃଷ୍ଣ ସାମଲ, ଧ୍ୱନି ପ୍ରତିଧ୍ୱନିର ସମ୍ପାଦକ ସୃଷ୍ଟିଧର ପରିଡ଼ା, ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ କାଳୀପଦ ପଣ୍ଡା, ଭଗବାନ ମହାପାତ୍ର, ନିରଞ୍ଜନ ପଣ୍ଡା ଶର୍ମା, ବ୍ରହ୍ମାନନ୍ଦ ପତି, ପ୍ରାଧାପିକା ନୀଳିମା ପାତ୍ର, ଡ଼ଃ ଭାସ୍କର ଚନ୍ଦ୍ର ଜେନା, ବିଜୟ କୁମାର ଆର୍ଯ୍ୟ, ସୁଧାକର ଗିରି, ଭିକାରୀ ଚରଣ ମିସ୍ତ୍ରୀ, ତ୍ରିଲୋଚନ ତ୍ରିପାଠୀ ଓ ପ୍ରାଧାପକ ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କର ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ନିତ୍ୟାନନ୍ଦ ପଣ୍ଡା, ବାସନ୍ତୀ ମିଶ୍ର, ଲକ୍ଷ୍ମୀପ୍ରିୟା ତ୍ରିପାଠୀ ଓ ଶାନ୍ତିଲତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗଙ୍ଗାଧର ପାଣିଗ୍ରାହୀ, ଗୋପାଳ ଚନ୍ଦ୍ର ଦାଶ, ଦେବେନ୍ଦ୍ର ପଣ୍ଡା, କମଳ ଲୋଚନ ତ୍ରିପାଠୀ, ଦେବେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପରିବାର ସଦସ୍ୟ, ବନ୍ଧୁ ବାନ୍ଧବ, ଗ୍ରାମବାସୀ ଓ ଆତ୍ମୀୟ ସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅନନ୍ତ କୁମାର ତ୍ରିପାଠୀ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ପାରାଦୀପ ବନ୍ଦରର ଅବିଶ୍ୱସନୀୟ ରେକର୍ଡ



ପାରାଦୀପ, ୧/୨ (ନି.ପ୍ର): ପାରାଦୀପ ବନ୍ଦର ଚଳିତ ବର୍ଷ ଜାନୁଆରୀ ମାସରେ ଅବିଶ୍ୱନୀୟ ପରିମାଣର ମାସିକ କାରଗୋ ପରିଚାଳନା କରି ମେଜର ବନ୍ଦର ଇତିହାସ ରେ ରେକର୍ଡ ସୃଷ୍ଟି କରି ପାରିଛି।ଦେଶର ପ୍ରମୁଖ ବନ୍ଦର ଇତିହାସରେ ୧୪.୩୨ ମିଲିୟନ ମେଟ୍ରିକ ଟନ କାରଗୋ ପରିଚାଳନା କରି ପାରିଛି।ମାର୍ଚ୍ଚ ୨୦୨୩ ରେ ଏହା ୧୩.୫ ମିଲିୟନ ମେଟ୍ରିକ ଟନ କାରଗୋ ହାସଲ କରିପାରିଥିଲା।ଏଥିପାଇଁ ଅଧ୍ୟକ୍ଷ ଶ୍ରୀ ପି ଏଲ ହାରନାଦ ପାରାଦୀପ ବନ୍ଦରର ସମସ୍ତ ଅଧିକାରୀ ଓ ଅନାନ୍ୟ ବ୍ୟବହାରକାରୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।ମାନ୍ୟବର କେନ୍ଦ୍ର ମନ୍ତ୍ରୀ ଶ୍ରୀ ସର୍ବାନନ୍ଦ ସୋନୱାଲ ଜି ଙ୍କୁ ଅଧ୍ୟକ୍ଷ ମହୋଦୟ କୃତଜ୍ଞତା ଜଣାଇଛନ୍ତି।ଯାହାଙ୍କ ନେତୃତ୍ୱ ତଥା ମାର୍ଗଦର୍ଶନ ରେ ପାରାଦୀପ ବନ୍ଦର ଦେଶରେ ପ୍ରମୁଖ ବନ୍ଦର ଇତିହାସରେ ସର୍ବାଧିକ ମାସିକ କାରଗୋ ପରିଚାଳନା କରି ପାରିଛି।ଏହି କ୍ରମରେ ଅଧ୍ୟକ୍ଷ ମହୋଦୟ, ଉପାଧ୍ୟକ୍ଷ ମହୋଦୟ ଓ ଅନାନ୍ୟ ବରିଷ୍ଠ ଅଧିକାରୀ ମାନେ ବନ୍ଦର କାର୍ଯ୍ୟାଳୟ ରେ କେକ କାଟି ଖୁସି ମାନଇଥିଲେ।ଚଳିତ ଆର୍ଥିକ ବର୍ଷରେ ଜାନୁଆରୀ ଶେଷ ପର୍ଯ୍ୟନ୍ତ ପରିଚାଳିତ କାରଗୋ ୧୧୯.୮୫ ମିଲିୟନ ମେଟ୍ରିକ ଟନ ହାସଲ କରାଯାଇ ପାରିଛି।ଯାହା ତୁଳନାରେ ଗତ ଆର୍ଥିକ ବର୍ଷର ୧୦୯.୨୮ ମିଲିୟନ ମେଟ୍ରିକ ଟନ ଠାରୁ ଢେର ଅଧିକ ହୋଇ ପାରିଛି।୫୩.୩୨ ମିଲିୟନ ମେଟ୍ରିକ ଟନ ସମୁଦାୟ କାରଗୋ ଭଲ୍ୟୁମ ର ପ୍ରାୟ ୪୪.୪୯ ଶତକଡା ଅଟେ।ଯାହା ଦେଶର ସମସ୍ତ ପ୍ରମୁଖ ବନ୍ଦର ମଧ୍ୟରେ ସର୍ବାଧିକ।ପୂର୍ବ ବର୍ଷର ଅନୁରୂପ ଅବଧି ମଧ୍ୟରେ ପାରାଦୀପ ବନ୍ଦର ଦେଶର ଏକ ଉପକୂଳ ସିପିଙ୍ଗ ହବ ଭାବେ ଉଭା ହୋଇ ପାରିଛି।ଓ ଆଗକୁ ପଶ୍ଚିମ ଉପକୂଳକୁ ଥର୍ମାଲ କୋଇଲା ପଠାଇବା ପାଇଁ ଆରମ୍ଭ କରିଛି।ଏହିଭଳି କାର୍ଯ୍ୟ ପାଇଁ ବନ୍ଦରର ପ୍ରତିବଦ୍ଧତା କାରଗୋ ପରିଚାଳନାର ରଣନୀତି କୁ ଉନ୍ନତି କରି ସମସ୍ତ ଆବଶ୍ୟକତା କୁ ପୂରଣ କରିଥିବାରୁ ବନ୍ଦର ଅଧ୍ୟକ୍ଷ ସମସ୍ତଙ୍କୁ ସ୍ୱାଗତ କରିଛନ୍ତି ଏବଂ ଭବିଷ୍ୟତରେ ପାରାଦୀପ ବନ୍ଦର ଅଧିକ ରୁ ଅଧିକ ସଫଳତା ହାସଲ କରି ପାରିବ ବୋଲି ଅଧ୍ୟକ୍ଷ ଶ୍ରୀ ହାରନାଦ ଆଶା ପ୍ରକଟ କରି ସମସ୍ତଙ୍କ ସାହାଯ୍ୟ ଲୋଡିଛନ୍ତି।

# ଉଜ୍ଜଳ ଶିଖା ୟୁଥ୍ ସ୍ପୋର୍ଟସ କ୍ଲବ୍ ପକ୍ଷରୁ ଫାଇନାଲ କ୍ରିକେଟ ମ୍ୟାଚ୍

ବାସୁଦେବପୁର, ୧/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କିଷ୍ମତ କୃଷ୍ଣପୁର ପଞ୍ଚାୟତର ବଡ଼ ପଦା ଠାରେ ଉଜ୍ଜଳ ଶିଖା କପ୍ ୟୁଥ୍ ଏଣ୍ଡ ସ୍ପୋର୍ଟସ କ୍ଲବ୍ ପକ୍ଷରୁ ଫାଇନାଲ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚରେ ମହାବୀର କ୍ଲବ୍ ବେତଡା ଓ ସୋର ରିଣ୍ଟ ୧୧ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ସୋର ବିଜୟ ଲାଭ କରିଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ଭାରତ ବର୍ଷର କ୍ରୀଡା ଜଗତରେ ସଫଳତା ହାସଲ କରିଥିବା ଦୌଡ ରାଣୀ ଦୂତି ଚାନ୍ଦ । ବର୍ତ୍ତମାନ ପିଲାମାନେ ପାଠ ସହିତ ଖେଳକୁ ମଧ ଗୁରୁତ୍ୱ ଦେବା ଉଚିତ୍ ବୋଲି ଦୂତି ଚାନ୍ଦ କହିଥିଲେ । ଏହି ସଭାରେ ସମାଜ ସେବୀ ବାଣୀ କଲ୍ୟାଣ ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମନୋରଞ୍ଜନ ରାଉତ, ସାଇସେବା ମେଡିସିନ ଷ୍ଟୋର ର ନିର୍ଦ୍ଦେଶକ ବିଜୟ ଘଡ଼େଇ, ଅବସରପ୍ରାପ୍ତ ଜିଲ୍ଲା କ୍ରୀଡା ଅଧିକାରୀ ମନୋଜ ସାର୍ , ରଜତ ବାବୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ମହାବୀରକ୍ଲବ୍ ବେତଡ଼ା ର ମୁଖ୍ୟ ସୌଭାଗ୍ୟ ବିଶ୍ୱାଳ ଓ ସାଥୀ ଖେଳାଳି ଅନେକ ସଂଘର୍ଷ କରିଥିଲେ ମଧ ଦଳ ପରାଜୟ ବରଣ କରିଥିଲେ । ଦୁଇ ହଜାର ଦର୍ଶକ ଖେଳକୁ ଉପଭୋଗ କରିଥିଲେ । ବିଜୟୀ ଦଳକୁ ଚାମ୍ପିଅନ ଟ୍ରଫି ଓ ରାନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ନିର୍ବାଚନୀ ବର୍ଷରେ ଅନ୍ତରୀଣ...

ଭିତ୍ତିଭୂମି ବିକାଶ ଲକ୍ଷ୍ୟରେ ବିମାନ ବନ୍ଦର ସଂଖ୍ୟା ୧୪୯କୁ ବୃଦ୍ଧି ପାଇଛି। ୧୦୦୦ ନୂଆ ବିମାନ କିଣିବାକୁ ଅର୍ଡର କରିଛନ୍ତି ବିମାନ କମ୍ପାନି। ୩ଟି ନୂଆ ରେଳ କରିଡର ଆରମ୍ଭ ହେବ। ବନ୍ଦେ ଭାରତ ଏକ୍ସପ୍ରେସ୍ ବଗିରେ ହେବ ୪୦ ହଜାର ସାଧାରଣ ବଗି। ଅଧିକ ମେଡିକାଲ କଲେଜ ଖୋଲାଯିବ, ଏଥିପାଇଁ ଗଠନ ହେବ କମିଟି। କେନ୍ଦ୍ରମନ୍ତ୍ରୀ ଧ ର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ନିର୍ମଳାଙ୍କ ବଜେଟରେ ଆଗାମୀ ଦିନର ରୋଡ୍ମ୍ୟାପ ପ୍ରତିଫଳିତ ହେଉଛି । ଅନ୍ୟପକ୍ଷରେ ସାଧାରଣ ଲୋକଙ୍କ ପାଇଁ ବଜେଟ୍ରେ କିଛି ନଥିବା କହି ସମାଲୋଚନା କରିଛି କଂଗ୍ରେସ । ଦେଶର ଅର୍ଥ ବ୍ୟବସ୍ଥାକୁ ଗତି ଦେବା ସହ ବିତ୍ତିୟ ନିୟଂଟକୁ କମ୍ କରିବା ପାଇଁ ବଜେଟରେ ପ୍ରୟାସ କରାଯାଇଛି । ନିର୍ବାଚନୀ ବର୍ଷ ହୋଇଥିଲେ ମଧ କୌଣସି ବଡ ଘୋଷଣା କରିନାହାନ୍ତି ଅର୍ଥମନ୍ତ୍ରୀ । ବରଂ କହିଛନ୍ତି ପୁଣିଥରେ ସରକାରକୁ ଆସିବା ପରେ ଜୁଲାଇରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ ମୋଦୀ ସରକାର । ଲାକ୍ଷାଦ୍ୱୀପ ପାଇଁ କାମଚଳା ବଜେଟରେ ସ୍ୱତନ୍ତ୍ର ଘୋଷଣା । ଭାରତୀୟ ପର୍ଯ୍ୟଟନକ୍ଷେତ୍ରର ଭିତିଭୂମିକୁ ଅଧିକ ମଜଭୁତ କରିବା ପାଇଁ ଅନ୍ତରୀଣ ବଜେଟରେ ବଡ ଘୋଷଣା କରାଯାଇଛି । ଲାକ୍ଷାଦ୍ୱୀପକୁ ଅଧିକ ଆକର୍ଷିତ କରିବା ପାଇଁ ସରକାର କରିବେ ବଡ ନିବେଶ । ସରକାର କହିଛନ୍ତି ପର୍ଯ୍ୟଟନକ୍ଷେତ୍ରରେ ସବୁପ୍ରକାର ସୁବିଧା ଓ ବ୍ୟବସ୍ଥା ରହିଲେ ଅଧିକରୁ ଅଧିକ ପର୍ଯ୍ୟଟକ ଆକର୍ଷିତ ହେବେ । ତେଣୁ ଲାକ୍ଷାଦ୍ୱୀପରେ ପୋର୍ଟ କନେକ୍ଟିବିଟି, ଟୁରିଜିମ ଇନଫ୍ରାଷ୍ଟ୍ରକଚର ଓ ଅନ୍ୟାନ୍ୟ ସୁବିଧା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ବିମାନପଥ ବଢ଼ାଇବାକୁ ମଧ ଲକ୍ଷ୍ୟ ରଖାଯାଇଛି । ଚଳିତ ଆର୍ଥିକ ବର୍ଷରେ ନୂଆ ୫୭୦ ବିମାନ ପଥ କରାଯିବ । ଯାହାଦ୍ୱାରା ଏକକୋଟିରୁ ଅଧିକ ପର୍ଯ୍ୟଟକ ସୁବିଧା ପାଇବେ ।ସେହିପରି ଆଗାମୀ ଦିନରେ ରେଳ ଯାତ୍ରାକୁ ଅଧିକଫୋକସ କରାଯିବ । ଏହାର ମୂଳ ଲକ୍ଷ୍ୟ ହେଉଛି କିଭଳି ଭାରତୀୟ ପର୍ଯ୍ୟଟନ କ୍ଷେତ୍ରକୁ ଅଧିକରୁ ଅଧିକ ପର୍ଯଟକ ଆସିବେ । ଘରୋଇ ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ଆର୍କଷଣୀୟ କରିବା ଦିଗରେ କାମ କରାଯିବା । ଏହାଦ୍ୱାରା ସରକାର ଓ ସ୍ଥାନୀୟ ବାସିନ୍ଦା ଅଧିକ ଲାଭବାନ ହେବେ ।

## ରେଳ ବଜେଟରେ...

୨୦୦୯-୧୪ ମସିହା ମଧ୍ୟରେ ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ପ୍ରାୟ ହାରାହାରି ୮୩୬କୋଟି ଟଙ୍କା ଆବଣ୍ଟିତ ହେଉଥିଲା । ୨୦୨୪-୨୫ରେ ଏହି ପରିମାଣ ୧୨ଗୁଣ ବୃଦ୍ଧି ପାଇ ୧୦୫୩୬କୋଟି ଟଙ୍କାରେ ପହଂଚିଛି ବୋଲି ସେ କହିଛନ୍ତି । ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶାର ୫୮ଟି ଷ୍ଟେସନକୁ ଅମୃତ ଭାରତ ଷ୍ଟେସନ ସ୍କିମରେ ସାମିଲ କରାଯିବାକୁ ବଜେଟରେ ବ୍ୟୟବରାଦ ହୋଇଛି । ସେହିପରି 'ୱାନ ଷ୍ଟେସନ ୱାନ ପ୍ରଡକ୍ଟ' ସ୍କିମରେ ଓଡ଼ିଶାର ୩୪ଟି ଷ୍ଟେସନରେ ୪୨ଟି ଷ୍ଟଲ ସ୍ଥାପନ କରାଯିବାର ବ୍ୟବସ୍ଥା ହୋଇଛି । ୨୦୨୩-୨୪ରେ ଓଡ଼ିଶାରେ ୪୭୩କିମି ନୂଆ ରେଳଲାଇନ୍ ବିଛା ଯାଇଥିବାବେଳେ ୨୦୧୪-୨୪ ମସିହା ମଧ୍ୟରେ ପ୍ରତିବର୍ଷ ହାରାହାରି ୨୦୬କିମି ନୂଆ ରେଳଲାଇନ୍ ନିର୍ମାଣ ହୋଇଥିଲା । ତେବେ ୨୦୦୯-୧୪ ମସିହା ମଧ୍ୟରେ ପ୍ରତିବର୍ଷ ମାତ୍ର ୫୩କିମି ରେଳମାର୍ଗ ଓଡ଼ିଶାରେ ନିର୍ମାଣ ସମ୍ଭବପର ହେଉଥିଲା । ସେହିପରି ୨୦୨୩-୨୪ରେ ୪୪କିମି ୧୦୦ ପ୍ରତିଶତ ବିଦ୍ୟୁତକରଣ ହୋଇଛି । ୨୦୦୯-୧୪ ମସିହା ମଧ୍ୟରେ ପ୍ରତିବର୍ଷ ହାରାହାରି ୨୯କିମି ବିଦ୍ୟୁତକରଣ ହେଉଥିଲା ବୋଲି ରେଳ ମନ୍ତ୍ରଣାଳୟରୁ ସୂଚନା ମିଳିଛି।

## ୪ କୋଟି ଟଙ୍କା ଠକେଇ ....

ଏହି ଟଙ୍କା ନେଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା କମ୍ପାନୀ ସେମାନଙ୍କୁ ପ୍ଲଟ୍ କି ଫ୍ଲାଟ୍ ଦେଇ ନାହିଁ। ସେହିପରି ଟଙ୍କା ମଧ ଫେରାଇ ନାହିଁ। ଇଓଡବ୍ଲ୍ୟୁ କହିଛି ଯେ ନିଜ ପାଖରେ କୌଣସି ଜମି ନଥାଇ ଜିଏଲ୍ଫ୍ ଇନ୍ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ ଲିମିଟେଡ୍ର ଏମ୍ଡି ଦୀପକ କୁମାର ଛୋଟରାୟ ଲୋକଙ୍କୁ ମିଛ କହି ଟଙ୍କା ନେଇଥିଲେ। ନକଲି କାଗଜପତ୍ର ଦେଇ କଂପାନୀ ଲୋକଙ୍କୁ ଠକିଥିଲା। କଂପାନୀ ସେମାନଙ୍କଠାରୁ ୪ କୋଟିରୁ ଅଧିକ ଟଙ୍କା ନେଇ ଯାଇଥିଲା। ଏହି ଘଟଣାରେ ଇଓଡବ୍ଲ୍ୟୁ ଅଧିକ ତଦନ୍ତ ଜାରି ରଖିଛି।

## ସୋରେନଙ୍କୁ ....

ଜେଏମଏମ ପ୍ରତିଷ୍ଠାତା ଶିବୁ ସୋରେନଙ୍କ ସହ ମିଶି ବିଶାଳ ଆନ୍ଦୋଳନରେ ଭାଗ ନେଇଥିଲେ । ଝାଡ଼ଖଣ୍ଡ ସ୍ୱତନ୍ତ୍ର ରାଜ୍ୟ ହେବା ପରେ ଆନ୍ଦୋଳନର ଏହି ଚର୍ଚ୍ଚିତ ଚେହେରା ଝାଡ଼ଖଣ୍ଡ ଟାଇଗର ନାଁରେ ଜଣାଗଲେ । ଚମ୍ପାଇ ସୋରେନଙ୍କ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ମିଳିବାପରେ ତାଙ୍କ ଗାଁ ଓ ପରିବାରରେ ଖୁସିର ଲହରୀ ଖେଳିଯାଇଛି । ପାରମ୍ପାରିକ ବାଦ୍ୟଯନ୍ତ୍ର ବଜାଇ, ମିଠା ଖୁଆଇ ଖୁସି ପାଳୁଛନ୍ତି ସମ୍ପର୍କୀୟ। ଏବେ ପ୍ରଶ୍ନ ଉଠୁଛି ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ ମୁଖ୍ୟମନ୍ତ୍ରୀ ହେବା ନେଇ ଯେଉଁ ଚର୍ଚ୍ଚା କରାଯାଉଥିଲା ସେଥିରେ ପୂର୍ଣ୍ଣଛେଦ କାହିଁକି ପଡିଲା ? କଳ୍ପନାଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସ୍ୱତନ୍ତ୍ର ରଣନୀତି କରାଯାଇଥିଲେ ବି ଶେଷ ସମୟରେ ଫେଲ ମାରିଛି । କାରଣ ଚଳିତବର୍ଷ ଶେଷରେ ବିଧାନସଭା ନିର୍ବାଚନ । ଏପରି ସ୍ଥିତିରେ କଳ୍ପନା ପୁଣି ଉପନିର୍ବାଚନ ଜରିଆରେ ବିଧାୟକ ହେବା ସହଜ ନୁହେଁ । କିଛି ମାସ ପରେ ସାଧାରଣ ନିର୍ବାଚନ ଅଛି ତେଣୁ ନିର୍ବାଚନ କମିଶନଙ୍କ ଅନୁମତି ମଧ ମିଳିନପାରେ । କଳ୍ପନାଙ୍କ ପାଇଁ ଉପନିର୍ବାଚନ ଯଦି ହୁଏ ତେବେ ତାହା ବିଳମ୍ବ ମଧ ହୋଇପାରେ । ଏପରି ସ୍ଥିତିରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି ଆଶଙ୍କା ରହିଛି । ଫଳରେ ଚମ୍ପଇଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ନିଷ୍ପତି ନିଆଯାଇଛି ।

## ମାଲକାନଗିରିର କନିଷ୍ଠ....

ଅତିରିକ୍ତ ଏସପିଙ୍କ ସହ ୩ ଜଣ ଡ଼ିଏସପି, ୮ ଜଣ ଇନ୍ସପେକ୍ଟର, ୮ ଜଣ ଏସଆଇ ସାମିଲ ଥିଲେ। ବାଲେଶ୍ୱର ଜଳେଶ୍ୱରରେ ଥିବା ୩ ମହଲା କୋଠା, ଭୁବନେଶ୍ୱର ରଘୁନାଥପୁରରେ ଥିବା ଫ୍ଲାଟ, ପୋଖରୀପୁଟରେ ଥିବା ସମ୍ପର୍କୀୟଙ୍କ ଘର ପ୍ରମୁଖ ସ୍ଥାନରେ ଚଢ଼ାଉ କରାଯାଇଥିଲା।

## ୩୦ବର୍ଷର ଅପେକ୍ଷା ....

ବେଳେ ସପ୍ତାହେ ମଧ୍ୟରେ ବ୍ୟାରିକେଡ ହଟାଇବାକୁ ମଧ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ବଡ଼ ବିଜୟ କହିବା ସହ ମସଜିଦ ପରିସରରେ ଦୀପଜାଳି ହିନ୍ଦୁପକ୍ଷ ଉତ୍ସବ ମନାଇଛନ୍ତି । ଜ୍ଞାନବ୍ୟାପୀ ମନ୍ଦିର ପରିସରରେ ଥିବା 'ବ୍ୟାସଜୀ କା ତହଖାନା'ରେ ପୂଜାର୍ଚ୍ଚନାକୁ ନେଇ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛି ମୁସଲିମ୍ ପକ୍ଷ । ତେବେ ମୁସଲିମ୍ ପକ୍ଷର ଏହି ଆବେଦନକୁ ଖାରଜ କରିବା ସହିତ ଆହ୍ଲାବାଦ ହାଇକୋର୍ଟ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି । ୧୯୯୩ ମସିହାରେ ତହଖାନା ବନ୍ଦ ହେବା ପର୍ଯ୍ୟନ୍ତ ଏଠାରେ ହିନ୍ଦୁ ପୁରୋହିତଙ୍କ ପକ୍ଷରୁ ପୂଜାର୍ଚ୍ଚନା କରାଯାଉଥିଲା । ପୂର୍ବରୁ ଏହି ଅଂଚଳରୁ ହିନ୍ଦୁ ଦେବାଦେବୀଙ୍କ ମୂର୍ତିର ଭଗ୍ନାବଶେଷ ହୋଇଥିଲା । ଏପରିକି ଏଠାରୁ ସଂଗୃହିତ ପ୍ରମାଣ ଆଧାରରେ ଏହା ହିନ୍ଦୁ ମନ୍ଦିରର ଅଂଶ ବୋଲି ବାରାଣାସୀ କୋର୍ଟରେ ଦାଖଲ ତଥ୍ୟରେ କହିଥିଲା ଏଏସଆଇ । 'ୱୁଜୁଖାନା'ରୁ ମିଳିଥିବା ଶିବଲିଙ୍ଗ ଏବଂ ଏବଂ ଉକ୍ତ ସ୍ଥାନର ବୈଜ୍ଞାନିକ ସର୍ବେକ୍ଷଣ ପାଇଁ ୪ଜଣ ମହିଳା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାର ଗୋଟିଏ ଦିନ ପରେ ଐତିହାସିକ ରାୟ ଶୁଣାଇଥିଲେ ବାରଣାସୀ କୋର୍ଟ । 'ବ୍ୟାସଜୀ କା ତହଖାନା'ରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ମଧ କଡ଼ାକଡ଼ି କରାଯାଇଛି ।

# ଦିବାରାତ୍ର ଅନ୍ତଃଜିଲ୍ଲା ଭଲିବଲ ସୁପର ଲିଗ୍ ଟୁର୍ଣ୍ଣାମେଣ୍ଟ: ବାଲେଶ୍ୱର ଦଳ ଚମ୍ପିୟାନ



ବସ୍ତା, ୧/୨ (ନି.ପ୍ର): ରାଉତପଡ଼ା ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ବାପୁଜୀ ଯୁବକ ସଂଘ ଆନୁକୂଲ୍ୟରେ ଦିବାରାତ୍ର ଅନ୍ତଜିଲ୍ଲା ଭଲିବଲ ସୁପର ଲିଗ୍ ଟୁର୍ଣ୍ଣକ୍ଷମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣା ମେଣ୍ଟ ରେ ୬ ଟି ଦଳ ବାଲେଶ୍ୱର , ଭଦ୍ରକ , ଭୋଗରାଇ , ମୟୂରଭଞ୍ଜ , ମାଣିକପୁର , ମଧୁପୁରା ଭାଗ ନେଇ ଥିଲେ । ବାଲେଶ୍ୱର ବିଜେତା ହୋଇଥିବା ବେଳେ ମୟୂରଭଞ୍ଜ ଉପବିଜେତା ହୋଇଥିଲା । ଚମ୍ପିୟାନ ଓ ରନର୍ସ ଅପ ଦଳକୁ ନଗଦ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉକ୍ତ ଟୁର୍ନାମେଣ୍ଟକୁ ମୁଖ୍ୟ ଅତିଥି ସମାଜସେବୀ ନିରଞ୍ଜନ ବେହେରା ଉଦ୍ଘାଟନ କରିଥିଲେ। ଭଲିବଲ ରେଫେରୀ , ନେସନାଲ ରେଫ୍ରୀ ଧନଞ୍ଜୟ ତ୍ରିପାଠୀ , ହରିନାଥ ସାହୁ , ଚାରୁଚନ୍ଦ୍ର ନାୟକ ପରିଚାଳନା କରିଥିଲେ । ସଂଘ ସଭାପତି ଶକ୍ତିଧର ନାୟକ , ସଦସ୍ୟ ନଟବର ନାୟକ, ଶଶଧର ସ୍ୱାଇଁ , ଶଶିକାନ୍ତ ପଣ୍ଡା , ବିଶ୍ୱନାଥ ସାହୁ , ରତିକାନ୍ତ ସାହୁ, ଅସୀମ କୁମାର, ବିଷ୍ଣୁଚରଣ ରାଉତ , ପ୍ରଭାକର ମହାନ୍ତି , ନରହରି ଦାସ , ପ୍ରଦିପ ପଣ୍ଡା , ମାୟାଧର ମଣି ଦାସ ଓ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ । ପରିଶେଷରେ ମୁଖ୍ୟ ଅତିଥି ସମାଜସେବୀ ନିରଞ୍ଜନ ବେହେରା , ସଭାପତି ଶକ୍ତିଧର ନାୟକ ଓ କିଛି ଶିକ୍ଷାବିତ୍ , ସମାଜ ସେବୀ ଙ୍କୁ ସଂଘ୍ ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା ।

ଶୁକ୍ରବାର, ଫେବୃଆରୀ ୨, ୨୦୨୪

# ଧ୍ୱନି ପ୍ରତିଧ୍ୱନି

## ବିଧାୟକଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ: ଯୋଗଦେଲେ ଶହେରୁ ଉର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀ

ନୀଳଗିରି, ୧/୨ (ନି.ପ୍ର): ଗୁରୁବାର ନୀଳଗିରି ନିର୍ବାଚନ ମଣ୍ଡଳୀର ତେଲିପାଳ ଠାରେ ବିଜେପିର ଏକ ବଡଧରଣର ମିଶ୍ରଣ ପର୍ବରେ ଯୋଗଦେଲେ ଅନ୍ୟ ଦଳର ଶତାଧିକ କର୍ମୀ। ବିଜେପିର ନୀତି,ଆଦର୍ଶ ସର୍ବୋପରି ବିଧାୟକ ଇଂ ସୁକାନ୍ତ ନାୟକଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ, କାମକରିବାର ଇଚ୍ଛାଶକ୍ତି, ନେତୃତ୍ୱରେ ଅନୁପ୍ରାଣିତହେବା ସହ ନୀଳଗିରିରେ ବିଜେପିର ଡବଲ ଇଞ୍ଜିନର ବିକାଶ ମୂଳକ କାମରେ ଅନୁପ୍ରାଣିତ ହୋଇ ଆଜି ନୀଳଗିରି ନିର୍ବାଚନ ମଣ୍ଡଳୀର ଗରଡ଼ିହି ଓ ଛତ୍ରପୁର ପଞ୍ଚାୟତର ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱକର୍ମୀ ଅନ୍ୟ ଦଳ ଓ ବିଜେଡିରୁ କିଛି ଯୁବ କର୍ମୀ ବିଜେପିରେ ଯୋଗଦେଇଛନ୍ତି। ତେଲିପାଳ ସ୍ଥିତ କଲ୍ୟାଣ ମଣ୍ଡପରେ ଆୟୋଜିତ ବିଜେପି ମିଶ୍ରଣ ପର୍ବରେ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକଙ୍କ ଉପସ୍ଥିତରେ ସମସ୍ତେ ଯୋଗଦେଇଥିଲେ। ବିଧାୟକ ସମସ୍ତ କର୍ମୀ ମାନଙ୍କୁ ଫୁଲତୋଡା ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ନୀଳଗିରି ବଣସୀମା ଅଞ୍ଚଳରେ ଏହି ଯୁବକ ମାନେ ବିଜେପିରେ ଯୋଗଦେବା ଫଳରେ ଆଗାମୀ ସାଧାରଣ ନିର୍ବାଚନରେ ବିଜେପି ସୁଦୃଢ ହେବ ବୋଲି ଦୃଢ଼ୋକ୍ତି କରିଛନ୍ତି ନୀଳଗିରି ବିଧାୟକ ସୁକାନ୍ତ ନାୟକ।ଏହି ମିଶ୍ରଣ ପର୍ବରେ ବିଜେପିର ବରିଷ୍ଠ ନେତା ଉପେନ୍ଦ୍ର ଦାସ,ଆରବନ୍ଧ ସରପଞ୍ଚ



କୁଳମଣୀ ନାୟକ, ଅଶୋକାଶିନୀ ନାୟକ,ରାଜେଶ ନାୟକ, ସୁକାନ୍ତ ବେହେରା, ପ୍ରତାପରୁଦ୍ର ସିଂ, ହରେକୃଷ୍ଣ ମାଝୀ ସମେତ ବହୁ ଦଳୀୟ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

## ଓଡ଼ିଆ ଚଳଚ୍ଚିତ୍ରରେ ସଂଳାପ ସବୁବେଳେ ବାସ୍ତବଧର୍ମୀ ଓ ଓଡ଼ିଆ ସଂସ୍କୃତିର ପରିଚୟ ବହନ କରିବା ଆବଶ୍ୟକ



ଭୁବନେଶ୍ୱର, ୧/୨ (ନି.ପ୍ର): ଓଡ଼ିଆ ଚଳଚ୍ଚିତ୍ରରେ ସଂଳାପ ସବୁବେଳେ ବାସ୍ତବଧର୍ମୀ ଓ ଓଡ଼ିଆ ସଂସ୍କୃତିର ପରିଚୟ ବହନ କରିବା ଆବଶ୍ୟକ ବୋଲି ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ସଂପ୍ରତି ଓଡ଼ିଆ ଚଳଚ୍ଚିତ୍ରର ଚର୍ଚ୍ଚିତ ସଂଳାପକାର, ଗୀତିକାର ଡ. ରଜନୀ ରଞ୍ଜନ ବା ସଂଳାପ ରଚନା କ୍ଷେତ୍ରରେ ଶତକ ହାସଲ ନିମନ୍ତେ ଆର.ଆର. ଇଭେଣ୍ଟସ୍ ଓ ନୃତ୍ୟ ପ୍ରତିଭା ତରଫରୁ ଏକ ଭବ୍ୟ ସାଂସ୍କୃତିକ ସମାବେଶ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ର, ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ, ମୋ କଲେଜ ଅଧ୍ୟକ୍ଷ ଅଭିନେତା ଆକାଶଦାସ ନାୟକ, ଓଡ଼ିଶା ସରକାରର ବରିଷ୍ଠ ପ୍ରଶାସକ ପାର୍ଥସାରଥି ମିଶ୍ର ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ ଅତିଥି ଭାବେ ଯୋଗଦେଇଥିଲେ । ପ୍ରାରମ୍ଭରେ ଆର.ଆର. ଇଭେଣ୍ଟସ୍ ମୁଖ୍ୟ ରମେଶ ବାରିକ ଓ ନୃତ୍ୟ ପ୍ରତିଭାର ଗୁରୁ ପ୍ରତିଭା ପଣ୍ଡା ରଜନୀ ରଂଜନଙ୍କ ବିରଳ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଏହାପରେ ରଜନୀ ରଂଜନଙ୍କ ଗୀତକୁ ନେଇ କଣ୍ଠଶିଳ୍ପୀ ସୌରଭ ନାୟକ, ବିଭୂକିଶୋର, ପ୍ରୀତିନନ୍ଦା ରାଉତରାୟ, ପ୍ରଶାନ୍ତ ପାଢୀ, ସ୍ୱୟଂ ପାଢୀ, ପ୍ରତିଭା ପ୍ରଧାନ, ଡ. ସନ୍ତୋଷ ଦାସ, ଦୀନବନ୍ଧୁ ମଲିଆ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ ଓ ନୃତ୍ୟ ପ୍ରଦର୍ଶନର ଆୟୋଜନ କରାଯାଇଥିଲା। ଏହି ଅବସରରେ ଡ. ରଜନୀ ରଂଜନ ପ୍ରଥମ ଚଳଚ୍ଚିତ୍ର 'ଏଇ ସଂଘର୍ଷ' ଓ 'ମୋ ଭାଇ ଜଗା'ର ପ୍ରଯୋଜକ, ନିର୍ଦ୍ଦେଶକ, ସଂଗୀତ ନିର୍ଦ୍ଦେଶକ ଓ କଳାକାରଙ୍କ ସମେତ ରଜନୀ ରଂଜନଙ୍କ ଏହି ଦୀର୍ଘ ଯାତ୍ରାରେ ସାମିଲ୍ ଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ରଙ୍ଗାରଙ୍ଗ ଉତ୍ସବରେ ଅଭିନେତା ସବ୍ୟସାଚୀ, ଅର୍ଚ୍ଚିତା, ବବି ମିଶ୍ର, ଶୀତମ୍ ଦାସ, ଶୀତଲ, ନମ୍ରତା, ଅଙ୍କିତା, ଶଙ୍କର, ପ୍ରଜ୍ଞା, ଉଷସୀ ମିଶ୍ର, ପୁଷ୍ପାପଣ୍ଡା, ବାପୁ ଲେଙ୍କା ତଥା ଓଡ଼ିଶାର ବହୁ ସିନେ ପ୍ରଯୋଜକ ନିର୍ଦ୍ଦେଶକ ଯୋଗ ଦେଇଥିଲେ । ରଜନୀଙ୍କ ଦୁଇଟି ପୁସ୍ତକ 'ଲିଭିକ୍ ଏ ଫିଲ୍ମି ଲାଇଫ୍' ଓ 'ଶବ୍ଦର ସୌଦାଗର ରଜନୀ ରଂଜନ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ ।

## କୃତି ବିଜ୍ଞାନ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ବାରିପଦା, ୧/୨ (ନି.ପ୍ର): ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ରାଜ୍ୟର ଶିକ୍ଷା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ ଗତ ୩୧ ଜାନୁଆରୀ ୨୦୨୪ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ ହୋଇଥିବା ଶିକ୍ଷା ପୁରସ୍କାର ସାରସକଣା ବ୍ଲକସ୍ଥିତ ଖେର୍ଣ୍ଣା ଈଶ୍ୱର ଚନ୍ଦ୍ର ହାଇସ୍କୁଲର କୃତି ବିଜ୍ଞାନଶିକ୍ଷକ ଜଗନ୍ନାଥ ସାହୁ ମଧ୍ୟ ଲାଭ କରିଥିବା ଖବର ହସ୍ତଗତ ହୋଇଛି। ଶ୍ରୀ ସାହୁ ଛାତ୍ରବତ୍ସଳ କୃତିଶିକ୍ଷକ ହେବା ସହିତ ରାଜ୍ୟର ଅଲୌକିକ ଘଟଣା ପଛର ବୈଜ୍ଞାନିକ ସତ୍ୟତା (ଝମସରଭମର ଭରଷସଭୟ ଗସକ୍ସବମକ୍ଷର )କୁ ନେଇ ରାଜ୍ୟର ଜଣାଶୁଣା ଜଣେ ଯାଦୁଗର। ସେଥିପାଇଁ ଓଡ଼ିଶା ବିଜ୍ଞାନ ଏକାଡେମି ଦ୍ୱାରା ମଧ୍ୟ ସମ୍ବର୍ଦ୍ଧିତ। ଅଧିକନ୍ତୁ ରାଜ୍ୟ ପାଠାଗାର ପୁସ୍ତକ ଚୟନ କମିଟିର ସଦସ୍ୟ। ସେ ଜଣେ ସ୍ୱନାମଧନ୍ୟ ସାହିତ୍ୟକାର ଓ ସାରସ୍ୱତ ସଂଗଠକ। ସ୍ଥାନୀୟ ନନ୍ଦିଘୋଷ ସାହିତ୍ୟ ସମାଜର ସମ୍ପାଦକ। ସାରସକଣା ଅଞ୍ଚଳରୁ ମକର ସଂକ୍ରାନ୍ତି ଏବଂ ପବିତ୍ର ଶ୍ରୀଗୁଣ୍ଡିଚା ଶୁଭାବସରରେ ଯଥାକ୍ରମେ ବର୍ଷକୁବର୍ଷ ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକା 'ମକର ମଣ୍ଡା'ର କାର୍ଯ୍ୟକାରୀ ସମ୍ପାଦକ ତଥା ଆଧ୍ୟାତ୍ମିକ ପତ୍ରିକା ପ୍ରକାଶନ 'ହୋ' ଭଗତେ..'ର ପ୍ରମୁଖ ସଦସ୍ୟ। ଏହାଛଡା ସେ ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ଓ ମନ୍ଦିର ପରିଚାଳନା ଟ୍ରଷ୍ଟର ସମ୍ପାଦକ। ସର୍ବୋପରି ସେ ଜଣେ ବିଶିଷ୍ଟ ପରିବେଶବିତ, ବୃକ୍ଷ ରୋପଣକାରୀ ପ୍ରକୃତିମିତ୍ର ଓ ପ୍ରକୃତି ବନ୍ଧୁ। ତତଜନିତ ୨୦୧୨ ଏବଂ ୨୦୧୭ ମସିହାରେ ସରକାରୀ ପୁରସ୍କାର ମଧ୍ୟ ଲାଭ କରିଛନ୍ତି। ଖେର୍ଣ୍ଣା ଗ୍ରାମଠାରୁ ସାରସକଣା ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିଲୋମିଟର



ସରକାରୀ ରାସ୍ତାର ଉଭୟ କଡରେ ସମ୍ପ୍ରତି ଯେଉଁ ଗଛମାନ ଦଣ୍ଡାୟମାନ ହୋଇ ଖରାଦିନେ ମଣିଷ ଓ ଜୀବଜନ୍ତୁକୁ ଛାୟା ଓ ବର୍ଷାରେ ଆଶ୍ରୟ ଦେଉଛନ୍ତି ତାର ରୋପଣ ଓ ରକ୍ଷଣାବେକ୍ଷଣର ଅନନ୍ୟ ତତ୍ତ୍ୱାବଧାରକ। ବାରିପଦା ଆକାଶବାଣୀ କେନ୍ଦ୍ରର ବିଭିନ୍ନ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରୁଥିବାର ବି ତାଙ୍କୁ ଦେଖାଯାଏ। ପୂର୍ବରୁ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଭାବେ ଦାୟିତ୍ୱ ନିର୍ବାହ କରିଥିବାର ଅଭିଜ୍ଞତା ମଧ୍ୟ ତାଙ୍କର ରହିଛି। ବ୍ଲକର ଏଭଳି ଜଣେ ପ୍ରତିଭାସମ୍ପନ୍ନ ଶିକ୍ଷକଙ୍କୁ ସରକାର ପୁରସ୍କୃତ କରିଥିବାରୁ ସାରସକଣା ଅଞ୍ଚଳବାସୀ ଓଡ଼ିଶାର ଯଶସ୍ୱୀ ମୁଖ୍ୟମନ୍ତ୍ରୀ ମାନ୍ୟବର ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି।

## କଂଗ୍ରେସରେ ମିଶିଲେ ବିଜେପି ଓ ବିଜେଡ଼ିର ନେତା ଓ କର୍ମୀ

ବେତନଟୀ, ୧/୨ (ନି.ପ୍ର): ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ବଡ଼ସାହି ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ସେତେକି ବଢ଼ିଚାଲିଛି । ବେତନଟୀ ବ୍ଲକ ଅଁଳା ଗ୍ରାମପଞ୍ଚାୟତର କିଛି ବିଜେଡି ଓ ବିଜେପିର ନେତା ଓ କର୍ମୀ ମାନେ ବେତନଟୀ ବ୍ଲକ ସଭାପତି କୁସଧର ବେହେରା ଓ ଯୁବ ସଂଗଠକ କ୍ଷୀରୋଧ କୁମାର ପାତ୍ର ଏବଂ ନେତୃ ମଣ୍ଡଳୀ ଙ୍କ ଉପସ୍ଥିତିରେ କଂଗ୍ରେସରେ ଯୋଗ ଦେଇଛନ୍ତି।

## ନିଗମ ଝୋଟ ନ କିଣିବା ପ୍ରତିବାଦରେ ଚାଷୀଙ୍କ ଅନଶନ

ଲଙ୍ଗଳେଶ୍ୱର ୧/୨( ନି ପ୍ର ) ଭାରତୀୟ ଝୋଟ ନିଗମ ଝୋଟ ନ କିଣିବା ପ୍ରତିବାଦ ରେ ଆସନ୍ତା କାଲି ଠୁ ଚାଷୀ ମାନେ ବ୍ଲକ ସାମ୍ନା ରେ ଧାରଣା ଅନଶନରେ ବସିବେ ବୋଲି ଆଜି ଜଣାଇଛନ୍ତି।ଏନେଇ ସେମାନେ ଆଜି ତହସିଲଦାର ଜନକ କୁମାର ନାୟକ ଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି।ନିଗମ ବାରମ୍ୱାର ପ୍ରତିଶ୍ରୁତି ଦେଇ ଏବେ ଚାଷୀଙ୍କୁ ନିରାଶ କରିଥିବା ପ୍ରକାଶ।ଚାଷୀମାନେ ଜିଲ୍ଲାପାଳ ଙ୍କୁ ମଧ ଅବଗତ କରାଇଥିଲେ।ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କୁ ନିଗମ ମାନୁ ନ ଥିବା ଚାଷୀମାନେ କହିଛନ୍ତି।ନିଗମ ର ପ୍ରତିଶ୍ରୁତି ପରେ ଚାଷୀମାନେ ଏଠାରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରିଥିଲେ।ବୁଧବାର ଝୋଟ କ୍ରୟ ହେବାର ଥିଲା।ମାତ୍ର ନିଗମ ନୀରବ ରହିବା ଚାଷୀଙ୍କୁ ବିସ୍ମିତ କରିଛି। ଅରବିନ୍ଦ ବେହେରା ,ମନ୍ମଥ କୁମାର ପାତ୍ର , ସୁଦାମ କୁମାର ଦାସ , ସଞ୍ଜୟ କୁମାର ଧଳ , ସୁଶାନ୍ତ କୁମାର ନାୟକ ପ୍ରମୁଖ ଶତାଧିକ ଚାଷୀ ଅନଶନରେ ବସିବେ ବୋଲି ଜଣାଇଛନ୍ତି।

## କୁମ୍ଭାରୀ ସଂସ୍କୃତ କଲେଜରେ 'ନୂଆ ଓ' ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



ବାଲିଆପାଳ/ଲଙ୍ଗଳେଶ୍ୱର, ୧/୨ (ନି.ପ୍ର): ବାଲିଆପାଳ ବ୍ଲକ କୁମ୍ଭାରୀ ସ୍ଥିତ ନଗେନ୍ଦ୍ର ନାଥ ସଂସ୍କୃତ କଲେଜରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ' ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ 'ଲୋକାର୍ପଣ ପରିପ୍ରେକ୍ଷୀରେ 'ନୂଆ ଓ' ଅନ୍ତର୍ଗତ ସାହିତ୍ୟ ପ୍ରତିଯୋଗିତାର ଉଦଯାପନୀ ଉତ୍ସବ ଅଧ୍ୟକ୍ଷ ମନୋରଞ୍ଜନ ପଣ୍ଡାଙ୍କ ପୌରହିତ୍ୟରେ ବୁଧବାର ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟ ଅତିଥି ଭାବେ ନାବରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ଜାଲି, ମୁଖ୍ୟ ବକ୍ତା ସିଆରସିସି ମନୋରଂଜନ ଜେନା,ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୁବ ସାମ୍ବାଦିକ ଗୋପ ନାରାୟଣ ଜେନା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ରମେଶ ଚନ୍ଦ୍ର ସେଠୀ ପରିଚାଳନା କରିବା ସହ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପ୍ରାପ୍ତ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟାପକ ଶ୍ରୀଧର ମହାଳିକ,ଦିଲ୍ଲୀପ କୁମାର ଭଦ୍ର, କାଶୀନାଥ ଗିରି, ଅଧ୍ୟାପିକା ସବିତା ରାଣୀ ମହାପାତ୍ର, ଅନୁପମା ମହାପାତ୍ର ଏବଂ ବିକାଶ ମହାପାତ୍ର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ବେତନଟୀ, ୧/୨ (ନି.ପ୍ର): ବେତନଟୀ ମହାବିଦ୍ୟାଳୟ ପରିସରରେ ଆଜି ବାଳିକା ଆତ୍ମରକ୍ଷା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି ଓ ଅଧ୍ୟାପିକା କଳ୍ପଲତା ବେହେରାଙ୍କ ସଂଯୋଜନା ଓ ଅଧ୍ୟକ୍ଷ ଡ଼ ମନୋରଞ୍ଜନ ମହାନ୍ତ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ଶ୍ରୀମତୀ ସଂଯୁକ୍ତା ଜି, ମୁଖ୍ୟ ବକ୍ତା ଭାବେ ଅଧ୍ୟାପିକା ଲ୍ମା କଳ୍ପନା ଜେନା, ସମ୍ମାନିତ ଅତିଥି ଭାବରେ ଏମପିସି ଉଚ୍ଚ ମାଧମିକ ବିଦ୍ୟାଳୟ ର ଅଧକ୍ଷ ଡକ୍ଟର ଉପେନ୍ଦ୍ର କୁମାର ମାଝୀ, ଜିଲ୍ଲା ନୋଡାଲ ଅଫିସର ଡ଼ ସୁଦର୍ଶନ ସିଂ, ସହ ସଂଯୋଜକ ଆଦ୍ୟାଶକ୍ତି ସିଂ, କରିସ୍ମା ରଣା, ମଧୁସ୍ମିତା ବେହେରା ପ୍ରମୁଖ ମଞ୍ଚାସୀନ ରହି ନିଜର ନିଜର ବକ୍ତବ୍ୟ ରଖିଥିଲେ ଓ ଏହି ଶିବିର ଆଠ ଦିନ ଧରି ପ୍ରଶିକ୍ଷଣ କୌଶଳ ଶିକ୍ଷାଦାନ ଦିଆଯାଉଥିଲା। ଏଥିରେ ୧୯୯ ଜଣ ଛାତ୍ରୀ ଙ୍କ ମାନପତ୍ର ପ୍ରଦାନ କରାଯାଇଥିଲା। ଶ୍ୱିର ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ସହଯୋଗ କରିଥିଲେ ।

## ରାଜ୍ୟର ୩ ସ୍ଥାନରେ ଘନ କୁହୁଡ଼ି ଅନୁଭୂତ

ଭୁବନେଶ୍ୱର, ୧/୨ (ନି.ପ୍ର): ରାଜ୍ୟର ତିନୋଟି ସ୍ଥାନରେ ଆଜି ସକାଳେ ଘନ କୁହୁଡ଼ି ଅନୁଭୂତ ହୋଇଥିବା ବେଳେ ୬ଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଅନୁଭୂତ ହୋଇଛି । କଟକ, ଚାନ୍ଦବାଲି ଓ ବାଲେଶ୍ୱରରେ ଘନ କୁହୁଡ଼ି ଅନୁଭୂତ ହୋଇଛି । ଯାହାର ଦୃଶ୍ୟମାନ ଦୂରତା ୫୦ ମିଟରରୁ ୨୦୦ ମିଟର ମଧ୍ୟରେ ରହିଛି । ସେହିପରି ଭୁବନେଶ୍ୱର, ରାଉରକେଲା, ଝାରସୁଗୁଡ଼ା, ବାରିପଦା, କେନ୍ଦୁଝର ଏବଂ ଭବାନୀପାଟଣାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଅନୁଭୂତ ହୋଇଛି ।

## ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ



ଉଦଳା , ୧/୨ (ନି.ପ୍ର): ସ୍ଥାନୀୟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ଗତ ଜାନୁଆରି ୩୧ ତାରିଖ ବୁଧବାର ଦିନ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ମାସ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା ।ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୁଜାମାଧୁରୀ ଦାସ ପୁରସ୍କାର ବିତରଣି ଉତ୍ସବରେ ଅଧ୍ୟକ୍ଷତା କରି, ଖାଦ୍ୟ, ବସ୍ତ୍ର, ବାସଗୃହ ପରେ ବଂଚି ରହିବା ପାଇଁ ଶିକ୍ଷା ଆଜି କିପରି ଜରୁରି ହୋଇ ପଡ଼ିଛି ସେ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ, 'ଭାରତେ ସଂସ୍କୃତେ ନାରୀ ମାତା ନାରାୟଣି ସଦା' ଅର୍ଥାତ ଭାରତରେ ନାରୀ ଶକ୍ତି ରାଷ୍ଟ୍ରକୁ ସୁଦୃଢ଼ କରିଥାଏ ତଥା ସମାଜକୁ ଧାରଣ କରିଥାଏ ବୋଲି ବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବାଣୀ ବିହାରର ପ୍ରାକ୍ତନ ପ୍ରଫେସର ଡ଼. ଅନାଦି ଚରଣ ଗାଁଣ, ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ନିତଶ କୁମାର ଘୋଷ, କପ୍ତିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ କୁମାର ମିଶ୍ର, ଛାତ୍ରୀ କମିଟିର ପୂର୍ବତନ ସଭାପତି ଆଦ୍ୟାଶା ଦାସ, ପରିଚାଳନା କମିଟିର ସଭାପତି ସୁରେନ୍ଦ୍ର ନାଥ ପୃଷ୍ଟି ପ୍ରମୁଖ ଯଥାକ୍ରମେ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଅତୀତରେ ମହିଳା ମାନଙ୍କୁ କେବଳ ଶିକ୍ଷା ନୁହେଁ ବିଭିନ୍ନ କ୍ଷେତ୍ରରେ ଅଣଦେଖା କରାଯାଉଥିଲା, ଏବେ କିଁ ସମୟ ବଦଳିଛି ମହିଳା ମାନେ ପାଠ ପଢ଼ିବା ସହିତ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇ ପାରୁଛଁ ବୋଲି ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଶିକ୍ଷୟିତ୍ରୀ ରିତା ରାଉତ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ବାର୍ଷିକ ବିରଣୀ ପାଠ ଓ ମଂଚ ପରିଚାଳନାର ଦାୟିତ୍ୱ ତୁଲାଇଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ସଂସ୍କୃତି କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା କାରାଗାର ଭଦ୍ରକର କଏଦୀମାନଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ

ଭଦ୍ରକ, ୧/୨ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜିଲ୍ଲା କାରାଗାର ଭଦ୍ରକ ଠାରେ ଥିବା କଏଦୀମାନଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯାଇଥିଲା । ନେହା ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଭଦ୍ରକ ଏହି ଧନ୍ଦାମୂଳକ ଶିକ୍ଷା ପ୍ରଦାନ ତଥା ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଋଷିନାଥ ନାୟକ ମୁଖ୍ୟ ପରିଚାଳକ, ଜିଲ୍ଲା କାରାଗାର, ଭଦ୍ରକ, ସହକାରୀ ପରିଚାଳକ ଅଞ୍ଜନ କୁମାର ପଣ୍ଡା, ପ୍ରସନ୍ନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ହସ୍ତଶିଳ୍ପ ବିକାଶ ଅଧିକାରୀ, ମହେନ୍ଦ୍ର ନାଥ ଟୁଡୁ, ଜଉ କଣ୍ଢେଇ ଶିଳ୍ପୀ, ଆନନ୍ଦ ଚନ୍ଦ୍ର ନାୟକ, ନିପୁଣ ହସ୍ତଶିଳ୍ପୀ, ବାଉଁଶ କାରିଗରୀ, ତପଜ୍ୟୋସ୍ନା ଗିରି ଏବଂ ମଣୀବାଳା ଘଡ଼େଇ ପ୍ରମୁଖ ଏହି ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲା କାରାଗାରର କଏଦୀମାନଙ୍କୁ ବାଉଁଶରେ ତିଆରି କଲମ ଷ୍ଟାଣ୍ଡ, ଫୁଲଦାନି, ଫୁଲ ଝୋଟି ଇତ୍ୟାଦି ତଥା କଣ୍ଢେଇ ଶିଳ୍ପୀ ଗଛ ଉପରେ ଗୋଟିଏ ଶୁଆ ବସିଥିବାର ଗଢ଼ିଥିଲେ । ଆଗାମୀ ଦିନରେ ନିଜେ ଆତ୍ମ ନିର୍ଭରଶୀଳ ହୋଇ



ନିଜ ଭବିଷ୍ୟତକୁ ସୁଚାରୁରୂପେ ଗଢ଼ି ତୋଳିବା ତଥା ଭବିଷ୍ୟତରେ ଜଣେ ଜଣେ ଉଚ୍ଚକୋଟୀର ଶିଳ୍ପୀ ହୋଇ ବାହାରିପାରିବ ଏଥିରେ ସନ୍ଦେହ ନାହିଁ, ସେଥିପାଇଁ ଦୃଢ଼ ସଂକଳ୍ପ ତଥା ଭଲ ମଣିଷ ହୋଇ ବାହାରିବା ପାଇଁ ସେମାନଙ୍କୁ ଉପସ୍ଥିତ ଥିବା ସମସ୍ତ ସଦସ୍ୟବୃନ୍ଦ ଆହ୍ୱାନ କରିଥିଲେ ।

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ତିରୋଧାନ ଦିବସରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ବିଧାୟକ ସୁକାନ୍ତ ନାୟକ

ନୀଳଗିରି, ୧/୨ (ନି.ପ୍ର): ଅଲଚିକି ଭାଷାର ସ୍ରଷ୍ଟା ତଥା ମହାନ ଆଦିବାସୀ ଜନନାୟକ ପଣ୍ଡିତ ରଘୁନାଥ ମୁର୍ମୁ ଙ୍କ ୪୨ତମ ତିରୋଧାନ ଦିବସରେ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ତେଲିପାଳ କଲ୍ୟାମଣ୍ଡପ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଭକ୍ତପୂତ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୁବନେତା ଉପେନ୍ଦ୍ର ଦାସ, ଆଶୋକାସିନୀ ନାୟକ, ରାଜେଶ ନାୟକ (ବାପି) ସୁକାନ୍ତ ବେହେରା,ତେଲିପାଳର ପୂର୍ବତନ ସରପଂଚ ସେରାଲ ବାସ୍କେ, ଅବସରପ୍ରାପ୍ତ ଶିକ୍ଷକ ଗୋବିନ୍ଦ ହାଁସଦା ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ବାସୁଦେବପୁର, ୧/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିନୟକପୁର୍ ପଞ୍ଚାୟତର ବାଗଦା ଦାଶ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ର ସହକାରୀ ଶିକ୍ଷକ ରମାକାନ୍ତ ସାହୁଙ୍କ ପାଇଁ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନବ କିଶୋର ପଣ୍ଡା ଏହି ସଭାରେ ସଭାପତିତ୍ୱ କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୃନ୍ଦାବନ ବେହେରା, ଗୀତିକାର ପୀତାମ୍ବର ମିଶ୍ର, ସମାଜସେବୀ ବିଜୟ ପଣ୍ଡା, କବି ଭଗବାନ ଚନ୍ଦ୍ର ମିଶ୍ର, ଗଜେନ୍ଦ୍ର ପ୍ରସାଦ ମିଶ୍ର, ୱାର୍ଡ ସଭ୍ୟ ପ୍ରଭାକର ଡାଙ୍ଗୁଆ ପ୍ରମୁଖ ଅତିଥି ଓ ବକ୍ତା ଭାବେ ଯୋଗଦେଇ ସାହିତ୍ୟ, ଶିକ୍ଷା ଓ କଳା ସଂସ୍କୃତି ସମ୍ପର୍କ ରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅବସର ପ୍ରାପ୍ତ ଶିକ୍ଷକ ରମାକାନ୍ତ ସାହୁ ଓ ଭୈରବ ଚନ୍ଦ୍ର ରଣା ଙ୍କୁ ଏହି ଅବସରରେ




ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାରେ ଶିକ୍ଷକ ଓ କବି ସଞ୍ଜୟ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ସହକାରୀ ଶିକ୍ଷକ ଅଭିମନ୍ୟୁ ସେଠି ଧନ୍ୟବାଦ ଅର୍ପଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo